NITIDIN
ନିତିଦିନ
RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-
www.nitidin.com
twitter.com/nitidintoday
facebook.com/nitidintoday
TUESDAY
26 MAY 2026
ମଙ୍ଗଳବାର
୨୬ ମେ ୨୦୨୬
NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 367 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ • ସଂଖ୍ୟା ୩୬୭ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର

# ପିଏମ୍‌ଙ୍କୁ ଭେଟିଲେ ସିଏମ୍



**ଭୁବନେଶ୍ୱର,୨୫।୫/ଏନ୍‌ଏନ୍‌ଏସ୍:**

## ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବ ପାଇଁ କଲେ ଆମନ୍ତ୍ରଣ

## ଭିତ୍ତିଭୂମିର ବିକାଶ, ପୁଞ୍ଜି ନିବେଶ ସୁଯୋଗ ସମ୍ପର୍କରେ ଆଲୋଚନା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସୋମବାର ଭେଟିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ । ବିଶେଷ ଭାବରେ ଓଡ଼ିଶାର ଭିତ୍ତି ଭୂମିର ବିକାଶ, ପୁଞ୍ଜିନିବେଶ ସୁଯୋଗର ସମ୍ପ୍ରସାରଣ ▶▶ ୫

## ପ୍ରଥମ ପର୍ଯ୍ୟାୟ ପଦ୍ମ ପୁରସ୍କାର ୨୦୨୬ ପ୍ରଦାନ

# ୬୬ ଜଣଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

## ଧର୍ମେନ୍ଦ୍ରଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ, ହରମନ୍‌ପ୍ରୀତଙ୍କୁ ପଦ୍ମଶ୍ରୀ

**ନୂଆଦିଲ୍ଲୀ, ୨୫।୫/ଏଜେନ୍ସି:**

ସୋମବାର ରାଷ୍ଟ୍ରପତି ଭବନରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ୬୬ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କୁ ୨୦୨୬ ବର୍ଷ ପାଇଁ ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଏବଂ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରିଛନ୍ତି । ଏହି ଅବସରରେ ଭାରତର ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ଗୃହମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ଗଣମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ସର୍ବପ୍ରଥମେ ବଲିଉଡର ଦିବଙ୍ଗତ ସୁପରଷ୍ଟାର ଧର୍ମେନ୍ଦ୍ର ସିଂହ ଦେଓଲଙ୍କୁ ମରଣୋତ୍ତର ଭାବେ ଦେଶର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ 'ପଦ୍ମ ବିଭୂଷଣ' ପ୍ରଦାନ କରାଯାଇଛି । ଧର୍ମେନ୍ଦ୍ରଙ୍କ ପକ୍ଷରୁ ଏହି ସମ୍ମାନ ତାଙ୍କ ପତ୍ନୀ ତଥା ଅଭିନେତ୍ରୀ-ସାଂସଦ ହେମା ମାଳିନୀ ଗ୍ରହଣ କରିଛନ୍ତି । ସେହିପରି ବିଜ୍ଞାପନ ଜଗତର ଅନ୍ୟତମ ପ୍ରଖ୍ୟାତ ନାମ ପୀୟୁଷ ପାଣ୍ଡେଙ୍କୁ ମଧ୍ୟ ମରଣୋତ୍ତର ଭାବେ 'ପଦ୍ମ ଭୂଷଣ' ସମ୍ମାନ ପ୍ରଦାନ କରାଯାଇଛି । ପୀୟୁଷଙ୍କ ପତ୍ନୀ ନୀତା ଯୋଶୀ ଏହି ସମ୍ମାନକୁ ଗ୍ରହଣ କରିଛନ୍ତି । ଏତଦ୍‌ବ୍ୟତୀତ ଭାରତୀୟ ମହିଳା କ୍ରିକେଟ ଦଳର ଅଧିନାୟିକା ହରମନପ୍ରୀତ କୌରଙ୍କୁ କ୍ରୀଡ଼ା କ୍ଷେତ୍ରରେ



ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ 'ପଦ୍ମଶ୍ରୀ', ସମ୍ମାନରେ ସମ୍ମାନିତ କରାଯାଇଛି । ତାଙ୍କ ନେତୃତ୍ୱରେ ଭାରତୀୟ ମହିଳା ଦଳ ଦେଶ ମାଟିରେ ଦେଶ ପାଇଁ ଦିନିକିଆ ବିଶ୍ୱକପ୍ ଜିତି ଇତିହାସ ରଚିଥିଲା । କଳା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ପାଇଁ ବିଶିଷ୍ଟ ବେହେଲା ବାଦିକା ▶▶ ୫

## ଓଡ଼ିଶାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ



ଓଡ଼ିଶାର ବିଶିଷ୍ଟ ଶିକ୍ଷାବିତ, ଭାଷାବିତ୍ ତଥା ଲୋକକଥାକାର ଡକ୍ଟର ମହେନ୍ଦ୍ର ମିଶ୍ରଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଡକ୍ଟର ମିଶ୍ର ଚାରି ଦଶନ୍ଧିରୁ ଅଧିକ ସମୟ ଧରି ବିଲୁପ୍ତପ୍ରାୟ ଆଦିବାସୀ ଭାଷାକୁ ଆଧୁନିକ ଶିକ୍ଷା ପ୍ରଣାଳୀରେ ସାମିଲ କରିବା ଏବଂ ସଂରକ୍ଷଣ କରିବା ପାଇଁ ସମର୍ପିତ ହୋଇ କାମ କରିଛନ୍ତି । ସେ ଆଦିବାସୀଙ୍କ ବିକାଶ ସହିତ ଆଦିବାସୀ ଭାଷା, ସଂସ୍କୃତି ▶▶ ୫

# ଓଡ଼ିଶାରେ ଏକାଠି ହେବେ ବ୍ରିକ୍ସ ରାଷ୍ଟ୍ର

## ଜୁନ୍ ୩ରୁ ୫ ଯାଏ ପୁରୀରେ ବ୍ରିକ୍ସର ଦ୍ୱିତୀୟ ବୈଷୟିକ ବୈଠକ

**ନୂଆଦିଲ୍ଲୀ, ଭୁବନେଶ୍ୱର, ୨୫।୫/ଏଜେନ୍ସି:**

ଓଡ଼ିଶାର ପବିତ୍ର ସହର ପୁରୀରେ ଜୁନ୍ ୩ରୁ ୫ଜୁନ୍ ଯାଏ ଅନୁଷ୍ଠିତ ହେବାକୁ ଥିବା 'ବ୍ରିକ୍ସ ଶିଖର ସମ୍ମିଳନୀ'ର ଦ୍ୱିତୀୟ ବୈଷୟିକ ବୈଠକ ଅନୁଷ୍ଠିତ ହେବ । ଏହା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ ହୋଇଥିବା ବେଳେ ଏଥିରେ ବ୍ରିକ୍ସ'ର ସଦସ୍ୟ ରାଷ୍ଟ୍ରଗୁଡ଼ିକର 'ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ' ସମୂହ ଯୋଗଦେବେ । ଜଳବାୟୁ

## ଯୋଗଦେବେ ସଦସ୍ୟ ରାଷ୍ଟ୍ରଙ୍କ 'ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ'ସମୂହ

## ଜରୁରିକାଳୀନ ପରିସ୍ଥିତିରେ ପାରସ୍ପରିକ ସହଯୋଗ ବୃଦ୍ଧି ମୁଖ୍ୟ ଉଦ୍ଦେଶ୍ୟ

ପରିବର୍ତ୍ତନ ଏବଂ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଶ୍ୱସ୍ତରୀୟ ସହଯୋଗକୁ ଆଗକୁ ବଢ଼ାଇବା ଦିଗରେ ଏହି ବୈଠକରେ ବ୍ୟାପକ ଆଲୋଚନା କରାଯିବ । ତାଜ୍ ପୁରୀ ରିସୋର୍ଟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମିଳନୀ ପାଇଁ ସହନଶୀଳତା, ନବୋନ୍ମେଷ, ସହଯୋଗ ଏବଂ ସ୍ଥିରତା ପାଇଁ ନିର୍ମାଣ ଆଦି ମୁଖ୍ୟ ପ୍ରସଙ୍ଗ ବା ମୂଳ ଥିମ୍ ରହିଛି । ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାର ବିଶ୍ୱସ୍ତରୀୟ ସଫଳତାକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଏହାର ▶▶ ୫

# ବିଜେଡି ଓ ରାଜ୍ୟସଭାରୁ ଦେବାଶୀଷଙ୍କ ଇସ୍ତଫା

## ରାଜ୍ୟସଭାରେ ବିଜେଡିର ସାଂସଦଙ୍କ ସଂଖ୍ୟା ୫କୁ ହ୍ରାସ

**ଭୁବନେଶ୍ୱର,୨୫।୫/ଏନ୍‌ଏନ୍‌ଏସ୍:**

ବିଜେଡି ରାଜନୀତିରେ ପୁଣି ଏକ ବିସ୍ଫୋରଣ । ଦଳର ବରିଷ୍ଠ ନେତା ତଥା ରାଜ୍ୟସଭା ସାଂସଦ ଦେବାଶୀଷ ସାମନ୍ତରାୟ ଆଜି ଉଭୟ ଦଳ ଓ ସାଂସଦ ପଦରୁ ଇସ୍ତଫା ଦେଇଛନ୍ତି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଚିଠି ଲେଖି ସେ ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ବିଧିବଦ୍ଧ ଇସ୍ତଫା ଦେଇଥିବାବେଳେ ଦିଲ୍ଲୀରେ ରାଜ୍ୟସଭା ଅଧ୍ୟକ୍ଷ ସିପି ରାଧାକ୍ରିଷ୍ଣନଙ୍କୁ



ଭେଟି ତାଙ୍କର ଇସ୍ତଫା ଦେଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି କ୍ଷମତାରୁ ହଟିବା ପରେ ଦଳର ତୃତୀୟ ରାଜ୍ୟସଭା ସାଂସଦ ଭାବେ ଦେବାଶୀଷ ବିଜେଡି ଛାଡ଼ିଛନ୍ତି । ଦେବାଶୀଷ ୨୦୨୪ ଏପ୍ରିଲରେ ବିଜେଡିରୁ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ ।

ଉଲ୍ଲେଖଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ରାଜ୍ୟରେ ସରକାର ଗଢ଼ିବା ପରେ ବିଜେଡିର ରାଜ୍ୟସଭା ସାଂସଦଙ୍କ ଇସ୍ତଫା ପର୍ବ ▶▶ ୫

## ଇଦ୍-ଉଲ୍-ଜୁହା ଛୁଟି

# ୨୭ ମେ ବଦଳରେ ୨୮

**ଭୁବନେଶ୍ୱର,୨୫।୫/ଏନ୍‌ଏନ୍‌ଏସ୍:**

ଇଦ୍-ଉଲ୍-ଜୁହା ଛୁଟି ଦିବସ ୨୭ ମଇ ୨୦୨୬ ପରିବର୍ତ୍ତେ ୨୮ ମଇ ୨୦୨୬ରେ ପାଳନ କରିବାକୁ ରାଜ୍ୟ ସରକାର ଘୋଷଣା କରିଛନ୍ତି । ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ବିଜ୍ଞପ୍ତି ସଂ. ୪୨୪୩୭/ରାଜସ୍ୱ, ଓ ବିଜ୍ଞପ୍ତି ସଂ. ୪୨୪୨୮/ରାଜସ୍ୱ, ୧୧ ନଭେମ୍ବର ୨୦୨୫ରେ ଆଂଶିକ ପରିବର୍ତ୍ତନ କରାଯାଇଛି । ବିଜ୍ଞପ୍ତିରେ କୁହାଯାଇଛି ଯେ, ▶▶ ୫

## ଘାଟିକୁ ଖସିଲା ସ୍କର୍ପିଓ

# ୮ ଯୁବକ ମୃତ

**ମୁମ୍ବାଇ,୨୫।୫/ଏଜେନ୍ସି:**

ମହାରାଷ୍ଟ୍ରରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ୮ ଜଣଙ୍କ ଜୀବନ ଯାଇଛି । ଏକ କାର ଘାଟିକୁ ଖସିପଡ଼ିବାରୁ ଏହି ଦୁର୍ଘଟଣା ଘଟିଛି । ମହାରାଷ୍ଟ୍ରର ରାୟଗଡ଼ ଜିଲ୍ଲାର ଆମ୍ବେନଳୀ ଘାଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି । ଏକ ସ୍କର୍ପିଓ ୭୦୦ ଫୁଟ ଗଭୀର ଘାଟିରେ ଖସିପଡ଼ିଛି । ମହାବଳେଶ୍ୱର ଏବଂ ପୋଲାଡପୁର ମଧ୍ୟରେ ଘଟିଥିବା ଏହି ଦୁର୍ଘଟଣାରେ ସ୍କର୍ପିଓରେ ଯାତ୍ରା କରୁଥିବା ୮ ଜଣ ଯୁବକଙ୍କ ମୃତ୍ୟୁ ହୋଇଛି । ରବିବାର ରାତି ପ୍ରାୟ ୨:୪୫ରେ ଏହି ସଡ଼କ ଦୁର୍ଘଟଣା ଘଟିଥିଲା । ପୁଲିସ ଅନୁଯାୟୀ, ମୃତକ ୮ ଜଣ ▶▶ ୫

# ତେଲ ହେଲା ଆହୁରି ମହଙ୍ଗା

**ଭୁବନେଶ୍ୱର,୨୫।୫/ଏନ୍‌ଏନ୍‌ଏସ୍:**

## ପେଟ୍ରୋଲ୍ ଲିଟର ପିଛା ୨ ଟଙ୍କା ୬୧ ପଇସା, ଡିଜେଲ୍ ଦର ଲିଟର ପିଛା ୨ ଟଙ୍କା ୭୧ ପଇସା ବୃଦ୍ଧି

ମେ ମାସର ତାରିଖରୁ ବଳିଗଲା ତେଲ ଦର ତାତି । ସକାଳୁ ସକାଳୁ ଗାଡି ଟାଙ୍କିରେ ଲଗାଇବା ବେଳକୁ ବଢ଼ି ଯାଉଛି ଦର, ବଦଳିଯାଉଛି ରେଟ୍ ଚାଟ୍ । ସୋମବାର ପୁଣି ପେଟ୍ରୋଲ ଏବଂ ଡିଜେଲ ଦର ବୃଦ୍ଧି ହୋଇଛି । ପେଟ୍ରୋଲ ଲିଟର ପିଛା ୨ ଟଙ୍କା ୬୧ ପଇସା ବୃଦ୍ଧି ପାଇଥିବା ବେଳେ ଡିଜେଲ୍ ଦର ଲିଟର ପିଛା ୨ ଟଙ୍କ ୭୧ ପଇସା ବୃଦ୍ଧି ପାଇଛି । ଖାଉଟିଙ୍କୁ ଗତ ୧୦ ଦିନରେ ୪ ଥର ଲାଗିଲାଣି ତେଲ ଦର ବୃଦ୍ଧି ଝଟକା । ଚାରି ଥରରେ ପେଟ୍ରୋଲ ୭ଟଙ୍କା ୮୬ ଓ ଡିଜେଲ ଦାମ୍ ବଢ଼ିଲାଣି ୮ଟଙ୍କା । ବର୍ଦ୍ଧିତ ତୈଳଦର ଯୋଗୁଁ ନୂଆଦିଲ୍ଲୀରେ ପେଟ୍ରୋଲ ଦର ୧୦୨ ଟଙ୍କା ୧୨ ପଇସା ହୋଇଛି । ସେହିପରି ଡିଜେଲ ଦର ୯୫ ଟଙ୍କା ୨୦ ପଇସା ▶▶ ୫




# ଓଇଆର୍‌ସି ଅଧ୍ୟକ୍ଷ ପଦ ଛାଡ଼ିଲେ ପ୍ରଦୀପ

**ଭୁବନେଶ୍ୱର,୨୫।୫/ଏନ୍‌ଏନ୍‌ଏସ୍:**

ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଛନ୍ତି ପ୍ରଦୀପ କୁମାର ଜେନା । ବ୍ୟକ୍ତିଗତ କାରଣ ଦର୍ଶାଇ ସେ ଏ ପଦରୁ ଇସ୍ତଫା ଦେଇଥିଲା ବେଳେ ଏହା ମଞ୍ଜୁର ହୋଇଯାଇଛି । ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଇସ୍ତଫା ଗୃହୀତ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି ।



ସୂଚନାଯୋଗ୍ୟ ବରିଷ୍ଠ ଆଇଏଏସ୍ ଅଫିସର ପ୍ରଦୀପ ଜେନା ରାଜ୍ୟରେ ଜଣେ ଦକ୍ଷ ପ୍ରଶାସନିକ ଅଧିକାରୀ ଭାବେ ପରିଚିତ । ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳ ଦାୟିତ୍ୱରୁ ଆରମ୍ଭ କରି ସେ ରାଜ୍ୟ ମୁଖ୍ୟ ଶାସନ ସଚିବ ଭାର ନିଷ୍ଠାର ସହ ତୁଲାଇଥିଲେ । ୨୦୨୩ ମାର୍ଚ୍ଚ ପହିଲାରୁ ସେ ମୁଖ୍ୟ ଶାସନ ସଚିବ ଭାର ଜୁନ୍ ୩୦ , ୨୦୨୪ ଯାଏଁ ସମ୍ଭାଳିଥିଲେ । ଏ ସମୟରେ ସେ ନିଜ ▶▶ ୫




## ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ମାମଲା

# ପାଞ୍ଚ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର

**ବ୍ରହ୍ମପୁର,୨୫।୫/ଏନ୍‌ଏନ୍‌ଏସ୍:**

ଅପରାଧ ଦମନ ପାଇଁ ପୁଲିସର କଡ଼ା ଆକ୍ସନ୍ । ବ୍ରହ୍ମପୁର ବଡ଼ବଜାର ଥାନା ଅନ୍ତର୍ଗତ ଅମ୍ବିକା ନଗରରେ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ମାମଲାର ଭିଡିଓ ଭାଇରାଲ୍ ହେବାର ପାଞ୍ଚ ଘଣ୍ଟା ଭିତରେ ଅଭିଯୁକ୍ତଙ୍କୁ ଏନ୍‌କାଉଣ୍ଟର । ବୋମା ଫିଙ୍ଗି ଖସିଯିବାକୁ ଉଦ୍ୟମ ବେଳେ ଏନକାଉଣ୍ଟର୍ କରିଛି ପୁଲିସ । ଅଭିଯୁକ୍ତ ଜଗା ଓରଫ୍ ଜଗନ୍ନାଥ ସାହୁର ଦୁଇ ଆଣ୍ଠୁରେ ବାଜିଛି ଗୁଳି । ଗୁରୁତର ଅବସ୍ଥାରେ ଜଗାକୁ ଏମ୍‌କେସିଜି ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି । ଅନ୍ୟପକ୍ଷରେ ଜଗାର ଭାଇ ବଳିଆ ଫେରାର ହୋଇଯାଇଛି ।

ସୂଚନା ଅନୁଯାୟୀ, ରବିବାର ରାତି ୯ଟାରେ ମଙ୍ଗଳା ବେହେରା ନାମକ ଜଣେ ଜେଲ ଫେରନ୍ତା



ଯୁବକ ଅମ୍ବିକା ନଗର ଛକରେ ଥିବା ଫାଷ୍ଟଫୁଡ୍ ଦୋକାନକୁ ଯାଇଥିବାବେଳେ ସେଠାରେ ଜଗା ଓ ବଳିଆ ଆସି ଖଣ୍ଡାରେ ହାଣିଥିଲେ । ରକ୍ତାକ୍ତ ଅବସ୍ଥାରେ

## ଅପରାଧ ଦମନ ପାଇଁ ପୁଲିସର କଡ଼ା ଆକ୍ସନ୍

## ୯ ଦିନ ଭିତରେ ତୃତୀୟ ଏନ୍‌କାଉଣ୍ଟର

ମଙ୍ଗଳାଙ୍କୁ ଉଦ୍ଧାର କରି ଏମ୍‌କେ ସିଜି ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଭର୍ତ୍ତି କରାଯାଇଛି । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ଡାକ୍ତର ପ୍ରକାଶ ▶▶ ୫

ନିତିଦିନ NITIDIN

## ଜଳ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ

**କଟକ,୨୫।୫/ଏନ୍ଏନ୍ଏସ୍:** ସମାଜସେବା ସଂଗଠନ 'ସାଇରାମ ବ୍ରଦର୍ସ' ପକ୍ଷରୁ ଜଳ ବଣ୍ଟନ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୧୫ବର୍ଷ ଧରି ସମାଜସେବା ଓ ଜନସଚେତନତାଧର୍ମୀ କାର୍ଯ୍ୟ ଚଳାଇଆସୁଥିବା ଏହି ଅନୁଷ୍ଠାନ ପକ୍ଷରୁ ବକ୍ସିବଜାରସ୍ଥିତ ଅମରେଶ୍ୱର ମନ୍ଦିର ସମ୍ମୁଖରେ ୭ଦିନିଆ କାର୍ଯ୍ୟକ୍ରମର ଆଜିଠାରୁ ଆରମ୍ଭ ହୋଇଛି। ସାତଦିନ ଧରି ତୃଷାର୍ତ୍ତଙ୍କୁ ଦହିପାଣି ବଣ୍ଟନ ସହ ଅସହ୍ୟ ତାତିର ମୁକାବିଲା ଏବଂ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ସାଧାରଣ ଲୋକଙ୍କୁ ସଚେତନ କରାଯିବା ଆଦି କାର୍ଯ୍ୟକ୍ରମ ଚାଲିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି। ଶ୍ରମିକ, ରିକ୍ସାଚାଳକ, ବୟସ୍କ ପଦଯାତ୍ରୀ ଓ ତରୁଣ ଗୋଷ୍ଠୀଙ୍କୁ ଦିବା ୧୧ରୁ ଅପରାହ୍ଣ ୩ଟା ପର୍ଯ୍ୟନ୍ତ ଆଦୌ ପ୍ରଖର ସୂର୍ଯ୍ୟରଶ୍ମୀର ସଂସ୍ପର୍ଶରେ ନ ଆସିବା, ପର୍ଯ୍ୟାପ୍ତ ଜଳପାନ କରି ଶୋଷଠୁଁ ଦୂରେଇ ରହିବା, ପାଖରେ ପାଣିବୋତଲ ଓ ଧଳାକପଡ଼ା ରଖିବା ନିତାନ୍ତ ଆବଶ୍ୟକ ବୋଲି ସଂଗଠନର ସଦସ୍ୟମାନେ ସଚେତନ କରାଇଥିଲେ। ସପ୍ତାହକ ମଧ୍ୟରେ ପାଣିପାଗରେ ପରିବର୍ତ୍ତନ ନ ଆସିଲେ କାର୍ଯ୍ୟକ୍ରମର ଅବଧି ବୃଦ୍ଧି କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।



### ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

# କଟକ ସିଟି ହସ୍ପିଟାଲ୍‌କୁ ତାଙ୍କ ନାମରେ ନାମିତ ପାଇଁ ଦାବି

**କଟକ,୨୫।୫/ଏନ୍ଏନ୍ଏସ୍:** ବୀରେନ ମିତ୍ର ଫାଉଣ୍ଡେସନ୍ ତରଫରୁ ପୂର୍ବତନ ମୁଖ୍ୟମନ୍ତ୍ରୀ ବୀରେନ ମିତ୍ରଙ୍କ ୪୮ତମ ଶ୍ରାଦ୍ଧ ବାର୍ଷିକୀ ମିଶନ୍ ରୋଡ୍‌ରେ ପାଳିତ ହୋଇଯାଇଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ସ୍ୱର୍ଗତ ବୀରେନ ମିତ୍ରଙ୍କ ଭୂମିକା ଓ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଓଡ଼ିଶାର ସାମଗ୍ରିକ ବିକାଶରେ ତାଙ୍କର ଅତୁଳନୀୟ ଅବଦାନ ଥିଲା। କଟକ ସିଟି ହସ୍ପିଟାଲକୁ ତାଙ୍କ ନାମରେ ନାମିତ କରିବା ପାଇଁ ତାଙ୍କ ଶ୍ରାଦ୍ଧୋତ୍ସବରେ ଯୋଗ ଦେଇ ବହୁବିଶିଷ୍ଟ ବ୍ୟକ୍ତି ଦାବି କରିଛନ୍ତି। ବିଜେଡି ଜିଲ୍ଲା ସଭାପତି ପ୍ରଫୁଲ୍ଲ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ମନ୍ତ୍ରୀ ଦେବୀ



ପ୍ରସାଦ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପୂର୍ବତନ ମନ୍ତ୍ରୀ ଶଶି ଭୂଷଣ ବେହେରା, ମେୟର୍ ସୁବାସ ସିଂ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ପ୍ରକାଶ ରାୟ, ରଶ୍ମି ରେଖା ଦାସ, କଂଗ୍ରେସ ନେତା ବିଶ୍ୱଜିତ୍ ମହାନ୍ତି, ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ମହମ୍ମଦ୍ ସକିଲ, ପ୍ରଶାନ୍ତ ନାୟକ, କର୍ପୋରେଟର୍ ଲିଜାରାଣୀ ରାଉତ ଓ ବନଲତା ପ୍ରଧାନ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଜେପି ନେତା ଲଲାଟେନ୍ଦୁ ବଡୁ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫାଉଣ୍ଡେସନର ସାଧାରଣ ସମ୍ପାଦକ ନିମାଇଁ ଚରଣ ସାହୁ, ସାଧାରଣ ସମ୍ପାଦକ ସୋମିତ ମିତ୍ର, ଉପସଭାପତି ଆଦିତ୍ୟ ନାରାୟଣ ସ୍ୱାଇଁ, ଅଣନାତି ଅଭେତ ମିତ୍ର, ଦେବେନ୍ଦ୍ର ସାହୁ, ଅନିତା ବେହେରା, ଭିକାରୀ ଚରଣ ଦାସ, ଦେବେନ୍ଦ୍ର କାହାଳୀ, ରତନ ମହାନ୍ତି, ମହମ୍ମଦ ସବୀର, କେଦାରନାଥ ବେହେରା, ଏକ୍ରାମ ହୁସେନ୍, କାଶୀନାଥ ମଲ୍ଲିକ, କୁଲୁ ମଲ୍ଲିକ, ଦେବାଶିଷ ଘୋଷ, ଚିରଞ୍ଜନ ବେହେରା ପ୍ରମୁଖ ସ୍ୱର୍ଗ ମିତ୍ରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ଓ ସ୍ୱର୍ଗତ ମିତ୍ରଙ୍କ ସ୍ମୃତି ଚାରଣ କରିଥିଲେ। ଫାଉଣ୍ଡେସନ୍ ଆନୁକୂଲ୍ୟରେ ପୂର୍ବାହ୍ଣରେ ଗଡ଼ଗଡ଼ିଆ ଘାଟରେ ତିଳତର୍ପଣ କରାଯାଇଥିଲା ବେଳେ ମିଶନ୍ ରୋଡ୍ ସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ବିଜୁଳି କାଟ୍ ଓ ଲୋ-ଭୋଲ୍‌ଟେଜ୍ ପାଇଁ ବଢ଼ୁଛି ଅସନ୍ତୋଷ

**କଟକ,୨୫।୫/ଏନ୍ଏନ୍ଏସ୍:** ଗତ କିଛି ଦିନ ଧରି ମାରାତ୍ମକ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଓଡ଼ିଶା ଏକ ବଳକା ବିଜୁଳି ଉତ୍ପାଦନକାରୀ ରାଜ୍ୟ ହୋଇଥିବାରୁ ଚଳିତ ବର୍ଷ ଗ୍ରୀଷ୍ମ କାଳରେ ଆଦୌ ବିଜୁଳି କାଟ ହେବନାହିଁ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ବିଜୁଳି କାଟ ହେଲେ ଏଥିପାଇଁ ଦାୟୀ ଅଧିକାରୀମାନଙ୍କୁ ଜେଲ୍ ପଠାଇ ଦିଆଯିବ ବୋଲି ଖୋଦ୍ ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ ତଥା ବିଦ୍ୟୁତ୍ ବିଭାଗର ମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ବର୍ତ୍ତମାନ ପ୍ରବଳ ଗରମ ଓ ଅସହ୍ୟ ଗୁଳୁଗୁଳି ଲାଗି ରହିଥିବା ବେଳେ ଗ୍ରାମାଞ୍ଚଳରେ ଲଗାତାର ୧୦ ଘଣ୍ଟାରୁ ୧୨ ଘଣ୍ଟା ଧରି ବିଜୁଳି କାଟ ହେଉଛି।



ସହରାଞ୍ଚଳରେ ମଧ୍ୟ ଘଣ୍ଟା ଘଣ୍ଟା ଧରି ଲୋ ଭୋଲଟେଜ୍ ଓ ବିଜୁଳି କାଟ ଲାଗି ରହିଛି। ଖରା ଗରମରେ ଆଉଟୁପାଉଟୁ ହେଉଥିବା ଲୋକଙ୍କ ଦୁଃଖ ଶୁଣିବାକୁ କେହି ନାହିଁ। ଆଦୌ ବିଜୁଳି କାଟ ହେବନାହିଁ ବୋଲି ପୂର୍ବରୁ ଘୋଷଣା କରିଥିବା ରାଜ୍ୟ ଶକ୍ତିମନ୍ତ୍ରୀ ବର୍ତ୍ତମାନର ବିଜୁଳି କାଟ ଓ ଲୋ ଭୋଲଟେଜ୍ ପାଇଁ ଏସି ବ୍ୟବହାର ନକରିବାକୁ କହିଛନ୍ତି। ସେ ଲୋକଙ୍କ ଉପରେ ଦୋଷ ଲଦି ଦେଉଛନ୍ତି ଓ ଅତ୍ୟଧିକ ଏସି ବ୍ୟବହାର ଯୋଗୁଁ ବିଜୁଳି କାଟ ଓ ଲୋ ଭୋଲଟେଜ୍ ହେଉଛି ବୋଲି ବିଭାଗୀୟ ମନ୍ତ୍ରୀ ଦାବି କରିଛନ୍ତି। ମାତ୍ର ଏହା ସତ୍ୟ ନୁହେଁ, ବର୍ତ୍ତମାନ ରାଜ୍ୟରେ ବିଜୁଳି କାଟ ଚାଲିଥିବା ବେଳେ ଆଜି ବି ଚଢ଼ା ଦରରେ ରାଜ୍ୟ ବାହାରେ ବିଜୁଳି ବିକ୍ରି କରିବାକୁ ରାଜ୍ୟ ବିଜେପି ସରକାର ଟାଟା କମ୍ପାନୀକୁ ସୁଯୋଗ ଦେଇଛନ୍ତି। ଫଳରେ ରାଜ୍ୟରେ ବିଜୁଳି ସଙ୍କଟ ଦେଖାଦେଇଛି। ସୁତରାଂ, ରାଜ୍ୟ ବିଜେପି ସରକାର ଟାଟା କମ୍ପାନୀର ମୁନାଫା ପାଇଁ ଯେ ଆଜି ରାଜ୍ୟବାସୀଙ୍କୁ ଏହି ଧରଣର ନାହିଁ ନଥିବା ସଙ୍କଟ ମଧ୍ୟକୁ ଠେଲି ଦେଇଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ କୁହାଯାଇଛି। ଆଜିର ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ସମ୍ପାଦକ ବିଶ୍ୱାବସୁ ଦାସ, ଅଫିସ ସମ୍ପାଦକ ଖଗେଶ୍ୱର ସେଠୀ, ରାଜକିଶୋର ମଲ୍ଲିକ, ବବି ବଳବନ୍ତରାୟ, ମାଳବିକା ସାମଲ, ବସନ୍ତ ନାୟକ, ଭାଗ୍ୟରବି ଦାସ, ସୌଭାଗ୍ୟ ସାମଲ, ଦୀପକ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି

**କଟକ,୨୫।୫/ଏନ୍ଏନ୍ଏସ୍:** ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଆଜି ବାରଙ୍ଗ ବ୍ଲକ୍ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୧୦୪ଟି ଅଭିଯୋଗ ହସ୍ତଗତ ହୋଇଥିବାବେଳେ ତନ୍ମଧ୍ୟରେ ୭୧ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୩୩ଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୨୨ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଉପ ଆୟୁକ୍ତ ପୁଲିସ୍ କମିଶନରେଟ୍, ଭୁବନେଶ୍ୱର-କଟକ ଖିଲାରୀ ରଷିକେଶ ଦ୍ୟାନଦେଓ, ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ



ଅଧିକାରୀ ପ୍ରଶାନ୍ତ କୁମାର ନାୟକ ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିସହ ପାନୀୟ ଜଳ, ବିଦ୍ୟୁତ୍, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଠାରେ ସୂଚନାଯୋଗ୍ୟ, ଆସନ୍ତା ୧ ତାରିଖରେ କଣ୍ଟାପଡ଼ା ବ୍ଲକ୍‌ଠାରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ଏହି ଅଭିଯୋଗ ଶୁଣାଣି ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟଠାରେ ମଧ୍ୟ ଏହି ଜନଶୁଣାଣି ସକାଳ ୭ଟାରେ ଅନୁଷ୍ଠିତ ହେବ।

## 'ଆଞ୍ଚଳିକ ସ୍ତରରେ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ' ଶୀର୍ଷକ ଆଲୋଚନାଚକ୍ର

**କଟକ,୨୫।୫/ଏନ୍ଏନ୍ଏସ୍:** ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର



ଛାତ୍ରଛାତ୍ରୀମାନଙ୍କୁ ନେଇ ଏକ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ୟାପିଟାଲ୍ ଆଇନ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅମରେଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଞ୍ଚଳିକ ସ୍ତରରେ ସ୍ୱାଧୀନତାର ବହ୍ନିକୁ ପ୍ରଜ୍ୱଳିତ କରିଥିବା ମହାନ ବ୍ୟକ୍ତି ବିଶେଷମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ଆଞ୍ଚଳିକ ସ୍ତରରେ ରହି ମଧ୍ୟ ବହୁ ସ୍ୱାଧୀନତା ସଂଗ୍ରାମୀ କାରାବରଣ କରିବା ସହ ଦେଶ ପାଇଁ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି। ସେହି ମହାନ ବ୍ୟକ୍ତି ବିଶେଷଙ୍କୁ ଜାତୀୟସ୍ତରରେ ସେତିକି ସମ୍ମାନ ମିଳିପାରିନାହିଁ। ଏଣୁ ସେହି ମହାନ୍ ବ୍ୟକ୍ତି ବିଶେଷଙ୍କ ଜୀବନୀ, କାର୍ଯ୍ୟାବଳୀ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ସେମାନଙ୍କ କାର୍ଯ୍ୟଧାରାର ପ୍ରଚାର ପ୍ରସାର କରିବା ଜରୁରୀ ବୋଲି ଡ. ସାହୁ ପ୍ରକାଶ କରିଥିଲେ। ବୟାଳିଶମୌଜା ଉନ୍ନୟନ ପରିଷଦର ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଅନୀଲ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ବୟାଳିଶୀମୌଜା ଅଞ୍ଚଳର ମହାନ ବ୍ୟକ୍ତି ବିଶେଷଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ତୃପ୍ତି ଦାସ ଯୋଗ ଦେଇଥିଲେ। ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନର ସଂଗଠନର ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ସଭାପତି ସରୋଜ ନଳିନୀ ପରିଜା ଧନ୍ୟବାଦ ପ୍ରଦାନ କରିଥିଲେ।

## ଉତ୍କଳ ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ଷଷ୍ଠ ସେମିଷ୍ଟାର୍ ପରୀକ୍ଷା ଫଳ ପ୍ରକାଶ: ପାସ୍‌ହାର ୯୬%

**ଭୁବନେଶ୍ୱର,୨୫।୫/ଏନ୍ଏନ୍ଏସ୍:** ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ୨୦୨୩ ଶିକ୍ଷାବର୍ଷ ନାମଲେଖା ବ୍ୟାଚ୍‌ର ଯୁକ୍ତ ତିନି ଷଷ୍ଠ ସେମିଷ୍ଟାର ନିୟମିତ ପରୀକ୍ଷାର ପାସ୍ ଓ ଫେଲ୍ ଫଳାଫଳ ପ୍ରକାଶ ପାଇଛି। ଚଳିତ ବର୍ଷ କଳା, ବିଜ୍ଞାନ ଏବଂ ବାଣିଜ୍ୟ ବିଭାଗରେ ପରୀକ୍ଷାର୍ଥୀମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଚଳିତବର୍ଷ ପାସ୍ ହାର ୯୬% ରହିଛି।

ପ୍ରକାଶିତ ସୂଚନା ଅନୁଯାୟୀ, କଳା ସମ୍ମାନ ଶ୍ରେଣୀରେ ମୋଟ ୨୬,୩୮୯ ଜଣ ପରୀକ୍ଷା ଦେଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨୫,୫୬୩ ଜଣ କୃତକାର୍ଯ୍ୟ ହୋଇଛନ୍ତି, ୮୧୯ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି ଏବଂ ୭ ଜଣ ମାଲପ୍ରାକ୍ଟିସ(ଏମ୍‌ପି) ହୋଇଛନ୍ତି। ଏହି ଶ୍ରେଣୀରେ ପାସ୍ ହାର ୯୬.୮୭ ପ୍ରତିଶତ ରହିଛି। ସେହିପରି କଳା ସାଧାରଣ ଶ୍ରେଣୀରେ ମୋଟ ୧୬୨ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୬୦ ଜଣ ପାସ୍ କରିଛନ୍ତି ଏବଂ ମାତ୍ର ୨ ଜଣ ଫେଲ୍ ହୋଇଛନ୍ତି, ଯାହାକି ୯୮.୭୭ ପ୍ରତିଶତ ପାସ୍ ହାର ସୂଚାଉଛି। ସାମଗ୍ରିକ ଭାବେ କଳା ବିଭାଗରେ ମୋଟ ୨୬,୫୫୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫,୭୨୩ ଜଣ ସଫଳ ହୋଇଥିବା ବେଳେ ୮୨୧ ଜଣ ଫେଲ୍ ହୋଇଛନ୍ତି ଏବଂ ମୋଟ ପାସ୍ ହାର ୯୬.୮୮ ପ୍ରତିଶତ ରେକର୍ଡ କରାଯାଇଛି। ସେହିପରି ବିଜ୍ଞାନ ବିଭାଗରେ ମଧ୍ୟ ପରୀକ୍ଷା ଫଳ ବେଶ୍ ଉତ୍ସାହଜନକ ରହିଛି। ବିଜ୍ଞାନ ସମ୍ମାନ ଶ୍ରେଣୀରେ ମୋଟ ୧୦,୯୧୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୦,୪୩୧ ଜଣ ପାସ୍ କରିଛନ୍ତି ଏବଂ ୪୮୮ ଜଣ ଅକୃତକାର୍ଯ୍ୟ ହୋଇଛନ୍ତି। ଏହି ଶ୍ରେଣୀରେ ପାସ୍ ହାର ୯୫.୫୩ ପ୍ରତିଶତ ରହିଛି। ଅନ୍ୟପଟେ ବିଜ୍ଞାନ ସାଧାରଣ ଶ୍ରେଣୀରେ ପରୀକ୍ଷା ଦେଇଥିବା ସମସ୍ତ ୨୧ ଜଣ ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇ ଶତପ୍ରତିଶତ ସଫଳତା ସହ ରେକର୍ଡ ସୃଷ୍ଟି କରିଛନ୍ତି। ସାମଗ୍ରିକ ଭାବେ ବିଜ୍ଞାନ ବିଭାଗରେ ମୋଟ ୧୦,୯୪୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୦,୪୫୨ ଜଣ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ମୋଟ ପାସ୍‌ହାର ୯୫.୫ ପ୍ରତିଶତ ରହିଛି। ବାଣିଜ୍ୟ ବିଭାଗର ସମ୍ମାନ ଶ୍ରେଣୀରେ ମୋଟ ୩,୫୩୦ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୩୫୯ ଜଣ ସଫଳତାର ସହ ପାସ୍ କରିଛନ୍ତି, ୧୭୦ ଜଣ ଫେଲ୍ ହୋଇଛନ୍ତି ଏବଂ ଜଣେ ଏମ୍‌ପି ହୋଇଛନ୍ତି।ଏଠାରେ ପାସ୍ ହାର ୯୫.୧୬ ପ୍ରତିଶତ ରହିଛି। ବାଣିଜ୍ୟ ସାଧାରଣ ଶ୍ରେଣୀରେ ମୋଟ ୪୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୪୬ ଜଣ ପାସ୍ କରିଛନ୍ତି ଓ ମାତ୍ର ଜଣେ ପରୀକ୍ଷାର୍ଥୀ ଅକୃତକାର୍ଯ୍ୟ ହୋଇଛନ୍ତି, ଯାହାଫଳରେ ଏହି ଶ୍ରେଣୀର ପାସ୍ ହାର ୯୭.୮୭ ପ୍ରତିଶତ ରହିଛି। ମୋଟାମୋଟି ଭାବେ ବାଣିଜ୍ୟ ବିଭାଗରେ ମୋଟ ୩,୫୭୭ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୩,୪୦୫ ଜଣ କୃତକାର୍ଯ୍ୟ ହୋଇଛନ୍ତି ଏବଂ ମୋଟ ପାସ୍‌ହାର ୯୫.୧୯ ପ୍ରତିଶତ ରହିଥିବା ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ଜଣାପଡ଼ିଛି।

## ବିଜେପି ଅମରେଶ୍ୱର ମଣ୍ଡଳର ସଂକଳ୍ପ ସନ୍ଧ୍ୟା



**କଟକ,୨୫।୫/ଏନ୍ଏନ୍ଏସ୍:** ଭାରତୀୟ ଜନତା ପାର୍ଟିର କଟକ ଅମରେଶ୍ୱର ମଣ୍ଡଳର ୨୨ନମ୍ବର ୱାର୍ଡରେ ସଂକଳ୍ପ ସଂଧ୍ୟା ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳର ସଭାପତି ଉପେନ୍ଦ୍ର ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ଲଲାଟେନ୍ଦୁ ବଡୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିଲେ। ତିନିକୋଣିଆ ବଗିଚା-ମକରାବାଗ ସାହିସ୍ଥିତ ଭଦ୍ରକାଳୀ ମନ୍ଦିରରେ ଶ୍ରୀ ବଡୁଙ୍କ ଜନ୍ମଦିବସ ଅବସରରେ ୧୦୮ଦୀପଦାନ କରାଯାଇ ସଂକଳ୍ପ ଗ୍ରହଣ ହୋଇଥିଲା ଏବଂ ମଣ୍ଡଳର ସାଧାରଣ ସମ୍ପାଦକ ଅଂଶୁମାନ ମିଶ୍ର ଓ ସମ୍ବିତ ସାମଲ ଏହାର ପରିଚାଳନା ସହିତ ବିଶ୍ୱକଲ୍ୟାଣ ନିମନ୍ତେ ପ୍ରାର୍ଥନାର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜେନ୍ଦ୍ର ନାୟକ, ମୁନା ସାହୁ,ମଙ୍ଗା ରାଓ, ଶ୍ୟାମଶଙ୍କର ରାଓ, ଶିବେନ୍ଦ୍ର ସେନାପତି, ଲକ୍ଷ୍ମଣ ରାଓ, ଅଭିଜିତ ସାହୁ, ନିଖିଳ ପ୍ରସାଦ ପ୍ରମୁଖ ଯୋଗ ଦେଇଥିଲେ।

## ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ବୀରେନ ମିତ୍ରଙ୍କ ଶ୍ରାଦ୍ଧୋତ୍ସବ

**କଟକ,୨୫।୫/ଏନ୍ଏନ୍ଏସ୍:** ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ବିରେନ ମିତ୍ରଙ୍କ ୪୮ତମ ଶ୍ରାଦ୍ଧ ଦିବସ ପାଳନ କରାଯାଇଛି। ମିଶନ୍ ରୋଡ୍‌ରେ ଅବସ୍ଥିତ ବୀରେନ ମିତ୍ରଙ୍କ ପ୍ରତିମୂର୍ତ୍ତିରେ ସଂଘର କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥିରେ ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ-ସମ୍ପାଦକ ପ୍ରଶାନ୍ତ ସାହୁ, ମିଡିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ, କମିଟି ସଭ୍ୟ କେ. ବେଣୁ ରାଓ, ହାଡ଼ିବନ୍ଧୁ ବେହେରା, ରବି ପାଲ, ସନ୍ତୋଷ ଦତ୍ତ, ଶ୍ରୀନିବାସ ରେଡ୍ଡୀ ଓ ଅଜୟ ବେହେରା ପ୍ରମୁଖ ଯୋଗଦେଇଥିଲେ।

## ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ

**ଭୁବନେଶ୍ୱର,୨୫।୫/ଏନ୍ଏନ୍ଏସ୍:** ଦେଶରେ ପେଟ୍ରୋଲ ଓ ଡିଜେଲର ଅସ୍ୱାଭାବିକ ଦରବୃଦ୍ଧି ଯୋଗୁଁ ସାଧାରଣ ଜନତାଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଥିବା ବେଳେ ଏହାକୁ ନେଇ ବିଜୁ ଜନତା ଦଳ ପକ୍ଷରୁ ସୋମବାର ତୀବ୍ର ପ୍ରତିବାଦ କରାଯାଇଛି। ବିଜୁ ଯୁବ ଜନତା ଦଳ, ବିଜୁ ଛାତ୍ର ଜନତା ଦଳ ଓ ବିଜୁ ମହିଳା ଜନତା ଦଳର ମିଳିତ ଆହ୍ୱାନରେ ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନ୍ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ କୁଶପୁତ୍ତଳିକା ଦାହ କରାଯାଇଥିଲା। କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର, ପୂର୍ବତନ ମନ୍ତ୍ରୀ ସଞ୍ଜୟ କୁମାର ଦାସବର୍ମା, ଭୁବନେଶ୍ୱର ଜିଲ୍ଲା ବିଜେଡି ସଭାପତି ଅଶୋକ ଚନ୍ଦ୍ର ପଣ୍ଡା, ବିଧାୟକ ସୁଶାନ୍ତ କୁମାର ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା, ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ ଓ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ପ୍ରମୁଖ ଉପସ୍ଥିତ ରହି କେନ୍ଦ୍ର ସରକାରଙ୍କ ଜନବିରୋଧୀ ନୀତିର କଟୁ ସମାଲୋଚନା କରିଥିଲେ। ବିଜେଡି ନେତୃବୃନ୍ଦ କହିଥିଲେ ଯେ ପେଟ୍ରୋଲ ଓ ଡିଜେଲ ଦରବୃଦ୍ଧିର ସିଧାସଳଖ ପ୍ରଭାବ ନିତ୍ୟାବଶ୍ୟକ ସାମଗ୍ରୀର ଦର ଉପରେ ପଡୁଛି। ଫଳରେ ସାଧାରଣ ଲୋକ, ମଧ୍ୟବିତ୍ତ ପରିବାର, ଚାଷୀ, ଶ୍ରମିକ, ଛୋଟ ବ୍ୟବସାୟୀ ଓ ପରିବହନ କ୍ଷେତ୍ର ସବୁଠାରୁ ଅଧିକ ପ୍ରଭାବିତ ହୋଇଛି। ଦରଦାମ ବୃଦ୍ଧି ରୋକିବାରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ବେଳେ ଜନସାଧାରଣଙ୍କ ଦୁଃଖ କଷ୍ଟ ପ୍ରତି ସରକାରଙ୍କର କୌଣସି ସମ୍ବେଦନଶୀଳତା ନାହାଁନ୍ତି।

## ଜନ ଭାଗୀଦାରୀ-ସବୁଠାରୁ ଦୂରରେ ସର୍ବପ୍ରଥମେ ଉଦ୍‌ଯାପିତ

**କଟକ,୨୫।୫/ଏନ୍ଏନ୍ଏସ୍:** ଜନ ଭାଗୀଦାରୀ ଅଭିଯାନ ଅନ୍ତର୍ଗତ ଜନଜାତୀୟ ଗରିମା ଉତ୍ସବ ପାଳନ ଅବସରରେ ଆଜି କଟକ ଜିଲ୍ଲାସ୍ତରୀୟ 'ଜନ ଭାଗୀଦାରୀ – ସବସେ ଦୂର ସବସେ ପେହଲେ ବା ସବୁଠାରୁ ଦୂରରେ ସର୍ବପ୍ରଥମେ' ଉଦ୍‌ଯାପିତ ହୋଇଯାଇଛି। ଆଜି କଟକ ଜିଲ୍ଲାର ଆଠଗଡ଼ ବ୍ଲକରେ ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ବିଭିନ୍ନ ରୋଗର ଚିହ୍ନଟ କରି ଆବଶ୍ୟକ ଚିକିତ୍ସା ପରାମର୍ଶ ଦେଇଥିଲେ। ଏହା ସହ ରୋଗୀମାନଙ୍କୁ ବିନା ମୂଲ୍ୟରେ ଔଷଧ ବଣ୍ଟନ କରାଯାଇଥିଲା। ସେହିପରି ଟାଙ୍ଗୀ-ଚୌଦ୍ୱାର ବ୍ଲକରେ ଜନଶୁଣାଣି ଓ



ଜନ ସଚେତନତା କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଜନ ଶୁଣାଣିରେ ବିଭିନ୍ନ ବିଭାଗ ସମ୍ପର୍କିତ ଅଭିଯୋଗ ହସ୍ତଗତ ହୋଇଥିଲା। ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସମ୍ପୃକ୍ତ ବ୍ଲକର ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ। ଏଠାରେ ସୂଚନାଯୋଗ୍ୟ, ଏହି ଅଭିଯାନ ଅଧୀନରେ କଟକ ଜିଲ୍ଲାରେ ଚିହ୍ନିତ ୨୧ଟି ଜନଜାତି ବହୁଳ ଗ୍ରାମରେ ଗତ ୧୮ରୁ ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୮ଦିନ ବ୍ୟାପୀ ଚାଲିଥିବା ଏହି ଅଭିଯାନରେ ଜିଲ୍ଲାର ୪ଟି ବ୍ଲକର ବିଭିନ୍ନ ଗ୍ରାମରେ ସଫେଇ କାର୍ଯ୍ୟକ୍ରମ, ଜନ ଅଭିଯୋଗ ଶୁଣାଣି,ସ୍ୱାସ୍ଥ୍ୟ ଶିବିର, ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଗ୍ରାମାଞ୍ଚଳରେ ଉତ୍ତମ ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ସରକାରଙ୍କ ଲୋକାଭିମୁଖୀ ଯୋଜନା ପ୍ରତ୍ୟେକ ବ୍ୟକ୍ତି ନିକଟରେ ପହଞ୍ଚାଇବା ଜନଭାଗୀଦାରୀ ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।

## ୩୨ କୋଟିର ଅତ୍ୟାଧୁନିକ ଅଡିଟୋରିୟମ୍‌ର ଶିଳାନ୍ୟାସ

**ଭୁବନେଶ୍ୱର,୨୫।୫/ଏନ୍ଏନ୍ଏସ୍:** ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନ ପରିସରରେ ଏକ ୪୫୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ଅଡିଟୋରିୟମର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା ହୋଇଛି। ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ଅତ୍ୟାଧୁନିକ ଅଡିଟୋରିୟମର ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ ଆମ ଓଡ଼ିଶାର ପ୍ରାଣକେନ୍ଦ୍ର ହେଉଛି ଆମ ଗାଁ ଏବଂ ଗାଁର ପ୍ରଗତିରେ ହିଁ ରାଜ୍ୟର ଉନ୍ନତି ନିହିତ। ଆଜି ଯେଉଁ ୪୫୦ ଆସନ ବିଶିଷ୍ଟ ଅତ୍ୟାଧୁନିକ ଅଡିଟୋରିୟମର ଶିଳାନ୍ୟାସ ହେଲା, ତାହା କେବଳ ଇଟା-ସିମେଣ୍ଟର ଚାରିକାନ୍ଥ ବିଶିଷ୍ଟ ଏକ କୋଠା ନୁହେଁ; ବରଂ ଏହା ଓଡ଼ିଶାର ତୃଣମୂଳ ଶାସନରେ ବୈପ୍ଲବିକ ପରିବର୍ତ୍ତନ ଆଣିବାର ଏକ ଜୀବନ୍ତ ମାଧ୍ୟମ ସାଜିବ।

୩୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଏହି ପ୍ରସ୍ତାବିତ ଅଡିଟୋରିୟମ ଆଗାମୀ ଦିନରେ ବିଭାଗ ପାଇଁ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ। ଏଠାରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟର ସ୍ଥାନୀୟକରଣ, ପଞ୍ଚାୟତ ଅଗ୍ରଗତି ସୂଚକାଙ୍କ , ସୁଶାସନ, ଡିଜିଟାଲ୍ ଗଭର୍ଣ୍ଣାନ୍ସ, ମହିଳା ନେତୃତ୍ୱ, ସାମାଜିକ ଅନ୍ତର୍ଭୁକ୍ତିକରଣ, ଜଳ ଓ ପରିମଳ, ଭିବି-ଜି ରାମ ଜି ଏବଂ କେନ୍ଦ୍ର ତଥା ରାଜ୍ୟ ଅର୍ଥ ଆୟୋଗ ଅନୁଦାନ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଉଚ୍ଚସ୍ତରୀୟ କର୍ମଶାଳା, ରାଜ୍ୟସ୍ତରୀୟ ସମ୍ମିଳନୀ ଓ ସେମିନାର୍ ଆୟୋଜନ କରାଯିବ। ଏହି ନୂତନ ଅଡିଟୋରିୟମରେ ଅଡିଓ-ଭିଜୁଆଲ ଡକ୍ୟୁମେଣ୍ଟାରୀ ପ୍ରଦର୍ଶନ, ସାଂସ୍କୃତିକ ଓ ବିଷୟଭିତ୍ତିକ କାର୍ଯ୍ୟକ୍ରମ, ଆନ୍ତଃ-ବିଭାଗୀୟ ସମୀକ୍ଷା ବୈଠକ ଏବଂ ପଞ୍ଚାୟତିରାଜ ସମ୍ପର୍କିତ ନୂତନ ଜ୍ଞାନକୌଶଳର ପ୍ରଦର୍ଶନୀ ପାଇଁ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା ଉପଲବ୍ଧ ହେବ, ଯାହା ପ୍ରଶିକ୍ଷଣ ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବ। ଆଜିର ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ କେବଳ ଏକ କୋଠାର ଶୁଭାରମ୍ଭ ନୁହେଁ, ବରଂ ଓଡ଼ିଶାର ପ୍ରତିଟି ଗ୍ରାମ ପଞ୍ଚାୟତକୁ ସ୍ୱାବଲମ୍ବୀ ଓ ସଶକ୍ତ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଓ ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱରେ ନିଆଯାଇଥିବା ଏକ ବଳିଷ୍ଠ ପ୍ରୟାସ। ଏହି ଅଡିଟୋରିୟମ ଆଗାମୀ ଦିନରେ ଶିକ୍ଷଣ ଏବଂ ପ୍ରଶାସନିକ ଉତ୍କର୍ଷତାର ଏକ ନୂତନ ମାଇଲଖୁଣ୍ଟ ସାଜିବ। ଏହି ଭିତ୍ତିପ୍ରସ୍ତର ସ୍ଥାପନା କାର୍ଯ୍ୟକ୍ରମରେ ବିଭାଗର ସଚିବ ଗିରୀଶ ଏସ. ଏନ୍, ନିର୍ଦ୍ଦେଶକ, ପାନୀୟ ଜଳ ଓ ପରିମଳ ଭିନୀତ ଭରଦ୍ୱାଜ, ନିର୍ଦ୍ଦେଶକ ସ୍ୱତନ୍ତ୍ର ପ୍ରକଳ୍ପ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ନିର୍ଦ୍ଦେଶକ, ମଧୁସ୍ମିତା ସାମଲ, ନିର୍ଦ୍ଦେଶକ ପଞ୍ଚାୟତିରାଜ ଇନ୍ଦ୍ରମଣି ନାୟକ, ମୁଖ୍ୟ ଯନ୍ତ୍ରୀ (ଗୃହ ନିର୍ମାଣ) ପ୍ରିୟବ୍ରତ ସାମନ୍ତରାୟ ଏବଂ ବିଭାଗୀୟ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ଦଳ ଛାଡ଼ି ପ୍ରବଳ ବର୍ଷିଲେ ଦେବାଶିଷ

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ଯାହା ଆଶଙ୍କା କରାଯାଉଥିଲା ତାହା ସତ ହୋଇଛି। ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ। ସୋମବାର ସେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିକଟକୁ ନିଜର ଇସ୍ତଫା ପତ୍ର ପଠାଇ ଦେଇଛନ୍ତି। ଇସ୍ତଫା ପତ୍ରରେ ସେ କହିଛନ୍ତି ଯେ, ମୁଁ ଆଜି ବିଜେଡିର ପ୍ରାଥମିକ ସଦସ୍ୟତାରୁ ଇସ୍ତଫା ଦେଉଛି। ମୋତେ ରାଜ୍ୟସଭାକୁ ମନୋନୀତ କରିବା ପାଇଁ ମୁଁ ସର୍ବଦା ଆପଣଙ୍କ ନିକଟରେ ଋଣୀ ରହିବି। ଅବିଭକ୍ତ କଟକ ଜିଲ୍ଲାର ଲୋକଙ୍କ ସେବା କରିବା ଏବଂ ଜାତୀୟ ସ୍ତରରେ ଓଡ଼ିଶାର ସମସ୍ୟା ଉଠାଇବା ପାଇଁ ମୋତେ ସୁଯୋଗ ଦେଇଥିବାରୁ ମୁଁ ଆପଣଙ୍କ ପ୍ରତି ମୋର ଆନ୍ତରିକ ଏବଂ ଗଭୀର କୃତଜ୍ଞତା ପ୍ରକାଶ କରିବାକୁ ଏହି ସୁଯୋଗ ନେଉଛି।

ଦେବାଶିଷ ପୁଣି ଲେଖିଛନ୍ତି ଯେ, ମୁଁ ସର୍ବଦା ଦଳର ସ୍ୱାର୍ଥ ପାଇଁ ନିଜକୁ ଉତ୍ସର୍ଗ କରିଆସିଛି ଏବଂ ବର୍ଷ ବର୍ଷ ଧରି ଅତ୍ୟନ୍ତ ଦୃଢ଼ତାର ସହିତ ଦଳ ପାଇଁ କାମ କରିଆସିଛି। ତଥାପି, ମୁଁ ଅନୁଭବ କରୁଛି ଯେ, ବର୍ତ୍ତମାନ ମୋତେ ଦଳରେ ଅପମାନିତ କରାଯାଉଛି ଏବଂ ଦଳ ମୋ ସେବା ଆବଶ୍ୟକ କରେ ନାହିଁ। ତେଣୁ, ମୁଁ ଜନସ୍ୱାର୍ଥ ପାଇଁ ଏହି କଠିନ ନିଷ୍ପତ୍ତି ନେଇଛି ଏବଂ ମୋର ଇସ୍ତଫା ଗ୍ରହଣ କରିବାକୁ ଆପଣଙ୍କୁ ଅନୁରୋଧ କରୁଛି। ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜୁ ଜନତା ଦଳ ଛାଡି ଭାରତୀୟ ଜନତା ପାର୍ଟିରେ ଯୋଗ ଦେବାନେଇ କଳ୍ପନାଜଳ୍ପନା ତୀବ୍ର ହୋଇଥିଲା। ଯାହାକୁ ନେଇ ସେ ପରୋକ୍ଷରେ ଇଙ୍ଗିତ ମଧ୍ୟ ଦେଇଛନ୍ତି। ତେବେ ଭିକେ ପାଣ୍ଡିଆନଙ୍କ ପାଇଁ ଦଳ ଛାଡ଼ିଥିବା କହି ବିସ୍ଫୋରଣ କରିବା ସହ କ୍ଷୋଭ ଝାଡ଼ିଛନ୍ତି ଦେବାଶିଷ।

ସେ କହିଛନ୍ତି, ବର୍ଷେ ହେଲାଣି ନବୀନ ବାବୁଙ୍କୁ ଦେଖା କରାଇ ଦେଉ ନଥିଲେ। ବିଜେଡି କୋଣଠେସା କରିଥିଲା ଓ ମୋତେ ଆବଶ୍ୟକ କରୁନି



> ବର୍ଷେ ହେଲାଣି ନବୀନ ବାବୁଙ୍କୁ ଦେଖା କରାଇ ଦେଉନଥିଲେ
> ବିଜେଡି କୋଣଠେସା କରିଥିଲା
> ଦଳ ମୋତେ ଆବଶ୍ୟକ କରୁନି ଅନୁଭବ କଲି
> ବିଜେପିରେ ମିଶିବେ ବୋଲି ଦେଲେ ଇସାରା

ଅନୁଭବ କଲି। ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ଏହି କଠିନ ନିଷ୍ପତ୍ତି ନେଇଛି। ଏକ ଜାତୀୟ ଦଳରେ ଯୋଗ ଦେଉଛି, ଆଗକୁ ବହୁତ କିଛି କରିବାର ଅଛି। ପୁଣି ଥରେ ରାଜ୍ୟସଭାକୁ ନିଶ୍ଚୟ ଫେରିବି ବୋଲି କହିଛନ୍ତି ଦେବାଶିଷ।ଏହାଛଡ଼ା ସେ କହିଛନ୍ତି ଯେ ସାଧାରଣ ନିର୍ବାଚନ ୨୦୨୪ ପରଠାରୁ ମୁଁ ଦଳର ମୁଣ୍ଡିଆଳ ସାଜିଥିବା ଭୈରବ ପାଣ୍ଡିଆନ ବାବଦରେ ଅନେକ କଥା କହିଲିଣି। ସାଧାରଣ ନିର୍ବାଚନରେ ବିଜେଡି ହାରିବାର କାରଣ ହେଉଛନ୍ତି ପାଣ୍ଡିଆନ। ଆସୁଥିବା ନବୀନ ସରକାରକୁ ସେ ହିଁ ଅଟକାଇ ଦେଲେ। ପାଣ୍ଡିଆନ ବିଜେଡି କିମ୍ବା ବିଜୁ ପରିବାରର ଉତ୍ତରାଧିକାରୀ ନୁହନ୍ତି ବୋଲି ନିର୍ବାଚନ ପ୍ରଚାର ସମୟରେ ନବୀନ ବାବୁ ସ୍ପଷ୍ଟ କରିଥିଲେ। ଏବେ ବିଜୁ-ନବୀନ ଫାଉଣ୍ଡେସନରେ ପାଣ୍ଡିଆନଙ୍କୁ ଦାୟିତ୍ୱ ଦେଇଛନ୍ତି। ନୂଆଦିଲ୍ଲୀ ଔରଙ୍ଗଜେବ ରୋଡରେ ଥିବା ଘରକୁ ମଧ୍ୟ ଟ୍ରଷ୍ଟକୁ ଦେଇ ଦେଇଛନ୍ତି। ଯାହା ବିଜୁ ବାବୁଙ୍କ ଭାବାବେଗ ସହିତ ଜଡ଼ିତ। ଯାହାକୁ ନେଇ ବିଜେଡି ଗଠନ ହୋଇଥିଲା। ବାପାଙ୍କ ଘର ଟ୍ରଷ୍ଟକୁ ଦେଲେ। ଟ୍ରଷ୍ଟର ମାଲିକ ହେଉଛନ୍ତି ପାଣ୍ଡିଆନ, ଅପରିଚିତ ଓଡ଼ିଶାର ଲୋକ ସଂତୃପ୍ତ ମିଶ୍ର ଓ ଜଣେ ବରିଷ୍ଠ ଆଇନଜୀବୀ। ଏମାନେ କଣ ବିଜେଡି ଓ ବିଜୁ ବାବୁଙ୍କ ଲିଗାସିକୁ ଆଗକୁ ନେବେ? ଓଡ଼ିଆ ସ୍ୱାଭିମାନକୁ ଓ ଜଗନ୍ନାଥ ଦେଶର ଲୋକଙ୍କୁ ଅପମାନ ହୋଇଛି ବୋଲି ଶ୍ରୀ ସାମନ୍ତରାୟ କହିଛନ୍ତି।

ଦେବାଶିଷ ଆହୁରି ମଧ୍ୟ କହିଛନ୍ତି, 'ଯିଏ ଓଡ଼ିଶାକୁ ବର୍ବାଦ କରିଛି, ତାଙ୍କୁ ବିଜୁ ବାବୁଙ୍କ ସମ୍ପତ୍ତି ଟେକି ଦେବା ଦୁଃଖ ଦାୟକ କଥା । ସେହି ପାଣ୍ଡିଆନଙ୍କ ଯୋଗୁଁ ଦଳ ଛାଡ଼ିଛି। ସେଥିପାଇଁ ନିଜର ସ୍ୱାର୍ଥ ଓ ପଦବୀକୁ ଜଳାଞ୍ଜଳି ଦେଇ ରାଜ୍ୟସଭା ପଦରୁ ଇସ୍ତଫା ଦେଇଛି। ବିଜେଡିରେ ଏବେ ସଂଗଠନ ମଜଭୁତ କରିବା ପରିବର୍ତ୍ତେ ଦଳ ବିଭାଜନ ଓ ନେତାଙ୍କୁ ସସପେଣ୍ଡ କରିବା କାର୍ଯ୍ୟ ଚାଲିଛି। ବିଜେଡି ରାଜ୍ୟସଭା ପଠେଇଥିଲା। କିନ୍ତୁ ବିଗତ ବର୍ଷେ ହେଲାଣି ନବୀନ ବାବୁଙ୍କ ସହ ଦେଖା କରିବାକୁ ଦିଆଯାଉନଥିଲା। ନବୀନ ଓ ଦେବାଶିଷ ସାମନ୍ତରାୟଙ୍କ ବାବଦରେ ଓଡ଼ିଶାବାସୀ ଜାଣିଛନ୍ତି। ନବୀନଙ୍କ ଠାରୁ ମୋତେ ପାଣ୍ଡିଆନ ଦୂରେଇ ରଖିଲେ। ନବୀନ ବାବୁଙ୍କ ପାଖ ଲୋକ ହୋଇ ମଧ୍ୟ ମୋତେ ବର୍ଷେ ହେଲା ଦେଖା ହେବାର ସୁଯୋଗ ମିଳିଲା ନାହିଁ। କାଳେ ମୁଁ କିଛି କହିଲେ ନବୀନ ବାବୁ ଶୁଣିବେ, ସେହି ଭୟ ପାଣ୍ଡିଆନଙ୍କର ରହିଲା। ନବୀନ ବାବୁଙ୍କୁ ବିଭ୍ରାନ୍ତ କରାଇବାରେ ପାଣ୍ଡିଆନ ସକ୍ଷମ ହେଲେ। ପାଣ୍ଡିଆନଙ୍କ ପ୍ରଭାବ ଯୋଗୁଁ ଆହୁରି କିଛି ନେତା ମଧ୍ୟ ବିଜେଡି ଛାଡ଼ିବେ ବୋଲି ସେ କହିଛନ୍ତି।

## 'ଆଗକୁ ଆହୁରି ୱିକେଟ୍ ପଡ଼ିବ'

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ବିଜେଡିରେ ଏବେ ଗୋଟିଏ ୱିକେଟ୍ ପଡିଛି, ଆଗକୁ ଆହୁରି ୱିକେଟ୍ ପଡ଼ିବ। ଆଇପିଏଲ ସରିବା ଭିତରେ ବିଜେଡିର ସବୁ ୱିକେଟ ପଡ଼ିଯିବ। ବିଜେଡି



ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟଙ୍କ ଇସ୍ତଫା ପରେ ଏଭଳି ପ୍ରତିକ୍ରିୟା ରଖିଛନ୍ତି ଶ୍ରୀମୟୀ ମିଶ୍ର।

ସେ କହିଛନ୍ତି, ବରିଷ୍ଠଙ୍କୁ ପଛରେ ପକେଇ ଅନ୍ୟ ଦଳରୁ ଆମଦାନୀ ହେଇଥିବା ନେତାଙ୍କୁ ପ୍ରାଧାନ୍ୟ ଦେବା ବିଜେଡି ପାଇଁ କାଳ ହେବ। ରାଜନୀତିରୁ ସନ୍ନ୍ୟାସ ନେଇଥିବା ପାଣ୍ଡିଆନ ଏବେବି ସକ୍ରିୟ ଥିବା ଶ୍ରୀମୟୀ କହିଛନ୍ତି।

## 'ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ପଦ ପାଇବେ'

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ପଦ ପାଇବେ ବୋଲି ଦେବାଶିଷ ବିଜେପି ଯାଉଛନ୍ତି ବୋଲି କହି କଟାକ୍ଷ କରିଛନ୍ତି ବିଜେଡିର ବରିଷ୍ଠ ନେତ୍ରୀ ପ୍ରମିଳା ମଲ୍ଲିକ।



ସେ କହିଛନ୍ତି ଯେ ଦଳ ପ୍ରଥମେ ଦେବାଶିଷଙ୍କୁ ବିଧାୟକ କରିଛି। ଦୁଇଟି ସ୍ଥାନରୁ ଦେବାଶିଷ ବିଧାୟକ ହୋଇଛନ୍ତି। ଦେବାଶିଷ କଟକ ଜିଲ୍ଲା ସଭାପତି ମଧ୍ୟ ହୋଇଛନ୍ତି। ନିର୍ବାଚନ ହାରିବା ପରେ ସିନେମା ନିଗମ ଅଧ୍ୟକ୍ଷ ବିଜେଡି ସଭାପତି କରିଛନ୍ତି। ବିଜେଡିରେ ସବୁ ପଦପଦବୀ ମିଳିଛି। ୨୦୧୯ରେ ନିର୍ବାଚନ ହାରିଲେ।୨୦୨୪ରେ ରାଜ୍ୟସଭା ଗଲେ। ବିଜେଡିରେ ପ୍ରଧାନମନ୍ତ୍ରୀ କିମ୍ବା ରାଷ୍ଟ୍ରପତି ହେବାର ସୁଯୋଗ ନାହିଁ। ବିଜେପି ଯାଉଛନ୍ତି, ବୋଧହୁଏ ପ୍ରଧାନମନ୍ତ୍ରୀ କି ରାଷ୍ଟ୍ରପତି ପଦ ଖୁବଶୀଘ୍ର ପାଇବେ। ବିଭିନ୍ନ ବ୍ୟବସାୟରେ ସମ୍ପୃକ୍ତ ଥିବାରୁ ଲାଭ ପାଇବା ପାଇଁ ସେ ଯାଇଥାଇ ପାରନ୍ତି । କିମ୍ବା ନିଶାଗ୍ରସ୍ତ ଅବସ୍ଥାରେ ଦେବାଶିଷ ସାମନ୍ତରାୟ ସବୁବେଳେ ରୁହନ୍ତି । ନିଶାସକ୍ତ ହୋଇ କ'ଣ କେଉଁଠି ଭୁଲ କରିଥିବେ ସେଥିପାଇଁ ବିଜେପିର ୱାସିଂ ମେସିନକୁ ଯାଉଛନ୍ତି। ଦେବାଶିଷଙ୍କ ଭଳି ଲୋକ ଦଳ ଛାଡ଼ିଲେ ପ୍ରଭାବ ପଡ଼ିବ ନାହିଁ। ଯେଉଁଦିନ ଠାରୁ ବିଜେଡି ସରକାର ପଳାଇଲା ସେଦିନଠାରୁ ଦେବାଶିଷ ବିଜେପି ଲିଙ୍କରେ ଅଛନ୍ତି ବୋଲି ପ୍ରମିଳା ମଲ୍ଲିକ କହିଛନ୍ତି।

## 'ଦଳରୁ ସମସ୍ତ ସୁବିଧା ନେଇ ନିଜ ସ୍ୱାର୍ଥ ପାଇଁ ଇସ୍ତଫା'

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ବିଜୁ ଜନତା ଦଳରୁ ସମସ୍ତ ସୁବିଧା ସୁଯୋଗ ହାସଲ କରିଲା ପରେ ଆଜି ଦଳରୁ ଇସ୍ତଫା ଦେଇ ନିଜ ସ୍ୱାର୍ଥପରତାର ପରିଚୟ ଦେଇଛନ୍ତି। ସୋମବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି ଏହା କହିଛନ୍ତି। ଯେଉଁ ଦଳ ଶ୍ରୀ ସାମନ୍ତରାୟଙ୍କୁ ଦଳ ଓ ସରକାରରେ ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ପ୍ରଦାନ କରିଥିଲା, ସାମାନ୍ୟ ବ୍ୟକ୍ତିଗତ ଓ ବ୍ୟବସାୟିକ ସ୍ୱାର୍ଥ ହାସଲ ପାଇଁ ସେ ଦଳରୁ ଇସ୍ତଫା ଦେଇ ବିଜେପି ମୁହାଁ ହୋଇଛନ୍ତି ବୋଲି ଡ. ମହାନ୍ତି କହିଛନ୍ତି।

ଡ. ମହାନ୍ତି ଆହୁରି କହିଛନ୍ତି ଯେ, ଦଳର ସଭାପତି ନବୀନ ପଟ୍ଟନାୟକ, ଦେବାଶିଷଙ୍କୁ ଦଳୀୟ ସଂଗଠନରେ ବହୁ ଗୁରୁତ୍ୱପୂର୍ଣ୍ଣ ପଦପଦବୀର ଦାୟିତ୍ୱ ସହ ରାଜ୍ୟସଭା ସାଂସଦ ଭାବେ ପଠାଇଥିଲେ। ପାଞ୍ଚ ପାଞ୍ଚ ଥର ଟିକେଟ ଦେଇ ୩ ଥର ବିଧାୟକ ସହ ଓଟିଡିସିର ଅଧ୍ୟକ୍ଷ ମଧ୍ୟ କରାଇଥିଲେ। କଟକ ଜିଲ୍ଲାର



ସଭାପତି କରିଥିଲେ। ଦଳରୁ ସେ ଆଉ କ'ଣ ଅଧିକ ଆଶା କରୁଥିଲେ, ତାହା ପ୍ରକାଶ କଲେ ଭଲ ହୁଅନ୍ତା। କ୍ଷମତାରେ ଥିଲା ବେଳେ ସମସ୍ତ ଫାଇଦା ହାସଲ କରି ବିରୋଧୀ ଦଳ ଥିଲା ବେଳେ ଦଳର ହାତ ଛାଡ଼ି ଶ୍ରୀ ସାମନ୍ତରାୟ କାହିଁକି ବିଜେପି ମୁହାଁ ହୋଇଛନ୍ତି, ତାହା କଟକବାସୀ ବିଚାର କରିବେ। ବ୍ୟବସାୟିକ ଓ ବ୍ୟକ୍ତିଗତ ସଂକୀର୍ଣ୍ଣ ସ୍ୱାର୍ଥ ହାସଲ ପାଇଁ ଶ୍ରୀ ସାମନ୍ତରାୟ ଦଳରୁ ଇସ୍ତଫା ଦେବା ଦ୍ୱାରା ଦଳର ସଂଗଠନ ଉପରେ କୌଣସି ପ୍ରଭାବ ପକାଇବ ନାହିଁ। ବିଜୁ ଜନତା ଦଳର ଲକ୍ଷ ଲକ୍ଷ କର୍ମୀ ତୃଣମୂଳ ସ୍ତରରେ ନବୀନ ବାବୁଙ୍କ ନେତୃତ୍ୱରେ କାମ କରୁଛନ୍ତି। ସମସ୍ତେ ଜାଣିଛନ୍ତି ଦଳ ଏତେ ସବୁ ଦେବା ସତ୍ତ୍ୱେ ଗତ ଦୁଇ ବର୍ଷ ଧରି ଶ୍ରୀ ସାମନ୍ତରାୟ ଦଳୀୟ ସ୍ୱାର୍ଥ ଅପେକ୍ଷା ବ୍ୟକ୍ତିଗତ ସ୍ୱାର୍ଥକୁ ଗୁରୁତ୍ୱ ଦେଉଥିଲେ ବୋଲି ଡ. ମହାନ୍ତି କହିଛନ୍ତି।

# ଆଇପିଏସ୍ ଅଧିକାରୀ ଦୟାଲ୍ ଗଙ୍ଗୱାର୍ଙ୍କ ବଦଳି

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ବାଲିଅନ୍ତା ସୌମ୍ୟ ରଞ୍ଜନ ସ୍ୱାଇଁ ହତ୍ୟା ଘଟଣାରେ ବିବାଦ ଘେରକୁ ଆସିଥିବା ୧୯୯୮ ବ୍ୟାଚର ବରିଷ୍ଠ ଆଇପିଏସ୍ ଅଧିକାରୀ ଦୟାଲ ଗଙ୍ଗୱାରଙ୍କ ବଦଳି ହୋଇଛି। ଅତିରିକ୍ତ ପୁଲିସ ଡିଜି (କମ୍ୟୁନିକେସନ) ପଦରୁ ଶ୍ରୀ ଗଙ୍ଗୱାରଙ୍କୁ ହଟାଇ ଦିଆଯାଇଛି। ତାଙ୍କୁ ଗୃହ ବିଭାଗ ଓଏସ୍ଡି ଦାୟିତ୍ୱ ଦିଆଯାଇଛି। ଏନେଇ ସୋମବାର ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସୌମ୍ୟ ହତ୍ୟାକାଣ୍ଡରେ ଶ୍ରୀ ଗଙ୍ଗୱାର ବିବାଦରେ ଛନ୍ଦି ହୋଇଥିବାରୁ ତାଙ୍କୁ ଏହି ବଦଳି କରାଯାଇଛି ବୋଲି କୁହାଯାଉଛି। କ୍ରାଇମବ୍ରାଞ୍ଚ ଏହି ଘଟଣାରେ ତଦନ୍ତ କରୁଥିବା ବେଳେ ଏଥିରେ ବାଧା ନ ଉପୁଜିବା ପାଇଁ ସରକାରଙ୍କ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଚର୍ଚ୍ଚା ହେଉଛି। ଜିଆରପି କନଷ୍ଟେବଳ ଥିବା ସୌମ୍ୟ

> ଦିଆଗଲା ଗୃହ ବିଭାଗ ଓଏସ୍ଡି ଦାୟିତ୍ୱ



ହତ୍ୟାକାଣ୍ଡର ଶିକାର ହେବା ପରେ ହଠାତ୍ ଶ୍ରୀ ଗଙ୍ଗୱାରଙ୍କ ନାଁ ଚର୍ଚ୍ଚାକୁ ଆସିଥିଲା। ସେ ଅଧିକ ବିବାଦୀୟ ହୋଇ ପଡ଼ିଥିଲେ। ଶ୍ରୀ ଗଙ୍ଗୱାରଙ୍କ ନାଁ ନେଇ ମୃତ ସୌମ୍ୟଙ୍କ ମା' କବିତା ଗୁରୁତର ଅଭିଯୋଗ କରିଥିଲେ। ଶ୍ରୀ ଗଙ୍ଗୱାରଙ୍କ ପାଇଁ ତାଙ୍କ ପୁଅ ମାନସିକ ଚାପରେ ଥିଲେ ବୋଲି କହିଥିଲେ। ଏପରିକି ଶ୍ରୀ ଗଙ୍ଗୱାର ତାଙ୍କ ପୁଅକୁ ବ୍ୟକ୍ତିଗତ କାମରେ ଲଗାଇବା ସହ ପରେ ଦରମା ବନ୍ଦ କରିଥିବା ମଧ୍ୟ ସେ ଅଭିଯୋଗ ଆଣିଥିଲେ। କବିତା ଆହୁରି ମଧ୍ୟ ଅଭିଯୋଗ କରିଥିଲେ ଯେ, ସୌମ୍ୟ ଭୁବନେଶ୍ୱରରେ ଥିବା ଶ୍ରୀ ଗଙ୍ଗୱାରଙ୍କ ଜିମ୍ ସେଣ୍ଟର ବୁଝାବୁଝି କରୁଥିଲେ। କିଛିମାସ ତଳେ ଏଡିଜିଙ୍କ ସହ ସୌମ୍ୟଙ୍କ ବିବାଦ ହୋଇଥିଲା। ଏହାପରେ ଶ୍ରୀ ଗଙ୍ଗୱାରଙ୍କ ଇଙ୍ଗିତରେ କଟକ ଜିଆରପି ଏସପି ଅଫିସ ପକ୍ଷରୁ ସୌମ୍ୟଙ୍କ ଦରମା କାଟ୍ କରାଯାଇଥିଲା ବୋଲି ଅଭିଯୋଗ କରିଥିଲେ।

# ବାଇକ୍ ଦୁର୍ଘଟଣାରେ ୨ ମୃତ

**ବୈଶିଙ୍ଗା,୨୫ମେ/ଏନ୍ଏନ୍ଏସ୍:** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧିନ ବୈଶିଙ୍ଗା-ରୁପ୍ସା ରାସ୍ତାର ବୈଶିଙ୍ଗା ମୁନିଲାଲ ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଦୁଇଟି ବାଇକ ମଧ୍ୟରେ ଧକ୍କା ହେବାରୁ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକମାନେ ହେଲେ ଯୁଗପୁରା ଗ୍ରାମନିବାସୀ ତଥା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘର ମୟୂରଭଞ୍ଜ ଜିଲ୍ଲା ସଭାପତି ଶରତ କୁମାର ମହାନ୍ତ ଓ ରଘୁପୁର ପଞ୍ଚାୟତ ଅନ୍ତର୍ଗତ ଦିଗାନଗର ଗ୍ରାମର ଯତୀଶ ସିଂ। ପ୍ରକାଶ ଯେ ଶରତ ଆମ୍ବଗଡିଆ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିଲେ। ସେ ଆଜି ସକାଳେ ଠାକୁରଙ୍କ ପୂଜା ପାଇଁ ଫୁଲ କିଣିବାକୁ ଆସିଥିଲେ ବୈଶିଙ୍ଗା ବଜାର। ଫୁଲ କିଣିସାରିଥିବା ବେଳେ ମୁନିଲାଲ ଉଚ୍ଚ ବିଦ୍ୟାଳୟ ସାମ୍ନାରେ ଥିବା ଦୋକାନରୁ କୌଣସି ଏକ ଜିନିଷ କିଣି ବାହାରୁଥିବା ବେଳେ ବାଇକରେ ବୈଶିଙ୍ଗାରୁ ରୁପ୍ସା ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଯତୀଶ ଶରତଙ୍କୁ ଧକ୍କା ଦେଇଥିଲା। ଫଳରେ ଉଭୟ ସେଠାରେ ପଡ଼ିଯାଇଥିଲେ। ଖବର ପାଇ ବୈଶିଙ୍ଗା ପୁଲିସ ନିଜ ଗାଡିରେ ଉଭୟଙ୍କୁ ବୈଶିଙ୍ଗା ଡାକ୍ତର ଖାନାକୁ ଆଣିଥିଲା। ତେବେ ସେଠାରେ ଶରତଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଗୁରୁତର ଯତୀଶଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ତେବେ ରାସ୍ତାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାଯାଇଛି। ପୁଲିସ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପିଆରଏମ ମେଡିକାଲକୁ ପଠାଇବା ସହିତ କେସ୍ ନଂ ୨୭୪/୨୬ ମୂଳେ ମାମଲା ରୁଜୁ କରି ଅଧିକ ତଦନ୍ତ ଆରମ୍ଭ କରିଛି।

## ହତ୍ୟା ମାମଲାରେ ୪ଙ୍କୁ ୬ବର୍ଷ ଜେଲ୍

**ରାୟଗଡ଼ା,୨୫ମେ/ଏନ୍ଏନ୍ଏସ୍:** ଏକ ହତ୍ୟା ମାମଲାର ଶୁଣାଣି କରି ରାୟଗଡ଼ା ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଅଳ୍ପନା ସ୍ୱାଇଁ ୪ଜଣଙ୍କୁ ୬ବର୍ଷ ଜେଲ ଦଣ୍ଡାଦେଶ ସହିତ ୫୦୦୦ ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ହେଲେ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି ନିଜ ରାୟରେ ପ୍ରକାଶ କରିଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ୪ଜଣ ହେଲେ ଅଲେଖମଣି ନାଏକ, ଅମ୍ବିକା ଖୁରା, କ୍ଷେତ୍ରମଣି ନାଏକ ଏବଂ ଗୋରେଖ ଖୁରା। ରାୟଗଡ଼ା ଟାଉନ ଥାନାର ୨୦୨୨ ମସିହାର କେସ ନଂ ୧୮ର ଶୁଣାଣି କରି ଜିଲ୍ଲା ଦୌରାଜଜ୍ ଏହି ରାୟ ଦେଇଛନ୍ତି। ୨୦୨୨ରେ ଅଜୟ ଖୋସଲା ନାମକ ଜଣେ ବ୍ୟକ୍ତିଙ୍କୁ ହତ୍ୟା ଘଟଣାରେ ଏହି ମାମଲା ରୁଜୁ ହୋଇଥିଲା।

# ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କୁ ଶ୍ରଦ୍ଧାସୁମନ

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ସୋମବାର ବିଧାନସଭା ପରିସରରେ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପୂର୍ବତନ ମନ୍ତ୍ରୀ ଡ. ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର ସଦସ୍ୟବୃନ୍ଦ, ଗଜପତି ବିକାଶ ପରିଷଦର ବରିଷ୍ଠ କର୍ମକର୍ତ୍ତା, ବିଧାନସଭାର ସଚିବସତ୍ୟବ୍ରତ ରାଉତଙ୍କ ସମେତ ବହୁ ବୁଦ୍ଧିଜୀବ ପ୍ରମୁଖ ଉପସ୍ଥିତ ରହି କୃଷ୍ଣଚନ୍ଦ୍ର ଗଜପତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା । ଲୋକସମ୍ପର୍କ ଅଧିକାରୀ ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପ୍ରକାଶ ଯେ ଉତ୍କଳମାତାର ସୁଯୋଗ୍ୟ ସନ୍ତାନ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ଥିଲେ ଏକାଧାରରେ ଆଦର୍ଶ ସୁଶାସକ, ପ୍ରଜାବତ୍ସଳ ଓ ଦୂରଦ୍ରଷ୍ଟା ରାଜା, ବିଚକ୍ଷଣ ରାଜନୀତିଜ୍ଞ, ଦେଶଭକ୍ତ, ଶିକ୍ଷାନୁରାଗୀ ଏବଂ ସାହିତ୍ୟାନୁରାଗୀ । ଓଡ଼ିଆଭାଷୀ ଅଞ୍ଚଳର ଏକତ୍ରୀକରଣ ଓ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଥିଲା ଅତୁଳନୀୟ। ସେ ଥିଲେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଏବଂ ତାଙ୍କର ପ୍ରଧାନମନ୍ତ୍ରୀତ୍ୱ କାଳରେ ସେ ଓଡ଼ିଶାରେ ଅନେକ ଜନହିତକର ଏବଂ ଉନ୍ନୟନମୂଳକ କାର୍ଯ୍ୟ କରିଯାଇଛନ୍ତି । ୧୯୧୪ ମସିହା ଡିସେମ୍ବର ମାସରେ ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ 'ଉତ୍କଳ ସମ୍ମିଳନୀ'ର ଅଧିବେଶନରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଉତ୍କଳର ଏକତ୍ରୀକରଣ ତଥା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ଦାବି କରି ଯେଉଁ ଓଜଃସ୍ୱିନୀ ବକ୍ତବ୍ୟ ଦେଇଥିଲେ ତାହା ଅନ୍ୟମାନଙ୍କୁ ଉଦ୍‌ବୁଦ୍ଧ ତଥା ଅନୁପ୍ରେରିତ କରିବା ସହିତ ସ୍ୱତନ୍ତ୍ର ପ୍ରଦେଶ ଗଠନର ମୂଳଦୁଆ ରଖିଥିଲା । ୧୯୭୪ ମସିହା ମଇ ମାସ ୨୫ ତାରିଖରେ ୮୨ ବର୍ଷ ବୟସରେ ପାରଳାଖେମୁଣ୍ଡି ସହରରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବଙ୍କ କର୍ମମୟ ଜୀବନର ଅବସାନ ଘଟିଥିଲା ।

# 'ମଡେଲ୍ ଭିଲେଜ ମିଶନ' ଓ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ବିକଶିତ ଓଡ଼ିଶା ଭିଜନ ୨୦୩୬-୪୭ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଆଜି ଭିଡିଓ କନଫରେନ୍ସିଂ ମାଧ୍ୟମରେ ରାଜ୍ୟର ସମସ୍ତ ଜିଲ୍ଲା ସହ ଯୋଗାଯୋଗ କରି 'ମଡେଲ ଭିଲେଜ ମିଶନ' ଓ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ଶୁଭାରମ୍ଭ କରିଛନ୍ତି। ଓଡ଼ିଶାର ଗ୍ରାମଗୁଡ଼ିକୁ ମୌଳିକ ସୁବିଧା ଏବଂ ସାର୍ବଜନୀନ ସ୍ଥାନ (କମ୍ୟୁନିଟି ସ୍ପେସ) ସହିତ ପରିପୂର୍ଣ୍ଣ କରିବା ପାଇଁ ଆଦର୍ଶ ଗ୍ରାମ ମିଶନକୁ ଏକ ପ୍ରମୁଖ ପଦକ୍ଷେପ ଭାବରେ ପରିକଳ୍ପନା କରାଯାଇଛି। ଏହା କେବଳ ସହରାଞ୍ଚଳ ସ୍ତରର ସୁବିଧା ପ୍ରଦାନ କରି ରାଜ୍ୟର ଗ୍ରାମାଞ୍ଚଳଗୁଡ଼ିକୁ ସଶକ୍ତ କରିବ ନାହିଁ, ବରଂ ସେଗୁଡିକୁ ଆତ୍ମନିର୍ଭରଶୀଳ ଓ ସ୍ୱୟଂଶାସିତ ସମୃଦ୍ଧିର କେନ୍ଦ୍ରରେ ପରିଣତ କରିବ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୬୭୩୩ଟି ଗ୍ରାମ ପଞ୍ଚାୟତର ସମସ୍ତ ସଦର ଗ୍ରାମକୁ ୨୦୨୯ ସୁଦ୍ଧା ସମସ୍ତ ଆବଶ୍ୟକ ଭିତ୍ତିଭୂମି ଓ ସୁବିଧା ଦିଆଯିବ। ଏହି ଲକ୍ଷ୍ୟ ପୂରଣର ପ୍ରଥମ ପଦକ୍ଷେପ ଭାବେ ଗ୍ରାମ ସ୍ତରରେ ଭିତ୍ତିଭୂମି ଓ ସୁବିଧାର ଅଭାବ ଚିହ୍ନଟ କରିବା ପାଇଁ ଏକ ବେସ୍‌ଲାଇନ ସର୍ଭେ କରାଯିବ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ, ମତ୍ସ୍ୟ ଓ ପଶୁ



ସମ୍ପଦ ବିକାଶ ବିଭାଗ, ଶକ୍ତି ବିଭାଗ ଇତ୍ୟାଦି ସମସ୍ତ ଅଂଶୀଦାର ବିଭାଗ ସହ ପରାମର୍ଶ କରି ସର୍ଭେ ପାଇଁ ଏକ ନିର୍ଦ୍ଧାରିତ ଫର୍ମାଟ ପ୍ରସ୍ତୁତ କରାଯାଇଛି। ଆଜି ମନ୍ତ୍ରୀ ଶ୍ରୀ ନାଏକ ଏହି ସର୍ଭେ ଫର୍ମାଟକୁ ଉନ୍ମୋଚନ କରିଛନ୍ତି। ବେସ୍‌ଲାଇନ ସର୍ଭେର ଆରମ୍ଭ ସହିତ 'ମଡେଲ ଭିଲେଜ ମିଶନ'ର ଔପଚାରିକ ଶୁଭାରମ୍ଭ କରାଯାଇଛି । ନୂତନ ଯୋଜନାଟି ଗ୍ରାମୀଣ ଓଡ଼ିଶାର ସାମଗ୍ରିକ ରୂପାନ୍ତରଣ ଘଟାଇ ତାହାକୁ ନୂତନ ଉଚ୍ଚତାରେ ପହଞ୍ଚାଇବ ବୋଲି ମନ୍ତ୍ରୀ ଶ୍ରୀ ନାଏକ ଏହି ଅବସରରେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମର ସୁଚାରୁ ରୂପେ କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ସଚିବ ଗିରିଶ ଏସ୍ ଏନ୍‌ଙ୍କ ଅଧ୍ୟକ୍ଷତାରେ ସମସ୍ତ ଅଂଶୀଦାର ବିଭାଗର ପ୍ରତିନିଧିମାନଙ୍କୁ ନେଇ ଏକ ରାଜ୍ୟସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯାଇଛି। ସେହିପରି ଜିଲ୍ଲାସ୍ତରରେ ଏହି କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନ ଓ ନିରୀକ୍ଷଣ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ସମ୍ପୃକ୍ତ ବିଭାଗର ଅଧିକାରୀମାନଙ୍କୁ ସଦସ୍ୟ ଭାବେ ନେଇ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ଗଠନ କରାଯିବାର ବ୍ୟବସ୍ଥା ରହିଛି। ଏହି ଅବସରରେ ମନ୍ତ୍ରୀ ଶ୍ରୀ ନାଏକ 'ମହାପୁରୁଷ ଆଦର୍ଶ ଗ୍ରାମ ଯୋଜନା'ର ମଧ୍ୟ ଶୁଭାରମ୍ଭ କରିଥିଲେ। ଓଡ଼ିଶାର ସାମାଜିକ, ସାଂସ୍କୃତିକ, ସାହିତ୍ୟିକ ଏବଂ ରାଜନୈତିକ ଇତିହାସରେ ଅସାଧାରଣ ଅବଦାନ ରଖିଥିବା ମହାପୁରୁଷମାନଙ୍କ ଜନ୍ମିତ ଗ୍ରାମ ପଞ୍ଚାୟତଗୁଡ଼ିକୁ ସାମଗ୍ରିକ ଭାବେ ବିକଶିତ କରି ସେଗୁଡ଼ିକୁ ଆଦର୍ଶ ଗ୍ରାମ ପଞ୍ଚାୟତରେ ପରିଣତ କରିବା ଏହି ଯୋଜନାର ଉଦ୍ଦେଶ୍ୟ। ଏହି ଯୋଜନା ୨୦୨୬-୨୭ ରୁ ୨୦୨୮-୨୯ ପର୍ଯ୍ୟନ୍ତ ତିନି ବର୍ଷ ଅବଧି ପାଇଁ କାର୍ଯ୍ୟକାରୀ ହେବ ଏବଂ ଏହା ଅଧୀନରେ ରାଜ୍ୟର ପ୍ରାୟ ୧୦୦ରୁ ୧୫୦ଟି ଗ୍ରାମ ପଞ୍ଚାୟତକୁ ଚୟନ କରାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ୧୨ଟି ଜିଲ୍ଲାର ୧୬ ଜଣ ବିଶିଷ୍ଟ ବ୍ୟକ୍ତିତ୍ୱଙ୍କ ସହ ଜଡିତ ୧୫ଟି ଗ୍ରାମ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହେବ। ଏହି ଯୋଜନା ଅଧୀନରେ ରାସ୍ତା, ପାଇପ୍ ଜଳ ଯୋଗାଣ, ସ୍ୱାସ୍ଥ୍ୟ ସେବା, ଅଙ୍ଗନୱାଡି କେନ୍ଦ୍ର, ଖେଳପଡ଼ିଆ, ଡିଜିଟାଲ୍ ସଂଯୋଗ, ସୌର ଶକ୍ତି, ସ୍ମାରକୀ ପାର୍କ ଏବଂ ପୈତୃକ ଘରର ପୁନରୁଦ୍ଧାର ଭଳି ଭିତ୍ତିଭୂମି ବିକାଶ କାର୍ଯ୍ୟକୁ ପ୍ରାଥମିକତା ଦିଆଯିବ। ଏହା ସହିତ ଦକ୍ଷତା ବିକାଶ, ଡିଜିଟାଲ୍ ସାକ୍ଷରତା, ସାମାଜିକ ସୁରକ୍ଷା ଏବଂ ଜୀବିକା ସୃଷ୍ଟି ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହି ଯୋଜନା ବିଭିନ୍ନ କେନ୍ଦ୍ର ଓ ରାଜ୍ୟ ସରକାରୀ ଯୋଜନାର ସମନ୍ୱୟ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ।

> ଧାନ ସଂଗ୍ରହ ପାଇଁ ଆନ୍ତଃ-ମନ୍ତ୍ରିସ୍ତରୀୟ କମିଟି ବୈଠକ

## କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୫ମେ/ଏନ୍ଏନ୍ଏସ୍:** ରାଜ୍ୟରେ ଆସନ୍ତା ଖରିଫ୍ ବିପଣନ ଋତୁ ୨୦୨୫-୨୬ ପାଇଁ ଧାନ ସଂଗ୍ରହ ପ୍ରକ୍ରିୟାକୁ ସୁଦୃଢ଼ ଓ ସ୍ୱଚ୍ଛ କରିବାକୁ ଆଜି ଏକ ଉଚ୍ଚସ୍ତରୀୟ ଆନ୍ତଃ-ମନ୍ତ୍ରୀସ୍ତରୀୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଏବଂ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସମେତ ବିଭାଗୀୟ ସଚିବମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ ଦେଇଛନ୍ତି ଯେ ଧାନ କିଣାବେଳେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସ୍ୱାର୍ଥ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯିବ।

ଧାନ ସଂଗ୍ରହରେ ବେଆଇନ କାରବାର ରୋକିବା ପାଇଁ ସରକାର କେତେକ କଡ଼ା ନିୟମ ଲାଗୁ କରିଛନ୍ତି। ଜିଲ୍ଲାପାଳମାନେ ପ୍ରତିଦିନ ଏହାର ସମୀକ୍ଷା କରିବେ। ବାହାର ରାଜ୍ୟର ଧାନ ଯେପରି ଓଡ଼ିଶା ମଣ୍ଡିକୁ ନଆସେ ସେଥିପାଇଁ ସୀମା ସିଲ୍ କରାଯିବ। ମଣ୍ଡିରେ ଚାଷୀଙ୍କ ପରିଚୟ ସଠିକ ଭାବେ ଯାଞ୍ଚ କରିବା ପାଇଁ 'ଆଇରିସ୍' (ଆଖି ଡୋଳା ସ୍କାନ) ବ୍ୟବସ୍ଥା ବାଧ୍ୟତାମୂଳକ କରାଯାଇଛି ଏବଂ କେବଳ ମଣ୍ଡି ଭିତରେ ହିଁ ଧାନ ଓଜନ କରାଯିବ। ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ ୨୪ ଘଣ୍ଟିଆ ସମୟସୀମା ଧାର୍ଯ୍ୟ ହୋଇଛି, ଯାହାକୁ ନୋଡାଲ ଅଫିସରମାନେ ତଦାରଖ କରିବେ। ଏଥି ସହିତ ଚାଷୀମାନେ ନିଜର ଅଭିଯୋଗ ଟୋଲ୍-ଫ୍ରି ନମ୍ବର ୧୯୬୭ ଜରିଆରେ ସିଧାସଳଖ ଜଣାଇପାରିବେ। ମଣ୍ଡିଗୁଡ଼ିକରେ ଭିତ୍ତିଭୂମିର ସୁଧାର ସହ ଗାଡ଼ିଗୁଡ଼ିକର ସଠିକ ପରିବହନ ପାଇଁ ଭେହିକିଲ୍ ଟ୍ରାକିଂ ସିଷ୍ଟମ ବ୍ୟବହାର କରାଯିବ। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ସମବାୟ ବିଭାଗ କମିଶନର ତଥା ଶାସନ ସଚିବ ରାଜେଶ ପ୍ରଭାକର ପାଟିଲ ଉପସ୍ଥିତ ଥିଲେ।

# ଟିଭିକେରେ ୩ ଏଆଇଏଡିଏମ୍‌କେ ବିଧାୟକ

**ଚେନ୍ନାଇ,୨୫ା୫/ଏଜେନ୍ସି:** ତାମିଲନାଡୁରେ ଥଲାପତି ବିଜୟଙ୍କ ନେତୃତ୍ୱାଧୀନ ଟିଭିକେ ସରକାର ଗଠନ ପରେ ପରେ ଦଳର ଦବ୍‌ଦବା ବଢ଼ିବାରେ ଲାଗିଛି । ରିପୋର୍ଟ ଅନୁସାରେ ଏଆଇଏଡିଏମ୍‌କେର ତିନି ବିଦ୍ରୋହୀ ବିଧାୟକ ହଠାତ୍ ନିଜ ବିଧାୟକ ପଦବୀରୁ ଇସ୍ତଫା ଦେଇ ଟିଭିକେରେ ସାମିଲ ହୋଇଛନ୍ତି । ସୋମବାର ସେମାନେ ତାମିଲନାଡୁ ବିଧାନସଭା ବାଚସ୍ପତି ଜେସିଡି ପ୍ରଭାକରନଙ୍କୁ ଭେଟି



ଇସ୍ତଫାପତ୍ର ପ୍ରଦାନ କରିଥିଲେ । ବାଚସ୍ପତି ପ୍ରଭାକରନ ମଧ୍ୟ ଏହି ତିନି ବିଧାୟକଙ୍କ ଇସ୍ତଫା ଗ୍ରହଣ କରିଥିଲେ । ଇସ୍ତଫା ଦେବା ପରେ ଏମାନେ ଟିଭିକେ କାର୍ଯ୍ୟକର୍ତ୍ତା ଆଧବ ଅର୍ଜୁନଙ୍କୁ ତାଙ୍କ କାର୍ଯ୍ୟାଳୟରେ ଭେଟି ଟିଭିକେରେ ଯୋଗଦେବାକୁ ନିଜ ଇଚ୍ଛାବ୍ୟକ୍ତ କରିଥିଲେ । ତେବେ ଇସ୍ତଫା ଦେଇଥିବା ବିଧାୟକମାନେ ହେଲେ ମଦୁରନ୍ତକମର ମାରାଗାଥମ କୁମାରଭେଲ, ଧରାପୁରମର ସତ୍ୟବାମା ଏବଂ ପେରୁଣ୍ଡୁରାଇର ଜୟକୁମାର । ଏହି ତିନି ଜଣ ଏଆଇଏଡିଏମ୍‌କେ ଟିକେଟରେ ସେମାନଙ୍କର ବିଧାନସଭା ଆସନ ଜିତିଥିଲେ । ସୁତରାଂ ଏବେ ରାଜ୍ୟର ଚାରୋଟି ବିଧାନସଭା ଆସନ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହେବ । ଏଥିରେ ମଦୁରନ୍ତକମ, ଧରାପୁରମ ଏବଂ ପେରୁଣ୍ଡୁରାଇ ଆସନ ସହିତ ତ୍ରିଚି ପୂର୍ବ ଆସନ ମଧ୍ୟ ଅନ୍ତର୍ଭୁକ୍ତ । ମୁଖ୍ୟମନ୍ତ୍ରୀ ବିଜୟ ଦୁଇଟି ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଜିତିଥିବାରୁ ତ୍ରିଚି ପୂର୍ବ ଆସନ ଖାଲି କରିଥିଲେ । ଏହି ଇସ୍ତଫା ଫଳରେ ଏଆଇଏଡିଏମ୍‌କେର ବିଧାୟକ ସଂଖ୍ୟା ୪୭ରୁ ୪୪କୁ ହ୍ରାସ ପାଇଛି । ପ୍ରକାଶ, ଏଆଇଏଡିଏମ୍‌କେ ମଧ୍ୟରେ ଆଭ୍ୟନ୍ତରୀଣ ବିବାଦ ବିଧାନସଭା ନିର୍ବାଚନ ପର ଠାରୁ ଜାରି ରହିଛି । ମୁଖ୍ୟମନ୍ତ୍ରୀ ବିଜୟଙ୍କ ଦ୍ୱାରା କରାଯାଇଥିବା ଫ୍ଲୋର ଟେଷ୍ଟ ସମୟରେ ଦଳର ଆଭ୍ୟନ୍ତରୀଣ ଫାଟ ସାମ୍ନାକୁ ଆସିଥିଲା । ସିଭି ଶାନମୁଗମଙ୍କ ନେତୃତ୍ୱରେ ୨୫ଜଣ ଏଆଇଏଡିଏମ୍‌କେ ଦଳୀୟ ବିଧାୟକ ନିଜ ଦଳର ନିର୍ଦ୍ଦେଶକୁ ଅବମାନନା କରି ଟିଭିକେ ସରକାରଙ୍କୁ ଭୋଟ୍ ଦେଇଥିଲେ । ଫଳରେ ଟିଭିକେକୁ ଫ୍ଲୋର ଟେଷ୍ଟରେ ୧୪୪ ଭୋଟ୍ ମିଳିଥିଲା ।

# କପିଲ ଶର୍ମାଙ୍କ ଘର ଉପରେ ଗୁଳିମାଡ଼

**ଅମୃତସର,୨୫ା୫/ଏଜେନ୍ସି:** ଲୋକପ୍ରିୟ କମେଡିଆନ୍-ଅଭିନେତା କପିଲ ଶର୍ମାଙ୍କ ଅମୃତସର ସ୍ଥିତ ଘର ବାହାରେ ସୋମବାର ଗୁଳିମାଡ଼ ହୋଇଥିବା ଖବର ସାମ୍ନାକୁ ଆସିଛି । କପିଲଙ୍କ ପାରିବାରିକ ସୂତ୍ରରୁ ଦାବି କରାଯାଇଛି ଯେ, ଦୁର୍ବୃତ୍ତମାନେ ବାଇକ୍‌ରେ ଆସି ୨ ରାଉଣ୍ଡ ଗୁଳି ଚଳାଇ ଫେରାର ହୋଇଯାଇଛନ୍ତି । ତେବେ ବର୍ତ୍ତମାନ ସୁଦ୍ଧା ଏହି ଆକ୍ରମଣ ପାଇଁ କେହି ନିଜକୁ ଦାୟୀ କରିନାହାନ୍ତି । ଅନ୍ୟପକ୍ଷେ ଅମୃତସର ପୁଲିସ୍ କମିଶନର ଗୁରପ୍ରୀତ ସିଂହ ଭୁଲ୍ଲର କହିଛନ୍ତି ଯେ, ଏହି ଗୁଳିକାଣ୍ଡ



ଘଟଣାକୁ ନେଇ କିଛି ଅଦାୟିତ୍ୱସମ୍ପନ୍ନ ବ୍ୟକ୍ତି ଗୁଜବ ପ୍ରଚାର କରୁଛନ୍ତି । କୌଣସି ପ୍ରକାର ଗୁଜବ ଉପରେ ବିଶ୍ୱାସ ନକରି କେବଳ ଆଧିକାରିକ ସୂତ୍ରରୁ ଜାରି ହେଉଥିବା ସଠିକ ସୂଚନା ଉପରେ ଭରସା ରଖିବାକୁ ସେ ସମସ୍ତଙ୍କୁ ଅପିଲ କରିଛନ୍ତି । ସେହିପରି ଏସିପି କମଲଜିତ ସିଂହ ଅଲଖ କହିଛନ୍ତି ଯେ, ଗୁଳି ଚାଲିଥିବା ନେଇ କୌଣସି ସ୍ପଷ୍ଟ ପ୍ରମାଣ ମିଳିନାହିଁ । ଅମୃତସରର ପଶ୍ ଅଞ୍ଚଳ 'ହୋଲି ସିଟି'ରେ କପିଲ ଶର୍ମାଙ୍କ ଘର ରହିଛି । ପୁଲିସ୍ ସମ୍ପୃକ୍ତ ଅଞ୍ଚଳକୁ ସିଲ୍ କରିଦେବା ସହ ଆଖପାଖ ଲୋକଙ୍କ ବୟାନ ରେକର୍ଡ କରିଛି । ଏହାସହ କପିଲଙ୍କ ଘର ଏବଂ ଆଖପାଖର ଭିଆଇପି ଘରଗୁଡ଼ିକ ବାହାରେ ଲାଗିଥିବା ସିସିଟିଭି ଫୁଟେଜ୍‌କୁ ଯାଞ୍ଚ କରାଯାଉଛି ।

ପ୍ରକାଶ, ଏହି ଘରେ ବର୍ତ୍ତମାନ କପିଲଙ୍କ ଭଉଣୀ ଏବଂ ଭିଣୋଇ ରହୁଛନ୍ତି, ଯେତେବେଳେ କି କପିଲ ଶର୍ମା ନିଜ ପରିବାର ସହ ମୁମ୍ବାଇରେ ଅଛନ୍ତି । ଏହା ପୂର୍ବରୁ କାନାଡ଼ାର ବ୍ରିଟିଶ କଲମ୍ବିଆ ଅନ୍ତର୍ଗତ ସରେ ଠାରେ ଥିବା କପିଲଙ୍କ ଏକ କ୍ୟାଫେ ଉପରକୁ ମଧ୍ୟ ୩ ଥର ଗୁଳିମାଡ଼ ହୋଇସାରିଛି । ତେବେ ଏହି ଗୁଳିକାଣ୍ଡ ପାଇଁ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍ ନିଜକୁ ଦାୟୀ କରିଥିଲା । ଏହାପରେ କପିଲ୍ ଶର୍ମା କହିଥିଲେ ଯେ, ସେ ଏସବୁ ଘଟଣାକୁ ନେଇ ଆଦୌ ଭୟଭୀତ ନୁହଁନ୍ତି ।

## ଆମେରିକା ରାଷ୍ଟ୍ରପତିଙ୍କ ସ୍ପଷ୍ଟୀକରଣ

# ଇରାନ୍ ସହ ଓବାମାଙ୍କ ଭଳି ଚୁକ୍ତି କରିବିନି

**ୱାଶିଂଟନ୍, ୨୫ା୫/ଏଜେନ୍ସି:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର କହିଛନ୍ତି ଯେ, ସେ ଇରାନ ସହିତ ଓବାମାଙ୍କ ଭଳି କୌଣସି ଚୁକ୍ତି କରିବେ ନାହିଁ । ସେ ଇରାନ୍ ସହ ଏକ ସର୍ବୋତ୍ତମ ଚୁକ୍ତି କରାଇବାକୁ ଚାହୁଁଛନ୍ତି ଯଦି ଏହା ସମ୍ଭବ ହେବ ତ ଭଲ ନଚେତ୍ କିଛି ବି ହେବ ନାହିଁ । ଟ୍ରମ୍ପ ଇରାନ ସହିତ ହେବାକୁ ଥିବା ଚୁକ୍ତିକୁ ସମାଲୋଚନା କରୁଥିବା ନେତାମାନଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେଉଁମାନଙ୍କୁ ଇରାନ ସହିତ ହେବାକୁ ଥିବା ଚୁକ୍ତି ବିଷୟରେ କିଛି ବି ଜଣା ନାହିଁ, ସେମାନେ ମଧ୍ୟ ଏହାର ନିନ୍ଦା କରୁଛନ୍ତି । ଟ୍ରମ୍ପ କହିଛନ୍ତି ଯେ ଏହି ଲୋକମାନେ ଦୁର୍ବଳ ଏବଂ କେବଳ ଦେଶକୁ ବିଭାଜନ କରନ୍ତି । ତାଙ୍କର ସମ୍ଭାବ୍ୟ ଚୁକ୍ତି ୨୦୧୫ର (ପୂର୍ବତନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ସମୟରେ) ପରମାଣୁ ଚୁକ୍ତି ଭଳି ହେବ ନାହିଁ । ଟ୍ରମ୍ପ ଓବାମାଙ୍କ ଚୁକ୍ତିକୁ ଏକ ବିପର୍ଯ୍ୟୟ ବୋଲି ଅଭିହିତ କରିଛନ୍ତି ଏବଂ ଦାବି କରିଛନ୍ତି ଯେ ତାହା ଦ୍ୱାରା ଇରାନ ପାଇଁ ପରମାଣୁ ଅସ୍ତ୍ରଶସ୍ତ୍ର ପାଖରେ ପହଞ୍ଚିବାର ରାସ୍ତା ଖୋଲିଯାଇଥିଲା ।

ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ସମ୍ଭାବ୍ୟ ଶାନ୍ତି ଚୁକ୍ତିଗୁଡିକ ମଧ୍ୟରେ ହର୍ମୁଜ ପ୍ରଣାଳୀର ପୁନଃଉଦ୍ଘାଟନ, ୟୁରାନିୟମ ସଂଗ୍ରହ ଉପରେ



## ଆବ୍ରାହମ୍ ଆକର୍ଡରେ ସ୍ୱାକ୍ଷର କରିବାକୁ ତେହରାନ୍ ଉପରେ ଚାପ ପକାଇଲେ ଟ୍ରମ୍ପ୍

କଟକଣା, ୬୦ ଦିନର ଅସ୍ତ୍ରବିରତି ଓ ପ୍ରତିବନ୍ଧକ କୋହଳ, ଆବ୍ରାହାମ ଚୁକ୍ତିର ସର୍ତ୍ତ ଲାଗୁ ତଥା ପାଳନ ଏବଂ ଆମେରିକା ରାଜନୀତିରେ ବିରୋଧ ଭଳି ଅନେକ ପ୍ରସଙ୍ଗ ସାମିଲ ରହିଛି । ତେବେ ଏସବୁ ସର୍ତ୍ତଗୁଡ଼ିକୁ ଇରାନ୍ ସ୍ୱୀକାର କରୁଥିଲେ ମଧ୍ୟ ସମୃଦ୍ଧ ୟୁରାନିୟମ୍‌ଗୁଡ଼ିକୁ ଆମେରିକାକୁ ହସ୍ତାନ୍ତର କରିବା, ଆଣବିକ କାର୍ଯ୍ୟକ୍ରମ ବନ୍ଦ କରିବା ତଥା ୟୁରାନିୟମ ସଂଗ୍ରହ ଉପରେ କଟକଣା ଭଳି ସର୍ତ୍ତଗୁଡ଼ିକୁ ସ୍ୱୀକାର କରିବାକୁ ଅଗ୍ରାହ୍ୟ କରିଆସୁଛି । ମୋଟାମୋଟି ଟ୍ରମ୍ପ ଚାହୁଁଛନ୍ତି ଯେ ଇରାନ ସହିତ ଏଥର ଯେଉଁ ଚୁକ୍ତି ହେବ, ସେଥିରେ କେବଳ ପରମାଣୁ କାର୍ଯ୍ୟକ୍ରମ ନୁହେଁ, ବରଂ ତାର ବାଲିଷ୍ଟିକ ମିସାଇଲ୍ ପ୍ରୋଗ୍ରାମ ଏବଂ ଆଞ୍ଚଳିକ ଆତଙ୍କବାଦକୁ ମିଳୁଥିବା ସମର୍ଥନ ଉପରେ ମଧ୍ୟ ସମ୍ପୂର୍ଣ୍ଣ ରୋକ୍ ଲାଗୁ । ଅନ୍ୟପକ୍ଷେ ଟ୍ରମ୍ପ୍ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ଏହି ନୂତନ ଚୁକ୍ତିର ଏକ ବଡ଼ ସର୍ତ୍ତ ହେଉଛି ବିଶ୍ୱ ବାଣିଜ୍ୟ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ 'ହର୍ମୁଜ ପ୍ରଣାଳୀ'କୁ ସମ୍ପୂର୍ଣ୍ଣ ଭାବେ ଖୋଲାଯିବ । ଚଳିତ ଯୁଦ୍ଧ ଯୋଗୁଁ ଇରାନ ଏହି ସାମୁଦ୍ରିକ ମାର୍ଗକୁ ଅବରୋଧ କରି ରଖିଛି, ଯାହାକୁ ବର୍ତ୍ତମାନ ମୁକ୍ତ କରିବା ପାଇଁ ଆଲୋଚନା ଚାଲିଛି । ସେହିପରି ୨୦୧୫ର ଓବାମା ଚୁକ୍ତି ତୁଳନାରେ ଟ୍ରମ୍ପ ଏଥର ଅଧିକ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଯୁକ୍ତରାଷ୍ଟ୍ର ଆମେରିକାର ଦାବି ଅନୁଯାୟୀ, ଇରାନକୁ ତାର ଉଚ୍ଚ ସମୃଦ୍ଧ ୟୁରାନିୟମର ସମସ୍ତ ସ୍ତରକୁ ନଷ୍ଟ କରିବାକୁ ହେବ କିମ୍ବା ତାକୁ ଅନ୍ୟ କୌଣସି ତୃତୀୟ ଦେଶକୁ ହସ୍ତାନ୍ତର କରିବାକୁ ପଡ଼ିବ, ଯେପରି ସେ କଦାପି ପରମାଣୁ ଅସ୍ତ୍ର ତିଆରି କରିପାରିବନାହିଁ ।

ସୂଚନାଯୋଗ୍ୟ, ଏକ ୬୦ ଦିନିଆ ଅସ୍ତ୍ରବିରତି ଢାଞ୍ଚା ଉପରେ କାମ ଚାଲିଛି । ଯଦି ଇରାନ୍ ନିଜର ପରମାଣୁ କାର୍ଯ୍ୟକ୍ରମ ସୀମିତ ରଖିବାକୁ ରାଜି ହୁଏ, ତେବେ ଆମେରିକା ତାର ନୌସେନା ଅବରୋଧ ହଟାଇବ ଏବଂ ଇରାନର ଜବତ ହୋଇଥିବା ଅର୍ଥରାଶିକୁ ପର୍ଯ୍ୟାୟକ୍ରମେ ମୁକ୍ତ କରିବ । ଏହାରି ମଧ୍ୟରେ ରାଷ୍ଟ୍ରପତି ଟ୍ରମ୍ପ ଏକ ନୂଆ ପ୍ରସ୍ତାବ ଦେଇଛନ୍ତି ଯେ ଇରାନ ସହିତ ଶାନ୍ତି ପ୍ରକ୍ରିୟାର ଅଂଶସ୍ୱରୂପ କତାର, ପାକିସ୍ତାନ, ଇଜିପ୍ଟ ଓ ଜର୍ଦ୍ଦାନ ଭଳି ମୁସଲିମ ବହୁଳ ଦେଶଗୁଡ଼ିକ 'ଆବ୍ରାହାମ ଚୁକ୍ତି'ରେ ସାମିଲ ହୋଇ ଇସ୍ରାଏଲ ସହିତ ନିଜର ସମ୍ପର୍କକୁ ସ୍ୱାଭାବିକ କରିବା ବାଧ୍ୟତାମୂଳକ ହେବା ଉଚିତ୍ ।

## ଗୁଲ୍‌ମର୍ଗ ଗୋଣ୍ଡୋଲାରେ ବୈଷୟିକ ତ୍ରୁଟି

# ୭ ଘଣ୍ଟା ମଝି ଆକାଶରେ ଫସିଲେ ୩୦୦ ପର୍ଯ୍ୟଟକ

**ଶ୍ରୀନଗର, ୨୫ା୫/ଏଜେନ୍ସି:** ଜମ୍ମୁ-କାଶ୍ମୀରର ବାରାମୁଲା ଜିଲ୍ଲାରେ ଥିବା ବିଶ୍ୱର ୩ୟ ସର୍ବୋଚ୍ଚ ରୋପୱେ, ଗୁଲମର୍ଗ ଗୋଣ୍ଡୋଲାରେ




ସୋମବାର ଏକ ଅଭାବନୀୟ ଘଟଣା ଘଟିଥିବା ସମ୍ପର୍କରେ ସୂଚନା ମିଳିଛି । ରିପୋର୍ଟ ଅନୁସାରେ ଆଜି ଏଠାରେ ପର୍ଯ୍ୟଟକମାନେ ରୋପ୍‌ୱେର ମଜା ନେଉଥିବା ବେଳେ ଆକସ୍ମିକ ଭାବେ ଏଥିରେ ଟେକ୍ନିକାଲ୍ ସମସ୍ୟା ଦେଖାଦେଇଥିଲା । ଅପରାହ୍ନ ପ୍ରାୟ ୨.୩୦ ସମୟରେ ରୋପୱେର ସମସ୍ତ କେବିନ୍‌ଗୁଡ଼ିକ ଅଚାନକ ଅଟକିଯାଇଥିଲା । ତେବେ ପ୍ରାୟ ୬୫ଟି କେବିନ୍‌ରେ ପ୍ରାୟ ୩୦୦ରୁ ଅଧିକ ପର୍ଯ୍ୟଟକମାନେ ବସିଥିଲେ । ସୁତରାଂ ଟେକ୍ନିକାଲ ସମସ୍ୟା ଦେଖାଦେବା ଯୋଗୁ ଏସମସ୍ତ ପର୍ଯ୍ୟଟକମାନେ ମଝି ଆକାଶରେ ଫସି ରହିଛନ୍ତି । ଉଦ୍ଧାର କାର୍ଯ୍ୟରେ ଭାରତୀୟ ସେନା, ଏନ୍‌ଡିଆର୍‌ଏଫ୍, ଜମ୍ମୁ କାଶ୍ମୀର ପୁଲିସ ଏବଂ ଏସ୍‌ଡିଆର୍‌ଏଫ୍ ନିୟୋଜିତ ହୋଇଛନ୍ତି । ସନ୍ଧ୍ୟା ୭ଟା ସୁଦ୍ଧା ଦଉଡ଼ି ଏବଂ ସିଡ଼ି ସାହାଯ୍ୟରେ ୧୫୧ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି । କିନ୍ତୁ ଏବେ ବି ୨୫ଟି କେବିନ୍‌ରେ ଲୋକମାନେ ଫସି ରହିଛନ୍ତି, ଯେଉଁମାନଙ୍କ ମଧ୍ୟରେ ଅନେକ ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧା ଅଛନ୍ତି । ସେନା ଅଧିକାରୀଙ୍କ କହିବା ଅନୁସାରେ, ସମସ୍ତ ଯାତ୍ରୀଙ୍କୁ ସୁରକ୍ଷିତ ବାହାର କରିବା ପାଇଁ ଆହୁରି ପ୍ରାୟ ଚାରି ଘଣ୍ଟା ସମୟ ଲାଗିପାରେ । ବର୍ତ୍ତମାନ ସୁଦ୍ଧା କେହି ଆହତ ହୋଇଥିବା ଖବର ମିଳିନାହିଁ । ଗୁଲମର୍ଗ ଗୋଣ୍ଡୋଲାରେ ରବିବାର ଦିନ ମଧ୍ୟ ବୈଷୟିକ ତ୍ରୁଟି ଦେଖାଦେଇଥିଲା, ଯଦିଓ ମରାମତି କାର୍ଯ୍ୟ ପରେ ସୋମବାର ଠାରୁ ଏହି ସେବା ପୁନର୍ବାର ଆରମ୍ଭ କରାଯାଇଥିଲା । ଅର୍ଥାତ୍ ଗତ ୨୪ ଘଣ୍ଟା ମଧ୍ୟରେ ଏଠାରେ ଦ୍ୱିତୀୟ ଥର ପାଇଁ ଏପ୍ରକାର ବୈଷୟିକ ତ୍ରୁଟି ଦେଖିବାକୁ ମିଳିଛି ।

# ଅଭିଷେକଙ୍କ ଘରେ ପଶିଲା ପୁଲିସ

**କୋଲକାତା,୨୫।୫ (ଏଜେନ୍ସି):** ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ କୋଲକାତାସ୍ଥିତ ବାସଭବନରେ ପୁଲିସ୍ ପହଞ୍ଚିଛି । ତାଙ୍କ ଘର ବାହାରେ ପ୍ରବଳ ପୁଲିସ୍ ଫୋର୍ସ ମୁତୟନ କରାଯାଇଛି । କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମସି) ନିକଟରେ ବେଆଇନ ନିର୍ମାଣ ସମ୍ପର୍କରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସାଧାରଣ ସମ୍ପାଦକ ଅଭିଷେକଙ୍କୁ ନୋଟିସ ଜାରି କରିଥିଲା । ତଥାପି ତାଙ୍କ ବାସଭବନକୁ ପୁଲିସ୍ ଆସିବାର ସରକାରୀ କାରଣ ବର୍ତ୍ତମାନ ଅସ୍ପଷ୍ଟ ରହିଛି । ପ୍ରକାଶ, କୋଲକାତା ମ୍ୟୁନିସିପାଲ କର୍ପୋରେସନ (କେଏମ୍‌ସି)ର ଅଧିକାରୀମାନେ ଅଭିଷେକଙ୍କ ମାଲିକାନାରେ କିମ୍ବା ସହ-ମାଲିକାନା ଥିବା ଅନେକ ସମ୍ପତ୍ତିର ତଦନ୍ତ



ଆରମ୍ଭ କରିଥିଲେ । ଯାହା ଫଳରେ ତାଙ୍କ ୧୭ଟି ସମ୍ପତ୍ତି ସମ୍ପର୍କରେ ନୋଟିସ ଜାରି କରାଯାଇଥିଲା । ପରବର୍ତ୍ତୀ ସମୟରେ ଅଭିଷେକ କେଏମ୍‌ସିକୁ ଚିଠି ଲେଖି କଥିତ ବେଆଇନ ନିର୍ମାଣ ସମ୍ପର୍କରେ ନୋଟିସ୍‌ର ଉତ୍ତର ଦେବା ପାଇଁ ସମୟ ବୃଦ୍ଧି କରିବାକୁ ଅନୁରୋଧ କରିଥିଲେ । ଅଭିଷେକଙ୍କ ଦୁଇଟି ବାସଗୃହ ଅଛି । ଗୋଟିଏ ୧୮୮-ଏ ହରିଶ ମୁଖାର୍ଜୀ ରୋଡରେ ଏବଂ ଅନ୍ୟଟି ପାଖାପାଖି ୧୨୧ କାଳିଘାଟ ରୋଡ୍‌ରେ । ଉଭୟ କେଏମସିର ତଦନ୍ତ ପରିସରଭୁକ୍ତ । ହରିଶ ମୁଖାର୍ଜୀ ରୋଡ୍‌ରେ ଅବସ୍ଥିତ ସମ୍ପତ୍ତି ମାମଲାରେ, 'ଲିପ୍ସ ଆଣ୍ଡ ବାଉଣ୍ଡସ ପ୍ରାଇଭେଟ ଲିମିଟେଡ' ନାମକ ଏକ କର୍ପୋରେଟ ସଂସ୍ଥାକୁ ଏକ ନୋଟିସ ଜାରି କରାଯାଇଛି, ଯାହା ବାନାର୍ଜୀ ପରିବାରର ମାଲିକ ବୋଲି କୁହାଯାଉଛି । କାଳିଘାଟ ରୋଡରେ ଅବସ୍ଥିତ ସମ୍ପତ୍ତି ସମ୍ପର୍କରେ ଅଭିଷେକଙ୍କ ମାଆ ଲତା ବାନାର୍ଜୀଙ୍କୁ ନୋଟିସ ଜାରି କରାଯାଇଛି । ଉଭୟ ସମ୍ପତ୍ତି କୋଲକାତାରେ ଅବସ୍ଥିତ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ କାଳିଘାଟ ବାସଭବନ ନିକଟରେ ଅବସ୍ଥିତ ।

# ୨-୩ ଦିନରେ କର୍ଣ୍ଣାଟକ ନେତୃତ୍ୱ ପରିବର୍ତ୍ତନ ନିଷ୍ପତ୍ତି !

**ବେଙ୍ଗାଲୁରୁ,୨୫ା୫/ଏଜେନ୍ସି:** କର୍ଣ୍ଣାଟକରେ ଆସନ୍ତା ୨-୩ ଦିନ ମଧ୍ୟରେ ନେତୃତ୍ୱ ପରିବର୍ତ୍ତନ ନେଇ ନିଷ୍ପତ୍ତି ନିଆଯିବ । କର୍ଣ୍ଣାଟକରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ କଳ୍ପନା ଜଳ୍ପନା ଜାରି ରହିଥିବାବେଳେ ଏହି ସମୟରେ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କର ଅଚାନକ ଦିଲ୍ଲୀ ଗସ୍ତକୁ ନେଇ ଚର୍ଚ୍ଚା ବଢ଼ିଛି । ତେବେ ସିଦ୍ଧରମୈୟା କହିଛନ୍ତି,



ମଙ୍ଗଳବାର ଦିଲ୍ଲୀରେ ହାଇକମାଣ୍ଡଙ୍କ ସହ ବୈଠକ ପାଇଁ ତାଙ୍କୁ ଡକାଯାଇଛି । କିନ୍ତୁ ବୈଠକର ଏଜେଣ୍ଡା ସଂକ୍ରାନ୍ତରେ ସେ କିଛି ଜାଣିନାହାନ୍ତି ବୋଲି ସାମ୍ବାଦିକମାନଙ୍କ ପ୍ରଶ୍ନର ଉତ୍ତରରେ କହିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ରାତିରେ କେସି ବେଣୁଗୋପାଳ ତାଙ୍କୁ ଫୋନ୍ କରିଥିଲେ ଏବଂ ପୂର୍ବାହ୍ନ ୧୧ଟାରେ ବୈଠକ ହେବ ବୋଲି କହିଥିଲେ । ଉଲ୍ଲେଖଯୋଗ୍ୟ ମେ ୨୦ରେ ସରକାରକୁ ୩ ବର୍ଷ ପୂରିଥିବାରୁ କର୍ଣ୍ଣାଟକରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଏବଂ ନେତୃତ୍ୱ ପରିବର୍ତ୍ତନ ନେଇ ଚର୍ଚ୍ଚା ବଢ଼ିଛି ।

ପ୍ରକାଶ, ଶିବକୁମାରଙ୍କ ସମର୍ଥକମାନେ କ୍ଷମତା ବଣ୍ଟନ ଚୁକ୍ତି ଅନୁଯାୟୀ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି କରିଛନ୍ତି । ଉଲ୍ଲେଖଯୋଗ୍ୟ, ୨୦୨୩ ବିଧାନସଭା ନିର୍ବାଚନରେ କଂଗ୍ରେସ ଜିତିବା ସମୟରେ ସିଦ୍ଧରମୈୟା ଏବଂ ଶିବକୁମାରଙ୍କ ମଧ୍ୟରେ ୨.୫-୨.୫ ବର୍ଷିଆ ଶାସନ ନେଇ ଏକ ଚୁକ୍ତି ହୋଇଥିଲା । ଏହାର ଅର୍ଥ ସିଦ୍ଧରମୈୟା ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ରହିବେ ଏବଂ ଶିବକୁମାର ଅଢ଼େଇ ବର୍ଷ ମୁଖ୍ୟମନ୍ତ୍ରୀ ରହିବେ । କିନ୍ତୁ ଇତି ମଧ୍ୟରେ ୩ ବର୍ଷ ପୂରି ଯାଇଥିଲେ ବି ସିଦ୍ଧରମୈୟା ମୁଖ୍ୟମନ୍ତ୍ରୀ ଗାଦି ଛାଡ଼ିନାହାନ୍ତି । ଅନ୍ୟପକ୍ଷେ ଶିବକୁମାରଙ୍କ ସମର୍ଥକମାନେ ତାଙ୍କୁ ମୁଖ୍ୟମନ୍ତ୍ରୀ କରିବା ପାଇଁ ଦାବି କରିଛନ୍ତି ।

## 'କକ୍ରୋଚ୍ ଜନତା ପାର୍ଟି' ବିରୋଧରେ ସିବିଆଇ ତଦନ୍ତ ଦାବି

# ଜରୁରୀ ଶୁଣାଣି କରିବାକୁ ମନାକଲେ ସିଜେଆଇ

**ନୂଆଦିଲ୍ଲୀ, ୨୫ା୫/ଏଜେନ୍ସି:** ଭାରତରେ ଏବେ କୋଣ ଅନୁକୋଣରେ 'କକ୍ରୋଚ୍ ଜନତା ପାର୍ଟି'କୁ ନେଇ ଚର୍ଚ୍ଚା ବ୍ୟାପକ ହେବାରେ ଲାଗିଛି । ଅନ୍ୟପକ୍ଷେ ଏପ୍ରକାର ଏକ ଅଦ୍‌ଭୁତ ତଥା ନୂଆ ଦଳକୁ ନେଇ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ମଧ୍ୟ ବଢ଼ିବାରେ ଲାଗିଛି । ପରିଣାମ ସ୍ୱରୂପ ଏପ୍ରକାର ଏକ ଦଳର ସମର୍ଥକଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଇବାରେ ଲାଗିଛି । କେବଳ ଇନ୍‌ଷ୍ଟାଗ୍ରାମ୍‌ରେ ଏହି ଦଳର ଅନୁଗାମୀଙ୍କ ସଂଖ୍ୟା ସୋମବାର ମଧ୍ୟାହ୍ନ ୧୨ଟା ସୁଦ୍ଧା ୨.୨୯ କୋଟି ଛୁଇଁଛି । ତେବେ କକ୍ରୋଚ୍ ଜନତା ପାର୍ଟି ନାମକ ଝଡକୁ ନେଇ ଅନେକ ପ୍ରତିଷ୍ଠିତ ତଥା ପୁରୁଣା ରାଜନୈତିକ ଦଳଗୁଡ଼ିକ ମଧ୍ୟ ଶଙ୍କାଗ୍ରସ୍ତ ହୋଇପଡିଛନ୍ତି । ଏସବୁ ମଧ୍ୟରେ କକ୍ରୋଚ୍ ଜନତା ପାର୍ଟି' ସହ ଜଡ଼ିତ ବ୍ୟକ୍ତିବିଶେଷଙ୍କ କାର୍ଯ୍ୟକଳାପର ସିବିଆଇ ତଦନ୍ତ ଦାବି କରି ସୁପ୍ରିମକୋର୍ଟରେ ଆବେଦନ ଦାୟର କରାଯାଇଛି । ଯଦିଓ ଏପ୍ରକାର ଆବେଦନ ଉପରେ ସୁପ୍ରିମକୋର୍ଟ ସୋମବାର ତୁରନ୍ତ ଶୁଣାଣି କରିବାକୁ ମନା କରିଦେଇଛନ୍ତି, ତଥାପି ଦଳର ଏପ୍ରକାର ଲୋକପ୍ରିୟତାକୁ ନେଇ ଏବେ ଦେଶବ୍ୟାପୀ ଏକ ପୃଥକ୍ ମାହୋଲ୍ ସୃଷ୍ଟି ହୋଇଛି । ତେବେ ସୁପ୍ରିମକୋର୍ଟ ସୋମବାର କକ୍ରୋଚ୍ ଜନତା ପାର୍ଟି ବିରୋଧୀ ଆବେଦନ ଉପରେ ଜରୁରି ଶୁଣାଣି କରିବାକୁ ମନା କରିବାର ଭିଡିଓକୁ ଏହି ଦଳ ଏକ୍ସ'ରେ ସେୟାର କରିଛି, ଯେଉଁଥିରେ ଦଳରେ ବହୁମାତ୍ରାରେ ସାମିଲ ହେବାକୁ ଅପିଲ କରାଯାଇଛି ।

କକ୍ରୋଚ୍ ଜନତା ପାର୍ଟି (ସିଜେପି) ହେଉଛି ଏକ ସୋସିଆଲ ମିଡିଆ ପ୍ଲାଟଫର୍ମ, ଯାହା ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ସାମ୍ପ୍ରତିକ 'ବେରୋଜଗାରଙ୍କୁ କକ୍ରୋଚ୍ ବା ଅସରପା ସହ ତୁଳନାତ୍ମକ' ଟିପ୍ପଣୀ ପରେ ସାମ୍ନାକୁ ଆସିଛି । ତେବେ




ଏହି ଦଳ ବିରୋଧରେ ସିବିଆଇ ତଦନ୍ତ ଦାବିପୂର୍ବକ ଆବେଦନ ଆଡଭୋକେଟ୍ ରାଜା ଚୌଧୁରୀଙ୍କ ଦ୍ୱାରା ଦାୟର କରାଯାଇଛି । ସେ ନିଜ ଆବେଦନରେ ଏହି ଆନ୍ଦୋଳନ ସହ ଜଡ଼ିତ ନକଲି ଓକିଲ ଏବଂ ନକଲି ଆଇନ ଡିଗ୍ରୀଗୁଡ଼ିକର ତଦନ୍ତ ପାଇଁ ମଧ୍ୟ ଦାବି କରିଛନ୍ତି । ପ୍ରଧାନ ବିଚାରପତି (ସିଜେଆଇ) ଜବାବ ଦେଇ କହିଛନ୍ତି ଯେ, ବର୍ତ୍ତମାନ ଏପରି କୌଣସି ଗମ୍ଭୀର ଜରୁରୀ ପରିସ୍ଥିତି ନାହିଁ । ଦେଖାଯାଉ ଆଗକୁ କଣ ହେଉଛି । କିନ୍ତୁ ଏହି ପ୍ରସଙ୍ଗରେ ଜରୁରି ଶୁଣାଣି କରାଯିବାର କୌଣସି ଆବଶ୍ୟକତା ନାହିଁ ।

## ନୂଆ ଦଲାଇ ଲାମା ଚୟନ ପ୍ରସଙ୍ଗ

# ହସ୍ତକ୍ଷେପ ନକରିବାକୁ ପୁଣି ଚେତାବନୀ ଦେଲା ଚୀନ୍

**ନୂଆଦିଲ୍ଲୀ,ବେଜିଂ, ୨୫ା୫/ଏଜେନ୍ସି:** ଚୀନ୍ ଭାରତକୁ ଦଲାଇ ଲାମାଙ୍କ ଉତ୍ତରାଧିକାର ପ୍ରସଙ୍ଗରୁ ଦୂରେଇ ରହିବାକୁ ପରାମର୍ଶ ଦେଇଛି । ବେଜିଂ କହିଛି ଯେ, ଦଲାଇ ଲାମାଙ୍କ ପୁନର୍ଜନ୍ମ ଏବଂ ଉତ୍ତରାଧିକାରୀ ସ୍ଥିର କରିବା ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ଚୀନର ଏକ ଆଭ୍ୟନ୍ତରୀଣ ମାମଲା ଏବଂ ଏଥିରେ କୌଣସି ବାହ୍ୟ ହସ୍ତକ୍ଷେପକୁ ଅନୁମତି ଦିଆଯିବ ନାହିଁ । ଭାରତରେ ଥିବା ଚୀନ୍ ଦୂତାବାସର ମୁଖପାତ୍ର ୟୁ ଜିଙ୍ଗ୍ ରବିବାର ଦିନ ଏକ ବିବୃତି ଜାରି କରି କହିଛନ୍ତି ଯେ, ଦଲାଇ ଲାମାଙ୍କ ପୁନର୍ଜନ୍ମ ଶତାବ୍ଦୀ ପୁରୁଣା ଧାର୍ମିକ ରୀତିନୀତି ଏବଂ ଐତିହାସିକ ପରମ୍ପରା ଅନୁଯାୟୀ ହୋଇଥାଏ । ତେବେ ଚୀନ୍‌ର ଏହି ବୟାନ ଏପରି ଏକ ସମୟରେ ଆସିଛି, ଯେତେବେଳେ ଆସନ୍ତା ୨୭ ମଇରେ ଭାରତର ଧର୍ମଶାଳା ଠାରେ 'ସେଣ୍ଟ୍ରାଲ ତିବ୍ବତନ୍ ଆଡମିନିଷ୍ଟ୍ରେସନ-ସିଟିଏ' ଅର୍ଥାତ୍ ନିର୍ବାସିତ ତିବ୍ବତ ସରକାରଙ୍କ ମୁଖ୍ୟ ପେନପା ସେରିଙ୍ଗ ଦ୍ୱିତୀୟ ଥର ପାଇଁ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି । ଦଲାଇ ଲାମା ମଧ୍ୟ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇପାରନ୍ତି ବୋଲି ଅନୁମାନ କରାଯାଉଛି । ତେବେ ଚୀନ୍ ଦୂତାବାସ ଏପ୍ରକାର ବୟାନ୍ ଦେଇ ଭାରତକୁ ତିବ୍ବତ ପ୍ରସଙ୍ଗରେ ତାର ପୁରୁଣା ଆଭିମୁଖ୍ୟ ମଧ୍ୟ ମନେ ପକାଇ ଦେଇଛି । ବିବୃତିରେ କୁହାଯାଇଛି ଯେ, ଭାରତ ତିବ୍ବତର ସ୍ୱାଧୀନତା ସହ ଜଡ଼ିତ କାର୍ଯ୍ୟକଳାପ ପାଇଁ କୌଣସି






ମଞ୍ଚ ଯୋଗାଇଦେବା ଉଚିତ୍ ନୁହେଁ । ଆଞ୍ଚଳିକ ସ୍ଥିରତା ଏବଂ ଭାରତ-ଚୀନ୍ ସମ୍ପର୍କ ପାଇଁ ଏହା ଅତ୍ୟନ୍ତ ଜରୁରୀ । ସିଟିଏର ନୂତନ ରାଜନୈତିକ ମୁଖ୍ୟ ଭାବେ ପେନପା ସେରିଙ୍ଗଙ୍କ ବିଜୟ ଚୀନର ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି । ବେଜିଂ ଆଶଙ୍କା କରୁଛି ଯେ ଭାରତରେ ଥିବା ନିର୍ବାସିତ ତିବ୍ବତୀୟ ନେତୃତ୍ୱ ଭବିଷ୍ୟତରେ ତାର (ଚୀନ୍‌ର) ସହମତି ବିନା ନୂଆ ଦଲାଇ ଲାମାଙ୍କ ନାମ ଘୋଷଣା କରିପାରନ୍ତି । ପେନପା ସେରିଙ୍ଗ ଫେବୃଆରୀ ମାସରେ ହୋଇଥିବା ନିର୍ବାଚନରେ ୬୧% ରୁ ଅଧିକ ଭୋଟ୍ ହାସଲ କରିଥିଲେ । ନିୟମ ଅନୁଯାୟୀ, ୬୦% ରୁ ଅଧିକ ଭୋଟ୍ ମିଳିଲେ ପ୍ରାର୍ଥୀ ସିଧାସଳଖ ବିଜେତା ଘୋଷଣା ହୋଇଥାନ୍ତି । ସେଥିପାଇଁ ତାଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ମତଦାନର ଆବଶ୍ୟକତା ପଡ଼ିନଥିଲା । ପେନପା ସେରିଙ୍ଗଙ୍କ ଜନ୍ମ କର୍ଣ୍ଣାଟକର ବାଇଲାକୁପ୍ପେ ଠାରେ ହୋଇଥିଲା, ଯେଉଁଠାରେ ବିପୁଳ ସଂଖ୍ୟାରେ ତିବ୍ବତୀୟ ଶରଣାର୍ଥୀ ବସବାସ କରନ୍ତି । ସେ ଚେନ୍ନାଇର 'ମାଡ୍ରାସ କ୍ରିଷ୍ଟିଆନ୍ କଲେଜ'ରୁ ଶିକ୍ଷା ଗ୍ରହଣ କରିଛନ୍ତି ଏବଂ ଦୀର୍ଘ ସମୟ ଧରି ନିର୍ବାସିତ ତିବ୍ବତ ରାଜନୀତିରେ ସକ୍ରିୟ ରହିଛନ୍ତି ।

ତେବେ ଚୀନର ମୁଖ୍ୟ ଆଶଙ୍କା ହେଉଛି ଯେ, ଯଦି ଦଲାଇ ଲାମାଙ୍କ ଉତ୍ତରାଧିକାରୀ ଚୟନ ପ୍ରକ୍ରିୟା ଭାରତରେ ଥିବା ନିର୍ବାସିତ ତିବ୍ବତୀୟ ନେତୃତ୍ୱଙ୍କ ହାତରେ ରୁହେ, ତେବେ ସେମାନେ ବେଜିଂର କୌଣସି ମଞ୍ଜୁରୀ କିମ୍ବା ଅନୁମତି ବିନା ହିଁ ନୂଆ ଦଲାଇ ଲାମାଙ୍କ ଘୋଷଣା କରିଦେବେ । ଚୀନ୍ ଚାହୁଁଛି, ପରବର୍ତ୍ତୀ ଦଲାଇ ଲାମାଙ୍କୁ ବେଜିଂ ଦ୍ୱାରା ଚୟନ କରାଯିବା ଉଚିତ୍ ଯାହା ଦ୍ୱାରା ଚୀନ୍ କମ୍ୟୁନିଷ୍ଟ ପାର୍ଟି (ସିସିପି) ତିବ୍ବତ ଏବଂ ବୌଦ୍ଧ ସମ୍ପ୍ରଦାୟ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ବଜାୟ ରଖିପାରିବ । ଚୀନ୍ ଜଣେ ଚୀନ୍‌ର ଦଲାଇ ଲାମା ଚାହୁଁଛି । ତିବ୍ବତର ନିର୍ବାସିତ ସରକାର, କେନ୍ଦ୍ରୀୟ ତିବ୍ବତୀୟ ପ୍ରଶାସନ, ଭାରତର ଧର୍ମଶାଳାରେ ଅବସ୍ଥିତ । ଚୀନ୍ ଭୟ କରୁଛି ଯେ, ଭାରତର ସହାୟତାରେ ପରବର୍ତ୍ତୀ ଦଲାଇ ଲାମାଙ୍କୁ ଚୀନ୍ ବାହାରେ ଯେପରିକି ଭାରତର ତୱାଙ୍ଗ ଅଞ୍ଚଳରୁ ଚୟନ କରାଯାଇପାରେ, ଯାହା ଅନ୍ତର୍ଜାତୀୟ ସ୍ତରରେ ତିବ୍ବତ ଉପରେ ଚୀନ୍‌ର ବେଆଇନ ଦଖଲ ଦାବିକୁ ଦୁର୍ବଳ କରିଦେବ । ସୁତରାଂ ଭାରତ ତିବ୍ବତୀୟ ସ୍ୱାଧୀନତା ପାଇଁ କୌଣସି ସହାୟତା ଯୋଗାଇବ ନାହିଁ ବୋଲି ଚୀନ୍ ଆଶା ବ୍ୟକ୍ତ କରିଛି । ଅନ୍ୟପକ୍ଷେ ଭାରତ ମଧ୍ୟ ଆନୁଷ୍ଠାନିକ ଭାବରେ ସ୍ପଷ୍ଟ କରିସାରିଛି ଯେ, ପରବର୍ତ୍ତୀ ଦଲାଇ ଲାମାଙ୍କୁ ବାଛିବାର ଅଧିକାର କେବଳ ଦଲାଇ ଲାମା ଏବଂ ତାଙ୍କ ଅନୁଗାମୀମାନଙ୍କର ।

# ଅଟ୍ଟାପାଡି ମଧୁ ସଂଘବଦ୍ଧ ଆକ୍ରମଣ ମାମଲାରେ ୧୨ ଦୋଷୀଙ୍କୁ ଆଜୀବନ

**ଥିରୁଅନନ୍ତପୁରମ୍, ୨୫ା୫/ଏଜେନ୍ସି:** ୨୦୧୮ ମସିହାର ବହୁ ଚର୍ଚ୍ଚିତ 'ଅଟ୍ଟାପାଡି ମଧୁ ସଂଘବଦ୍ଧ ଆକ୍ରମଣ ମାମଲା' ରେ ଚୂଡାନ୍ତ ରାୟ ଶୁଣାଇଛନ୍ତି ସୋମବାର କେରଳ ହାଇକୋର୍ଟ । କୋର୍ଟ ଏହି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ୧୨ ଅପରାଧୀଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । କୋର୍ଟ ଏହି ଘଟଣାକୁ ଏଭଳି ଏକ ସାଂଘାତିକ ଭିଡ଼ ହିଂସା ବୋଲି ଅଭିହିତ କରିଛନ୍ତି । ଜଷ୍ଟିସ ଏ. ରାଜା ବିଜୟରାଘବନ ଏବଂ ଜଷ୍ଟିସ କେ. ଭି. ଜୟକୁମାରଙ୍କୁ ନେଇ ଗଠିତ ହାଇକୋର୍ଟଙ୍କ ଡିଭିଜନ ବେଞ୍ଚ୍ ନିଜ ଆଦେଶରେ କହିଛନ୍ତି ଯେ, ଅଭିଯୁକ୍ତମାନେ ଆଇପିସିର ଧାରା ୩୦୪ ପାର୍ଟ-୨, ଏସ୍‌ସି/ଏସ୍‌ଟି ଆକ୍ଟର ଧାରା ୩(୨)(୫) ଏବଂ ଆଇପିସିର ଧାରା ୧୪୯ ଅଧୀନରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ୨୭ ବର୍ଷୀୟ ଆଦିବାସୀ ଯୁବକ ମଧୁଙ୍କୁ ଫେବୃଆରୀ ୨୦୧୮ରେ କେରଳର ପାଲକ୍କାଡ୍ ଜିଲ୍ଲାର ଅଟ୍ଟାପାଡି ଅଞ୍ଚଳରେ ଉତ୍ତ୍ୟକ୍ତ ଜନତା ପିଟି ପିଟି ହତ୍ୟା କରିଥିଲା । ତାଙ୍କ ଉପରେ ଏକ ଦୋକାନରୁ ଚାଉଳ ଏବଂ ଗ୍ରୋସରୀ ସାମଗ୍ରୀ ଚୋରି କରିଥିବା ଅଭିଯୋଗ ହୋଇଥିଲା । ଏହି ମାମଲାରେ ସମୁଦାୟ ୧୬ ଜଣ ଅଭିଯୁକ୍ତ ଥିଲେ । ଏମାନଙ୍କ ମଧ୍ୟରୁ ମନ୍ନାରକ୍କାଡ୍ ସ୍ପେଶାଲ କୋର୍ଟ ୧୪ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଥିଲେ । ସେମାନଙ୍କ ମଧ୍ୟରୁ ୧୩ ଜଣ ଅଭିଯୁକ୍ତଙ୍କୁ ୭ ବର୍ଷର ଜେଲ ଦଣ୍ଡ ଶୁଣାଯାଇଥିଲା, ଯାହାକୁ ବର୍ତ୍ତମାନ ହାଇକୋର୍ଟ ବୃଦ୍ଧି କରି ଆଜୀବନ କାରାଦଣ୍ଡରେ ବଦଳାଇଛନ୍ତି ।

ନିତିଦିନ NITIDIN

## ଅଧାରାସ୍ତାରେ ଆମ୍ବୁଲାନ୍ସ ଖରାପ

**ଓଡ଼ଗାଁ,୨୫।୫/ଏନ୍ଏନ୍ଏସ୍:** ସୋମବାର ଅପରାହ୍ନ ୪ଟା ସମୟରେ ଓଡ଼ଗାଁ କୋର୍ଟ ନିକଟରେ ୧୦୮ ଆମ୍ବୁଲାନ୍ସ ଅଧାରାସ୍ତାରେ ଆଣ୍ଟେଇଥିବା ଦେଖିବାକୁ ମିଳିଛି। ଆମ୍ବୁଲାନ୍ସ ଓଡ଼ଗାଁ ପଟୁ ନୟାଗଡ ଯାଉଥିବା ସମୟରେ ଗାଡ଼ିଚକା ଫାଟି ଯାଇଥିଲା। ଆମ୍ବୁଲାନ୍ସରେ ଥିବା ରୋଗୀଙ୍କୁ ଅନ୍ୟ ଏକଗାଡ଼ିରେ ନୟାଗଡକୁ ଛଡା ଯାଇଥିଲା। ଗୁରୁତର ରୋଗୀଙ୍କ ପାଇଁ ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହୋଇଛି। ତେଣୁ ରୋଗୀ ସେବାକୁ ଗୁରୁତ୍ୱଦେଇ ସମସ୍ତ ଗାଡ଼ିଗୁଡିକୁ ମରାମତି କରିବାକୁ ସାଧାରଣରେ ଦାବି ହେଉଛି।



# ଶ୍ରୀଜଗନ୍ନାଥ ମନ୍ଦିରରେ ଭକ୍ତଙ୍କୁ ଦହିପାଣି ବଣ୍ଟନ



**ପୁରୀ,୨୫।୫/ଏନ୍ଏନ୍ଏସ୍:** ପୁରୀ ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ଆଜି ସଶସ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଭକ୍ତମାନଙ୍କ ପାଇଁ ଦହି ପାଣି ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବର୍ତ୍ତମାନର ଅତ୍ୟଧିକ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଭକ୍ତମାନଙ୍କ ସୁବିଧା ଓ ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଏହି ସେବାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଶ୍ରୀଜଗନ୍ନାଥ ମନ୍ଦିରକୁ ଦର୍ଶନ ପାଇଁ ଆସୁଥିବା ହଜାର ହଜାର ଭକ୍ତଙ୍କୁ ଶୀତଳ ଦହି ପାଣି ବଣ୍ଟନ କରାଯାଇଥିଲା। ଭକ୍ତମାନେ ଏହି ପଦକ୍ଷେପକୁ ସ୍ୱାଗତ କରିଥିବା ସହ ପୁରୀ ପୋଲିସ ଏବଂ ଶ୍ରୀମନ୍ଦିର ସୁରକ୍ଷା ବାହିନୀର ଏହି ମାନବିକ ସେବାକୁ ପ୍ରଶଂସା କରିଥିଲେ। ଏହି ସେବା କାର୍ଯ୍ୟକ୍ରମରେ କୁଳପତି ତାପସ ରଞ୍ଜନ ଦାସ, ଉପ କୁଳପତି କୌଶିକ ନାୟକ, ଏସି ନାରାୟଣ ରାଉତ, କିରଣ କୁମାର ଏବଂ ବିଜୟ ନନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ। ସୁରକ୍ଷା ବାହିନୀର ଅନ୍ୟାନ୍ୟ କର୍ମଚାରୀମାନେ ମଧ୍ୟ ସକ୍ରିୟ ଭାବେ ଏହି ସେବା କାର୍ଯ୍ୟରେ ସହଯୋଗ କରିଥିଲେ। ପୁରୀ ପୋଲିସ ସଦା ଭକ୍ତମାନଙ୍କ ସୁରକ୍ଷା, ସୁବିଧା ଏବଂ ସେବା ପ୍ରତି ପ୍ରତିବଦ୍ଧ ରହିଛି ଏବଂ ଆଗାମୀ ଦିନରେ ମଧ୍ୟ ଏଭଳି ଜନହିତକର କାର୍ଯ୍ୟକ୍ରମ ଜାରି ରହିବ।

## ଷ୍ଟେଟ୍‌ବ୍ୟାଙ୍କ ଶାଖାରେ ଅଗ୍ନିକାଣ୍ଡ

**କଣ୍ଟିଲୋ,୨୫।୫/ଏନ୍ଏନ୍ଏସ୍:** କଣ୍ଟିଲୋ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ର ପଶ୍ଚିମ ପାର୍ଶ୍ୱ ନୀଳମାଧବ ମନ୍ଦିରକୁ ଯିବା ରାସ୍ତା ବିରଞ୍ଚି ନାରାୟଣ ସାହୁଙ୍କ ଘର ସାମ୍ନାରେ ଅସ୍ଥାୟୀ ଭାବେ ଖଣ୍ଡପଡ଼ା ଷ୍ଟେଟବ୍ୟାଙ୍କର ଶାଖା ବ୍ୟାଙ୍କ୍ ଭାବେ ଚାଲିଥିବା ଗୃହରେ କର୍ମଚାରୀମାନେ ଆଜି ସୋମବାର ତାଲା ପକାଇ ଚାଲିଯାଇଥିଲେ। ରାତ୍ର ୭ଘଣ୍ଟା ୪୦ମିନିଟ ସମୟେ ହଠାତ୍ ଉକ୍ତ ବ୍ୟାଙ୍କ୍ କୋଠରୀ ମଧ୍ୟରୁ ନିଆଁ ଓ ଧୂଆଁ ବାହାରିବା ଫଳରେ ସଂପୃକ୍ତ କର୍ମଚାରୀମାନଙ୍କୁ ଫୋନ ମାଧ୍ୟମରେ ଅବଗତ କରାଯାଇଥିଲା। ପରେ କର୍ମଚାରୀମାନଙ୍କ ଉପସ୍ଥିତିରେ ବ୍ୟାଙ୍କ୍ ସଟର୍ ଖୋଲା ଯାଇଥିଲା ଓ ସ୍ଥାନୀୟ ବାସିନ୍ଦା ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ହେଲେ ବ୍ୟାଙ୍କର ପ୍ରତ୍ୟେକ ଆସବାବ ଜିନିଷ ସହିତ କେତେକ ମୂଲ୍ୟବାନ ଡକ୍ୟୁମେଣ୍ଟ୍ ପୋଡ଼ି ପାଉଁଶ ହୋଇଯାଇଥିବା ସୂଚନା ମିଳିଛି।

## ଟ୍ରାକ୍ଟର ଓଲଟି ଡ୍ରାଇଭର ମୃତ

**ନିଶ୍ଚିନ୍ତକୋଇଲି,୨୫।୫/ଏନ୍ଏନ୍ଏସ୍:** ନେମାଳ ଥାନା ଅଧିନ ଜନାର୍ଦ୍ଦନପୁର ପଂଚାୟତ ଅମାଣିଆପାଟଣା ଶନିଷ୍ଠର ଗଡାଠାରେ ଚୋରାରେ ବାଲି ଚାଲାଣ ବେଳେ ଜଣେ ଟ୍ରାକ୍ଟର ଓଲଟି ପଡ଼ିବାରୁ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ଜଣାଯାଇଛି। ସୂଚନାରୁ ପ୍ରକାଶ ଟ୍ରାକ୍ଟରରେ ବାଲି ବୋଝେଇ ହୋଇ ଆସୁଥିବାବେଳେ ନଦୀବନ୍ଧ ରାସ୍ତାର କେନାଲ ମଧ୍ୟକୁ ଟ୍ରାକ୍ଟରଟି ଓଲଟି ପଡିଥିଲା। ଡ୍ରାଇଭର ଟ୍ରାକ୍ଟର ତଳେ ରହିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାଲେପୁର ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଡ୍ରାଇଭର ଜଣକ କେଉଟୁଲି ଗ୍ରାମର ବିପିନ ଭୋଇଙ୍କ ପୁଅ ଲକ୍ଷ୍ମୀଧର ଭୋଇ ବୋଲି ଜଣାଯାଇଛି। ଗତ ୪ମାସ ପୂର୍ବେ ସେ ବିବାହ କରିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ମେଡିକାଲକୁ ପଠାଇଛି।

## ବିଜେଡିର ନାରୀ ଅଧିକାର ଅଭିଯାନ




**ଦଶପଲ୍ଲା,୨୫।୫/ଏନ୍ଏନ୍ଏସ୍:** ନାରୀମାନଙ୍କ ପାଇଁ ୩୩% ସଂରକ୍ଷଣ ଓ ନାରୀ ନିର୍ଯ୍ୟାତନା ନିୟନ୍ତ୍ରଣରେ ବିଜେପି ସରକାରର ବିଫଳତା ପ୍ରତିବାଦରେ ବିଜୁ ମହିଳା ଜନତା ଦଳ ପକ୍ଷରୁ ସୋମବାର ଦଶପଲ୍ଲା ନିର୍ବାଚନ ମଣ୍ଡଳୀ ସ୍ତରୀୟ ନାରୀ ଅଧିକାର ଅଭିଯାନ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବିଡ଼ିଓ ଶରତ କୁମାର ମଲ୍ଲିକଙ୍କୁ ପ୍ରଦାନ କରାଯାଇଛି। ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ନେତୃତ୍ୱରେ ଅନୁଷ୍ଠିତ ନାରୀ ଅଧିକାର ଶୋଭାଯାତ୍ରା ସ୍ଥାନୀୟ ଲକ୍ଷ୍ମୀବଜାରଠାରୁ ବାହାରି ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ନାରାଦେଇ ସହର ପରିକ୍ରମା କରିବା ପରେ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ ପରେ ଏହି ଶୋଭାଯାତ୍ରା ଦଶପଲ୍ଲାର ଐତିହାସିକ ମେଳିଆ ଟୋଟାଠାରେ ପହଞ୍ଚିଥିଲା। ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ବେଜେଡି ନେତୃବୃନ୍ଦ ବିଜେପି ସରକାରର ବିଫଳତାକୁ ନେଇ ବକ୍ତବ୍ୟ ରଖିଥିଲେ। ଗତ କିଛିମାସ ତଳେ ଏହାକୁ ନେଇ ବିଜେପି ପକ୍ଷରୁ ଏକ ମହିଳା ଶୋଭାଯାତ୍ରା କରାଯାଇ ଏଥିପାଇଁ କଂଗ୍ରେସ ଓ ବିଜେଡି ଦାୟୀ ବୋଲି କୁହାଯାଇଥିବା ବେଳେ ଏବେ ବିଜେଡି ପକ୍ଷରୁ ମହିଳା ଅଧିକାର ଶୋଭାଯାତ୍ରା କରାଯାଇ ଏହି ବିଫଳତା ପାଇଁ ବିଜେପି ସରକାରକୁ ଦାୟୀ କରାଯାଇଛି। ଆଗକୁ ଏନଏସି ଏବଂ ପଞ୍ଚାୟତ ସମିତି ଭୋଟ ଆସୁଥିବା ବେଳେ ଏବେ ମହିଳାଙ୍କ ୩୩% ସଂରକ୍ଷଣକୁ ନେଇ ଉଭୟ ବିଜେପି ଏବଂ ବିଜେଡି ନିଜ ସପକ୍ଷରେ ମହିଳା ସଂଗଠନକୁ ସୁଦୃଢ଼ କରିବା ପାଇଁ ଉଦ୍ୟମ ଜାରି ରଖିଛନ୍ତି। ବିଜେଡି ମହିଳା ଅଧିକାର ଶୋଭାଯାତ୍ରାରେ ବିଧାୟକଙ୍କ ସହ ଦଶପଲ୍ଲା ପଞ୍ଚାୟତ ସମିତି ଅଧକ୍ଷା ସୁନନ୍ଦା ସାହୁ, ଏନଏସି ଅଧକ୍ଷା ଇଂ ପୁନମ ପ୍ରିୟଦର୍ଶିନୀ, ନୂଆଗାଓଁ ପଞ୍ଚାୟତ ସମିତି ଅଧକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ଗଣିଆ ପଞ୍ଚାୟତ ସମିତି ଅଧକ୍ଷା ଝୁନା ଜେନା, ଦଶପଲ୍ଲା ବ୍ଲକ ବିଜେଡି ସଭାପତି ଅରୁଣ ସ୍ୱାଇଁ, ଗଣିଆ ବ୍ଲକ ସଭାପତି ଶେଷଦେବ ସ୍ୱାଇଁ ଓ ନୂଆଗାଓଁ ବ୍ଲକ୍ ସଭାପତି ଯୁଗଳ କିଶୋର ସାହୁଙ୍କ ସହ ନିର୍ବାଚନ ମଣ୍ଡଳୀରୁ ଶହ ଶହ ବିଜେଡି କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ପାରସ୍ପରିକ ସମନ୍ୱୟରେ ସ୍ୱାସ୍ଥ୍ୟସେବାକୁ ଅଧିକ କ୍ରିୟାଶୀଳ କରାଯିବ

# ରଥଯାତ୍ରା ସମୟରେ କାର୍ଯ୍ୟକ୍ଷମ ହେବ ୮ ଅସ୍ଥାୟୀ ହସ୍ପିଟାଲ୍



**ପୁରୀ,୨୫।୫/ଏନ୍ଏନ୍ଏସ୍:** ଚଳିତ ରଥଯାତ୍ରାରେ ସ୍ୱାସ୍ଥ୍ୟ ସେବାକୁ ଅଧିକ କ୍ରିୟାଶୀଳ କରିବା ଓ ଜନସାଧାରଣଙ୍କୁ ଉନ୍ନତ ସେବା ଯୋଗାଇଦେବାକୁ ୩୦ଗୋଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର ସହ ୧୦ଶଯ୍ୟା ବିଶିଷ୍ଟ ୮ଟି ଅତିରିକ୍ତ ଅସ୍ଥାୟୀ ସ୍ୱାସ୍ଥ୍ୟ କେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା। ଆଜି ପୂର୍ବାହ୍ନରେ ସଦଭାବନା ସଭାଗୃହ ପରିସରରେ ରଥଯାତ୍ରାରେ ସ୍ୱାସ୍ଥ୍ୟ ସେବା ସମ୍ପର୍କିତ ବୈଠକରେ ଅଧକ୍ଷତା କରି ଜିଲ୍ଲାପାଳ ଶ୍ରୀ ପରିଡା ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ପାଇଁ ବିବିଧ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଥିଲେ। ରଥଯାତ୍ରାରେ ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତର, ପାରାମେଡିକାଲ୍ସ ସହ ଅନେକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥାନ୍ତି। ତେବେ ଦକ୍ଷତା ପୂର୍ଣ୍ଣ ସ୍ୱେଚ୍ଛାସେବୀ ମାନଙ୍କୁ ଦାୟିତ୍ୱ ଦେବା ସେମାନଙ୍କୁ ବ୍ୟାପକ ପ୍ରଶିକ୍ଷଣ ମାଧ୍ୟମରେ ଅଧିକ ସ୍ୱାସ୍ଥ୍ୟ ସେବା ଉପଯୋଗୀ କରାଇବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ପର୍ଯ୍ୟାପ୍ତ ଔଷଧ, କର୍ମଚାରୀ, ଏସି ରୁମ୍, ଆମ୍ବୁଲାନ୍ସ ଇତ୍ୟାଦି ମହଯୁଦ ସହ ରୋଗୀ ମାନଙ୍କୁ ତତକ୍ଷଣାତ ଉପଯୁକ୍ତ ସେବା ଯୋଗାଇବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ଏକ ସାମଗ୍ରିକ ଓ ସମନ୍ୱୟ ର କାର୍ଯ୍ୟ। ପରସ୍ପର ସମନ୍ୱୟ ଓ ସହଭାଗିତା ମାଧ୍ୟମରେ ଆମେ ଉନ୍ନତ ଓ ଭଲ ସ୍ୱାସ୍ଥ୍ୟ ସେବା ଯୋଗାଇବା ବୋଲି ଜିଲ୍ଲାପାଳ ଆହ୍ୱାନ ଦେଇଥିଲେ। ଆମ୍ବୁଲାନ୍ସ ଗମନାଗମନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ସେ ସୂଚନା ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା ଅକ୍ଷୟ କୁମାର ଶତପଥୀ ରଥଯାତ୍ରା ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ସେବା ପାଇଁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇ ଦକ୍ଷତା ସମ୍ପର୍ଣ୍ଣ କରାଯିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା, ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଡ. ଶରତ ଚନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଅନୁଶ୍ରବ ଗନ୍ତାୟତ, ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱେଚ୍ଛାସେବୀ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ତୈଳଦର ବୃଦ୍ଧି ପ୍ରତିବାଦରେ ବିଜେଡିର ବିକ୍ଷୋଭ

**ପୁରୀ,୨୫।୫/ଏନ୍ଏନ୍ଏସ୍:** ଡ଼ିଜେଲ ଓ ପେଟ୍ରୋଲ ଏବଂ ଗ୍ୟାସ୍‌ର ଅହେତୁକ ଦରବୃଦ୍ଧି ପ୍ରତିବାଦରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ କଲେଜ ଛକ ଠାରେ ବିକ୍ଷୋଭ ଓ ପ୍ରତିବାଦ ସହିତ ରାଜରାସ୍ତା ଅବରୋଧ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳର ସଭାପତି ଶ୍ରୀ ବିଦ୍ୟାଧର ସ୍ୱାଇଁ, ବ୍ରହ୍ମଗିରି ପଞ୍ଚାୟତ ସମିତି ପୂର୍ବତନ ଅଧକ୍ଷ କୃଷ୍ଣଚନ୍ଦ୍ର ରାୟ, ପୂର୍ବତନ ଉପାଧକ୍ଷ ଯୁଧିଷ୍ଠିର ନାୟକ, ବିଜୁ ଯୁବ ଜନତା ଦଳର ରାଜ୍ୟ ଉପସଭାପତି ଜୟନ୍ତ କୁମାର ମାହାନ୍ତି, ପୁରୀ ଜିଲ୍ଲା ମହିଳା ନେତ୍ରୀ ମାନସି ହରିଚନ୍ଦନ, ବ୍ରହ୍ମଗିରି ବ୍ଲକ ଉପାଧକ୍ଷଙ୍କ ପ୍ରତିନିଧି ବିଜୟ କୁମାର ଦଳାଇ, ଚାପମାଣିକ ପଞ୍ଚାୟତ ସରପଞ୍ଚ ଅମୁଲ୍ୟ କୁମାର ଜେନା, ବ୍ରହ୍ମଣିଆ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ସେଠୀ, ଘଟକୁଦୀ ପଞ୍ଚାୟତ ସମିତି ସଭ୍ୟ ରାକେଶ ଭଞ୍ଜ, ବ୍ରହ୍ମଗିରି ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ନନ୍ଦ ବିଶ୍ୱାଳ, କୁସୁବେଣ୍ଟି ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ରାଧାକାନ୍ତ ସାହୁ ଏବଂ ବହୁ ଛାତ୍ର ଓ ଯୁବ ନେତା ପ୍ରମୁଖ ଉପସ୍ଥିତ ଥିଲେ।

## ବ୍ଲକ୍ ଅଫିସ୍ ସମ୍ମୁଖରେ ସିପିଆଇଏମ୍ ପକ୍ଷରୁ ବିକ୍ଷୋଭ




**ଟାଙ୍ଗୀ,୨୫।୫/ଏନ୍ଏନ୍ଏସ୍:** ରାଜ୍ୟରେ ବିଜେପି ସରକାର ଦୁଇବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି ଶାସନ ଗାଦିରେ ଥିବାବେଳେ ସେହିଭଳି ରାଜ୍ୟରେ ବିକାଶ ନହେବା ଡବଲ ଇଞ୍ଜିନ ଡବଲ ଧୋକା ନାରା ଦେଇ ଟାଙ୍ଗୀ ଚୌଦ୍ୱାର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇ ଏମ୍ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିବା ଦେଖିବାକୁ ମିଳିଛି।

ଆଞ୍ଚଳିକ କମିଟି ସମ୍ପାଦକ ରମେଶ ବେହେରା ସଭାପତିତ୍ୱରେ ଆୟୋଜିତ ଧାରଣାରେ ରାଜ୍ୟ ସମ୍ପାଦକ ମଣ୍ଡଳୀ ସଭ୍ୟା ପୁଷ୍ପ ଦାଶ, ରାଜ୍ୟ ସଂପାଦକ ମଣ୍ଡଳୀ ସଭ୍ୟ ତଥା ଜିଲ୍ଲା ସଂପାଦକ ବଦ୍ରି ନାରାୟଣ ଦାଶ, ଜିଲ୍ଲା ସଂପାଦକ ମଣ୍ଡଳୀ ସଭ୍ୟ ବିଷ୍ଣୁ ବେହେରା, କୃଷକ ସଭାର ଜିଲ୍ଲା ସଂପାଦକ ଡମ୍ବରୁଧର ସାହୁ, ଆଞ୍ଚଳିକ କମିଟି ସଭ୍ୟ ସୁରେନ୍ଦ୍ର ସାହୁ ଯୋଗ ଦେଇ ବିଜେପି ସରକାର ଉପରେ ବର୍ଷିବା ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ଭତ୍ତା ୩ହଜାର ଟଙ୍କା କରିବା, ଘରୋଇ ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୩ଶହ ୟୁନିଟ୍ ମାଗଣା ଦେବା, ପ୍ରତି ପଞ୍ଚାୟତରେ ୧୦୦ଜଣଙ୍କୁ ଚାକିରି ଦେବା ଏଭଳି ମଥ୍ୟା ଭାଷଣ ଦେଇ ସରକାରକୁ ଆସିଥିବା ବିଜେପି ଦୁଇବର୍ଷ ମଧ୍ୟରେ ଇନ୍ଦିରାଆବାସ ନଦେବା ଡବଲ ଇଞ୍ଜିନ ଡବଲ ଧୋକାବାଜ୍ ବୋଲି ନାରା ଦେଇ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିଥିଲେ। ଏଥିସହ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିବା ସହ ପ୍ରତ୍ୟେକ ଦିନ ମର୍ଡର ହେଉଥିବା ବେଳେ ରାଜ୍ୟ ସରକାରଙ୍କ ବିଫଳତା ପଦାରେ ପଡ଼ିଛି ବୋଲି ସିପିଆଇ ଏମ୍ ନେତା ବଦ୍ରି ନାରାୟଣ ଦାସ ପ୍ରକାଶ କରିଥିଲେ।

ତୁରନ୍ତ ସରକାର ଜନସାଧାରଣଙ୍କ ମୌଳିକ ସମସ୍ୟାର ସମାଧାନ କରିବା ସହ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ କରନ୍ତୁ ନଚେତ୍ ରାଜରାସ୍ତା ଘେରୋଉ କରାଯିବ ବୋଲି ସିପିଆଇ ଏମ୍ ପକ୍ଷରୁ ଚେତାବନୀ ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ନାରୀ ନେତ୍ରୀ ଜୟନ୍ତୀ ଗାଗରେଇ, କୃଷକ ନେତା ମହେନ୍ଦ୍ର ବେହେରା, ଭଟିମୁଣ୍ଡା ବ୍ରାଞ୍ଚ ସଂପାଦକ ଗଗନ ବିହାରୀ ସାହୁ, ଶ୍ରମିକ ନେତା ପର୍ଶୁରାମ ମହାରଣା, ମହେନ୍ଦ୍ର ବେହେର, ଶିବଚରଣ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହିଥିଲେ।

## ନୀଳମାଧବ କ୍ଷେତ୍ରରେ ପର୍ଯ୍ୟଟକଙ୍କ ପାଇଁ ଆହାର କେନ୍ଦ୍ର ଖୋଲିବାକୁ ଦାବି

**କଣ୍ଟିଲୋ,୨୫।୫/ଏନ୍ଏନ୍ଏସ୍:** ଜଗନ୍ନାଥ ମହାପ୍ରଭୁଙ୍କ ଆଦିକ୍ଷେତ୍ର ପ୍ରମୁଖ ପର୍ଯ୍ୟଟନ କେନ୍ଦ୍ର, କଂସା ପିତ୍ତଳ ବାସନ ନିର୍ମାଣ ପାଇଁ ପ୍ରସିଦ୍ଧ, ୨୦ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଏକକ ଗ୍ରାମପଞ୍ଚାୟତ ପ୍ରଭୁ ଶ୍ରୀ ନୀଳମାଧବ ଜିଉ ବିଜେ କଣ୍ଟିଲୋକୁ ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ସାଧାରଣ ଜନତାଙ୍କ ଆଗମନ ହୋଇଥାଏ। କିନ୍ତୁ ଏଠି ପର୍ଯ୍ୟଟକ ମାନଙ୍କ ରହିବା, ଖାଇବା ଓ ପାନୀୟ ଜଳର କୌଣସି ସୁବିଧା ନଥିବାରୁ ପର୍ଯ୍ୟଟକମାନେ ଘୋର ଅସୁବିଧାର ସମ୍ମୁଖୀନ ହେବା ସହିତ ଅସନ୍ତୋଷ ହେଉଥିବା ନଜରକୁ ଆସିଛି। ଏଠାରେ ସୁଲଭ ମୂଲ୍ୟରେ ମୁଠାଏ ଖାଦ୍ୟ ଖାଇବା ପାଇଁ ଆହାର କେନ୍ଦ୍ର ମଧ୍ୟ ନାହିଁ। ଏହି ନୀଳମାଧବଙ୍କ କ୍ଷେତ୍ରରେ ନିହାତି ଆବଶ୍ୟକ ହେଉଥିବା ଗୋଟିଏ ଆହାର କେନ୍ଦ୍ର ଖୋଲିବାକୁ ବହୁ ବାର୍ ଖବର କାଗଜ ମାଧ୍ୟମରେ ଖବର ପ୍ରସାରିତ ହୋଇ ତହସିଲ, ବ୍ଲକ, ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଉଥିଲେ ହେଁ, ଆଜିପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ ହଜାର ହଜାର ଭକ୍ତ, ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ଶ୍ରମଜୀବୀ ଅସନ୍ତୁଷ୍ଟ ହେଉଥିବା ଅଭିଯୋଗ ହେଉଛି। ତେଣୁ ଏଠାରେ ନିହାତି ଆବଶ୍ୟକ ଥିବା ଆହାର କେନ୍ଦ୍ର ଯଥାଶୀଘ୍ର ଖୋଲିବା ଦିଗରେ ପଦକ୍ଷେପ ନେବାକୁ ନୟାଗଡ଼ ଜିଲ୍ଲାପାଳଙ୍କ ନିକଟରେ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି।

## ୧୦୮ ଲିଟର ଦେଶୀମଦ ପାଉଚ ଜବତ ଘଟଣାରେ ଜଣଙ୍କୁ କୋର୍ଟଚାଲାଣ

**ଗଣିଆ,୨୫।୫/ଏନ୍ଏନ୍ଏସ୍:** ନୟାଗଡ଼ ଜିଲା ଗଣିଆ ବ୍ଲକରେ ଦିନକୁ ଦିନ ଚୋରାମଦ ସାଙ୍ଗକୁ ଗଞ୍ଜେଇ ଓ ଧଳା ଜହର ବିକ୍ରି କରାଯାଉଥିବା ଦେଖିବାକୁ ମିଳିଛି। ଚୋରା ଦେଶୀମଦ ନେଉଥିବା ଘଟଣାରେ ମଦ ଜବତ କରିବା ସହିତ ଜଣକୁ ଗଣିଆ ପୋଲିସ ଗିରଫ କରିବା ସହିତ ସୋମବାର କୋର୍ଟଚାଲାଣ କରିଛି।

ମିଳିଥିବା ସୂଚନା ଅନୁସାରେ ରବିବାର ସନ୍ଧ୍ୟା ସମୟରେ ବିଶେଷ ସୁତ୍ରରୁ ଖବର ପାଇ ଗଣିଆ ଥାନା ଏଏସଆଇ ସାହା ଆଲାମ ଖାଁ ବେଲପଡ଼ାପାଟଣା ପଞ୍ଚାୟତ ପାଖରେ ଥିବା ଧୋବା ସାହିର ସମୀର କୁମାର ସେଠୀଙ୍କ ଘର ଉପରେ ଚଢାଉ କରିଥିଲେ। ଚଢାଉ ସମୟରେ ୩ଗୋଟି ବସ୍ତାରେ ୧୦୮୦ଟି ପାଉଚ ଜବତ କରିଥିଲେ। ଯାହାର ଆନୁମାନିକ ପରିମାଣ ୧୦୮ ଲିଟର ହୋଇଥିବାବେଳେ ୨୭ହଜାର ଟଙ୍କରୁ ଅଧିକ ହେବ ବୋଲି ଜଣାପଡ଼ିଛି।

ସୂଚନାଥାଉ କି ଦୀର୍ଘଦିନ ଧରି ସମୀର ଦେବା ପାଉଚ ମଦ ଘରେ ରଖି ବେପାର କରୁଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକମାନେ ଅତିଷ୍ଠ ହୋଇ ପଡ଼ିଥିଲେ। ସମୀରକୁ ଗଣିଆ ଥାନାକୁ ଆଣି ଅଧିକ ପଚରା ଉଚୁରା ପରେ ଏକ ମାମଲା ରୁଜୁକରି ତାକୁ କୋର୍ଟଚାଲାଣ କରାଯାଇଛି ବୋଲି ଏଏସ୍ଆଇ ଶ୍ରୀ ଖାଁ କହିଛନ୍ତି।

## ସୂର୍ଯ୍ୟମନ୍ଦିର ସମ୍ମୁଖରୁ ୧୦୫ ଅସ୍ଥାୟୀ ବ୍ୟବସାୟୀଙ୍କୁ ଉଚ୍ଛେଦ ପାଇଁ ନୋଟିସ୍

**କୋଣାର୍କ,୨୫।୫/ଏନ୍ଏନ୍ଏସ୍:** ସୂର୍ଯ୍ୟମନ୍ଦିର ସମ୍ମୁଖ ମଝି ରାସ୍ତା ଉପରେ ଅବରୋଧ କରି ଆସ୍ଥାୟୀ ଭାବେ ଦୀର୍ଘ ୩ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ବ୍ୟବସାୟ କରିଆସୁଥିବା ୧୦୫ଜଣ ବ୍ୟବସାୟୀଙ୍କ ଦୋକାନ ଉଚ୍ଛେଦକରି ଜବରଦଖଲ ହଟାଇବା ପାଇଁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସୋମବାର ନୋଟିସ ବଣ୍ଟନ କରାଯାଇ ଏକ ସପ୍ତାହ ସମୟ ଦିଆଯାଇଛି। ସୂଚନା ମୁତାବକ ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ୯୨ଜଣ ବ୍ୟବସାୟୀଙ୍କୁ ଲଟେରୀ ମାଧ୍ୟମରେ ପ୍ରଶାସନ କୋଣାର୍କ ଏନଏସି କଲ୍ୟାଣ ମଣ୍ଡପ କଡ଼ରେ ସୂର୍ଯ୍ୟମନ୍ଦିରକୁ ପର୍ଯ୍ୟଟକ ଯାତାୟାତ ପାଇଁ ଏକ ରାସ୍ତା ଖୋଲି ଉଭୟପଟେ ବ୍ୟବସାୟୀମାନଙ୍କୁ ଥଇଥାନ କରିଥିଲେ। ମାତ୍ର ସଠିକ ଭାବେ ପାର୍କିଙ୍ଗର ବ୍ୟବସ୍ଥା ନ ଥିବାରୁ ପର୍ଯ୍ୟଟକ ଉକ୍ତ ରାସ୍ତାରେ ଯାତାୟାତ କରିନଥିଲେ। ତା ସହିତ ଉକ୍ତ ରାସ୍ତା ଉପରେ ବର୍ଷା ପାଣି ଜମି ରହିବାରୁ ବ୍ୟବସାୟୀମାନେ ବ୍ୟବସାୟ କରି ନ ପାରି ବାଧ ହୋଇ ରାତାରାତି ସୂର୍ଯ୍ୟମନ୍ଦିର ମୁଖ୍ୟ ରାସ୍ତାର ମଝିରେ ଜବରଦଖଲ କରି ବ୍ୟବସାୟ କରିଥିଲେ ବୋଲି ସୂର୍ଯ୍ୟମନ୍ଦିର ଉଠାଦୋକାନୀ ମହାସଂଘର ସଭାପତି ନଟବର ନାୟକ ପ୍ରକାଶ କରିଛନ୍ତି। ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସୁଥିବା ହଜାର ହଜାର ପର୍ଯ୍ୟଟକଙ୍କ ଯାତାୟାତରେ ଅସୁବିଧାକୁ ନେଇ ବିଭିନ୍ନ ସମୟରେ ପ୍ରଶାସନ ଭେଣ୍ଡିଂ ଜୋନ୍ ନିର୍ମାଣ କରି ଥଇଥାନ କରିବାର ପ୍ରତିଶ୍ରୁତି ଦେଇ ଏ ପର୍ଯ୍ୟନ୍ତ ଥଇଥାନ କରିପାରି ନଥିଲେ। ମାତ୍ର ଏବେ ଉଚ୍ଛେଦ ପାଇଁ ପ୍ରଶାସନର ଏପରି ଏକତାଟିଆ ପଦକ୍ଷେପକୁ ବ୍ୟବସାୟୀମାନେ ଅସନ୍ତୋଷ ପ୍ରକାଶ କରିବା ସହ ପ୍ରଥମେ ଥଇଥାନ ପରେ ଉଚ୍ଛେଦ ଦାବିନେଇ ବ୍ୟବସାୟୀମାନେ ବିରୋଧ କରିଛନ୍ତି।

# କଂଗ୍ରେସର ପଞ୍ଚାୟତସ୍ତରୀୟ ସାଂଗଠନିକ ବୈଠକ



**ଅସ୍ତରଙ୍ଗ,୨୫।୫/ଏନ୍ଏନ୍ଏସ୍:** ତୃଣମୂଳ ସ୍ତରରୁ କଂଗ୍ରେସ ସଙ୍ଗଠନକୁ କ୍ରିୟାଶୀଳ କରିବା ପାଇଁ ନବନିଯୁକ୍ତ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ କଂଗ୍ରେସ କମିଟି ସଭାପତି ପ୍ରତାପ ଖୁଣ୍ଟିଆଙ୍କ ନେତୃତ୍ୱରେ ପଞ୍ଚାୟତ ସ୍ତରୀୟ ସଂଗଠନିକ ବୈଠକ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସୋମବାର ବ୍ଲକ ଅନ୍ତର୍ଗତ ଆଲସାହି ଗ୍ରାମପଞ୍ଚାୟତ ଅଣାକାର ଗାଦିବ୍ରହ୍ମ ପ୍ରାଙ୍ଗଣଠାରେ ଶିଖର ବାରିକଙ୍କ ସଭାପତିତ୍ୱରେ ପଞ୍ଚାୟତ ସ୍ତରୀୟ ସଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠିତ ଏହି ବୈଠକରେ କାକଟପୁର ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସ ଓ ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ବାଉରୀବନ୍ଧୁ ମହାନ୍ତି ପ୍ରମୁଖ ଯୋଗଦେଇ ବ୍ଲକ ସଭାପତି ଶ୍ରୀ ଖୁଣ୍ଟିଆଙ୍କ ଉପସ୍ଥିତିରେ ପଞ୍ଚାୟତ ସ୍ତରୀୟ ସଂଗଠନିକ କର୍ମକର୍ତ୍ତା ଚୟନ କରିଥିଲେ।ପଞ୍ଚାୟତର ୧୯ ଗୋଟି ୱାର୍ଡ ଅନ୍ତର୍ଗତ ଛାମୁଆ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବୈଠକରେ ପୂର୍ବତନ ପଞ୍ଚାୟତ ସଭାପତି ଶିଖର ବାରିକଙ୍କୁ ପୁନର୍ବାର ପଞ୍ଚାୟତ ସଭାପତି ଭାବେ ମନୋନୀତ କରାଯାଇଥିଲା। ସେହିପରି ପ୍ରତି ୱାର୍ଡ ରେ ୱାର୍ଡ ସଭାପତି ମନୋନୀତ କରାଯାଇ ସଂଗଠନିକ ଦାୟିତ୍ୱ ସମ୍ପାଦନ ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ୩ଜଣ କାର୍ଯ୍ୟକାରୀ ସଭାପତି, କୃଷକ ସେଲ ସଭାପତି ଓ ଯୁବ ସଭାପତିଙ୍କ ନାମ ସର୍ବସମ୍ମତିକ୍ରମେ ଚୟନ କରାଯାଇଥିଲା। ଆଲସାହି ପଞ୍ଚାୟତର ଦୁଇ ବୟୋଜ୍ୟେଷ୍ଠ ବ୍ୟକ୍ତି ପବନି ବେହେରା ଓ ରାଜ କିଶୋର ବରାଳଙ୍କୁ ଉପଦେଷ୍ଟା ହିସାବରେ ମନୋନୀତ କରାଯାଇଥିଲା ଏବଂ କଂଗ୍ରେସ ନେତା ବିଶ୍ୱଭୂଷଣ ଦାସଙ୍କ ସହିତ ପୂର୍ବତନ ବ୍ଲକ ସଭାପତି ସୁକାନ୍ତ କୁମାର ମହାନ୍ତି ସମସ୍ତ ନେତୃମଣ୍ଡଳୀଙ୍କୁ ଉତ୍ତରୀୟ ପ୍ରଦାନ କରି ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ଆଗାମୀ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ଦଳୀୟ ସଙ୍ଗଠନକୁ ୱାର୍ଡ ସ୍ତରରୁ ସୁଦୃଢ଼ କରିବାକୁ ଉପସ୍ଥିତ କର୍ମୀ ଓ କର୍ମକର୍ତ୍ତାମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ଉପସ୍ଥିତ ନେତା ଶ୍ରୀ ଦାସ ପରାମର୍ଶ ଦେଇଥିଲେ। ବୈଠକରେ ସରପଞ୍ଚ ମଞ୍ଜୁଲତା ଖୁଣ୍ଟିଆ, ବିଦୁର ନାୟକ, କେଦାର ବେହେରା, ଅରୁଣ ଦଳେଇ, ସୁରେନ୍ଦ୍ର ନାୟକ(ଗୋଲିଆ), କାମିନୀ ବେହେରା, ସୁବାସ ବିଶ୍ୱାଳ, ଲକ୍ଷ୍ମୀଧର ସେଠୀ, କେଳୁଚରଣ ବିଶ୍ୱାଳ ଓ ରବୀନ୍ଦ୍ର ବିଶ୍ୱାଳଙ୍କ ସମେତ ୩୦୦ରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

## ବ୍ୟବସାୟୀଙ୍କ ଆକସ୍ମିକ ବିୟୋଗରେ ଶୋକ

**ସାଲେପୁର,୨୫।୫/ଏନ୍ଏନ୍ଏସ୍:** ସାଲେପୁର କଳାଗ୍ନି ଛକ ସ୍ଥିତ ହୋଟେଲ ଶୁଭମ ପ୍ଲାଜାର ମାଲିକ ମନୋଜ ଦାସ,(୫୨)ଙ୍କ ଅକସ୍ମାତ ବିୟୋଗରେ ବିଭିନ୍ନ ମହଲରୁ ଶୋକ କରାଯାଇଛି। ସାଲେପୁର ବ୍ଲକ ବାରିଗୋଳ ପଞ୍ଚାୟତ ବେତେଇ ଗ୍ରାମର ମନୋଜ ଦାସଙ୍କର ସୋମବାର ସକାଳୁ ଦେହ କଣ ହୋଇଯାଉଛି ବୋଲି ପରିବାର ଲୋକଙ୍କୁ କହିଥିଲେ। ସାନଭାଇ ସରୋଜ ଦାସ ଓ ପରିବାର ଲୋକ ତାଙ୍କୁ ସଂଗେ ସଂଗେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଡାକ୍ତରଙ୍କ ପରାମର୍ଶ କରିଥିଲେ। ହେଲେ ଡାକ୍ତର ମନୋଜକୁ ଦେଖିଲା ପରେ ମୃତ୍ୟୁ ଘୋଷଣା କରିଥିଲେ। ମନୋଜଙ୍କ ମୃତ୍ୟୁ ଖବର ପାଇ ତାଙ୍କର ଜ୍ଞାତି, କୁଟୁମ୍ବ ଓ ବନ୍ଧୁମାନଙ୍କର ଭିଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଲାଗିଥିଲା। ମନୋଜ ଜଣେ ସରଳ, ନିଷ୍କପଟ, ବନ୍ଧୁ ବତ୍ସଳ,ମିଷ୍ଟଭାଷୀ ଓ ପରଉପକାରୀ ମଣିଷ ଭାବେ ସମସ୍ତଙ୍କ ପ୍ରିୟ ଥିଲେ। ତାଙ୍କର ବିୟୋଗରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସମାଜସେବୀ ପ୍ରଶାନ୍ତ କୁମାର କର, ବ୍ଲକ ଅଧକ୍ଷ ରାମଚନ୍ଦ୍ର ଭୋଇ, ସାଲେପୁର କଂଗ୍ରେସ ନେତା ହରିବନ୍ଧୁ ଶତପଥୀ, କଟକ ଜିଲ୍ଲା ସାମ୍ବାଦିକ ସଂଘ ସାଧାରଣ ସମ୍ପାଦକ ଶିଶିର କୁମାର ଦାଶ, ବାରିଗୋଳ ସରପଞ୍ଚ ଶିବୁ ବେହେରା, ଏସ.ଏନ. ଫାଉଣ୍ଡେସନ ଅଧକ୍ଷ ବିଶ୍ୱନାଥ ପଣ୍ଡା, ଯଦୁନାଥ ବେହେରା, ବିରଞ୍ଚି ନାରାୟଣ କର,ରଞ୍ଜନ କୁମାର ଭୂୟାଁ, ମାନସ ଭୂୟାଁ, ଅନୁପ ମଲ୍ଲ, ସୁନୀଲ ମହାପାତ୍ର, ଜୟୀରାମ ବେହେରା, ଦୀପକ ରାଉତ, ରଞ୍ଜିତ ଦାସ, ସାଇରାମ ଭୂୟାଁ, ନିହାର ରଞ୍ଜନ ମହାପାତ୍ର, ମୁନୁ ସାହୁ, ସେକ ଫକୀର ଉଦ୍ଦିନ ପ୍ରମୁଖଙ୍କ ସମେତ ଶତାଧିକ ବନ୍ଧୁ, ପ୍ରିୟଜନ ଶୋକ ପ୍ରକାଶ କରିଛନ୍ତି।

**ନିତି ଭାରତୀ**

ଅବସରକୁ ଭଲ ପାଅ ନାହିଁ। ଗୋଟିଏ ମିନିଟ୍ ମଧ୍ୟ ସମୟ ନଷ୍ଟ କରନାହିଁ। ସାହସୀ ହୁଅ, ସତ୍ୟକୁ ଅନୁଭବ କର। - **ସ୍ୱାମୀ ଶିବାନନ୍ଦ**

# ଦେଶର ଅର୍ଥବ୍ୟବସ୍ଥା ବନାମ ଗ୍ରାହକଙ୍କ ବୋଝ



**ମୌସୁମୀ ପରିଡ଼ା**

ଏଇ ନିକଟରେ ଜନ ସମୁଦାୟଙ୍କ ଉପରେ ଆର୍ଥିକ ଚଡ଼କ ପଡ଼ିଛି! ରୋଷେଇଠାରୁ ବଜାର ଘାଟଯାଏଁ ସବୁଠି ମହଙ୍ଗା ମାଡ଼। ଯେବେଠାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ବୈଦେଶିକ ମୁଦ୍ରା ଗଚ୍ଛିତ ରଖିବା ପାଇଁ ସୁନା, ତେଲ ଓ ବିଦେଶ ଯାତ୍ରା ଉପରେ ପ୍ରତିବନ୍ଧକ ଲଗାଇବାକୁ କହିଛନ୍ତି, ସେବେଠାରୁ ଚର୍ଚ୍ଚା ଥମିବାର ନାଁ ନେଉନି। ସୁନା ଓ ତେଲର ମୂଲ୍ୟବୃଦ୍ଧି ବର୍ଷକଯାଏଁ କି ପରିସ୍ଥିତି ସୃଷ୍ଟି କରିବ, ସେ ଆଶଙ୍କାରେ ସମସ୍ତେ ଆତଙ୍କିତ। ଅତୀତକୁ ଅନୁଧ୍ୟାନ କଲେ ଜଣାପଡ଼େ, ଆମ ଦେଶର ଲୋକେ ବର୍ଷା ସହିତ ପବନର ବେଗ ଘଣ୍ଟା ପ୍ରତି ୮୦/୯୦ କି.ମି. ଛୁଇଁବାର ଖବର ପ୍ରସାରଣ ହେଉଥିବାର ଜାଣିଲେ ବଜାରରୁ ଖାଦ୍ୟ ସାମଗ୍ରୀ ସହିତ ଜରୁରୀ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ଗାୟବ କରି ଦିଅନ୍ତି। ଅସାଧୁ ବ୍ୟବସାୟୀମାନେ ଆଖିବୁଜା ମୂଲ୍ୟବୃଦ୍ଧି କରିବାରେ ବି ସାମାନ୍ୟତମ ବିଳମ୍ବ କରନ୍ତିନି। ହସ୍ପିଟାଲରେ ରୋଗୀଟେ ମୃତ୍ୟୁବରଣ କଲେ ଅଧିକାଂଶ ସମୟରେ ଚିକିତ୍ସାଜନିତ ଅବହେଳା ଦର୍ଶାଇ ନ୍ୟାୟ ପାଇବାକୁ ରାସ୍ତା ଉପରେ ଶବ ରଖି ଅବରୋଧ କରିଥାନ୍ତି। ମୋଟା ଅଙ୍କର ଅର୍ଥ ମିଳିଗଲେ ଶବ ସଂସ୍କାର ହେବା ପାଇଁ ଶ୍ମଶାନମୁହାଁ ହୁଏ, ନ୍ୟାୟ ବାଟବଣା ହୁଏ।

ବର୍ତ୍ତମାନ ବ୍ୟବସ୍ଥା ଠିକ୍ ସେହିପରି। ମାନ୍ୟବର ପ୍ରଧାନମନ୍ତ୍ରୀ ସୁନା, ତେଲ (ଜାଳେଣି ଓ ଖାଦ୍ୟ) ଏବଂ ବିଦେଶ ଯାତ୍ରାରେ କଟକଣା ଲଗେଇବାକୁ କହିବାରୁ ଘଣ୍ଟା ପ୍ରତି ୧୦୦ କି.ମି. ବେଗର ପବନକୁ ଯେଉଁମାନେ ଭୟ କରି ଦୋକାନ ବଜାରରୁ ଜିନିଷସବୁ ବୋହି ନେଉଥିଲେ, ସେମାନେ ଏବେ କ'ଣ କରିବେ! କଳାବଜାରୀ ବୃଦ୍ଧି କରିବାର କାରଣ ବନୁଥିବା ଲୋକେ ଜାଣନ୍ତିନି ବସି ଖାଇଲେ ଯଦି ନଈବାଲି ସରିଯାଏ, ତେବେ ସାଇତି ରଖିଥିବା ତେଲ କ'ଣ ସରିବନି? ଅତି ଭୟଭୀତ ହେଲେ ଦଳା ଚକଟା, ଅଣାୟତ୍ତ ହୋଇ ପୋକମାଛି ପରି ମରିବା ସାର ହେବ ସିନା! ପ୍ରଧାନମନ୍ତ୍ରୀ କହୁଥିବା ପରଠୁ ତେଲ ଟାଙ୍କିରେ ନାହିଁ ନଥିବା ଭିଡ଼! ଲୋକେ ବ୍ୟାରେଲ୍ ଭର୍ତ୍ତି କରି ଘରେ ତେଲ ସାଇତୁଛନ୍ତି। ଫଳରେ ତେଲ ଥାଇ ବି ଟାଙ୍କି ମାଲିକେ କଟକଣା ଜାରି କରିଦେଲେ। ସେମାନଙ୍କର ପୁଷ ମାସ। ରାତିରୁ ଟାଙ୍କି ପାଖରେ ଲାଇନ୍ ବନାଇ ଘଣ୍ଟା ଘଣ୍ଟା ଅପେକ୍ଷା କରି ରାସ୍ତାଘାଟ ଲୋକାରଣ୍ୟ ହେବାର ଯିଏ ଦେଖିବ, ସେ ଭୟ କରିଯିବ। ସେ ମଉକାରେ ଟାଙ୍କିବାଲା ବି ଅସାଧୁ ଉପାୟ ଅବଲମ୍ବନ କଲେ।

ପ୍ରଧାନମନ୍ତ୍ରୀଙ୍କ ଘୋଷଣାର ପରିଣାମ ଏସବୁ। ଲୋକଙ୍କୁ କାହିଁକି ଦୋଷ ଦେବା, ଯଦିଓ ଆମ ବ୍ୟବସ୍ଥାର ଅନୁରୂପ ପ୍ରତିକ୍ରିୟା ହିଁ ଏହିଭଳି। କିନ୍ତୁ ସାମ୍ପ୍ରତିକ ସ୍ଥିତି ଆଗକୁ ଯେ ଅରାଜକତା ସୃଷ୍ଟି ନ କରିବ, କିଏ କହିବ! ଆମୂଳଚୂଳ ଅନୁଧ୍ୟାନ କଲେ ଜଣାଯାଏ ଯେ ବିଭିନ୍ନ ରାଜନୀତିକ ର୍‌ୟାଲିରେ ହଜାର ହଜାର ଲିଟର ତେଲ ପୋଡ଼ା ହୋଇ ଯାଉଛି ଗୋଟେ ଦିନରେ। ବିଭିନ୍ନ ପ୍ରୋଟୋକଲ୍ ନାମରେ କେତେ ପ୍ରକାରର ସରକାରୀ ଗାଡ଼ି ଗୋଟେ ଲେଖାଁ ପଦ ପଦବୀକୁ ସୁରକ୍ଷା ପ୍ରଦାନ କରୁଛନ୍ତି, ସେ ହିସାବ ଅଲଗା। ଗୋଟେ ଗୋଟେ ପରିବାରରେ ଯେତେ ଭାଇ, ସେତେ ଦୁଇଚକିଆ ଓ ଚାରିଚକିଆ ଗାଡ଼ି। ଆଉ କିଛି ବଡ଼ବଡ଼ିଆଙ୍କର ବଡ଼ ଗାଡ଼ି କିଣିବା ସଉକ। ସେମାନେ ବି ସେହି ଏକା ତେଲ ଖର୍ଚ୍ଚ କରୁଛନ୍ତି, କିନ୍ତୁ ଚେତାବନୀ ସାଧାରଣ ଲୋକଙ୍କୁ ହରଡ଼ଘଣାରେ ପକାଉଛି। କାରଣ ଗ୍ରାହକଙ୍କ ଉପରେ ଅତିରିକ୍ତ ବୋଝ ବୃଦ୍ଧି ପାଇ ଚାଲିଛି।

ସୁନା କିଣା କିମ୍ବା ବିଦେଶ ଯାତ୍ରାରେ ରୋକ୍ ଲଗାଯାଇ ପାରିବ ସିନା, କିନ୍ତୁ ଖାଇବା ଓ ଗାଡ଼ି ଚଲେଇବା ପାଇଁ ତେଲ ତଥା ଗ୍ୟାସ୍ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ବ୍ୟବହାର ଉପରେ ତ ରୋକ୍ ଲଗାଯାଇ ପାରିବ ନାହିଁ, ଯାହାର ମୂଲ୍ୟ ଆଗାମୀ ଦିନମାନଙ୍କରେ ବୃଦ୍ଧି ପାଇବାର ଆଶଙ୍କା ବଢ଼ିଛି। ଧନୀମାନେ ବା କ୍ଷମତାଶାଳୀମାନଙ୍କ ଉପରେ ଏ ବୋଝ ଚଳିବ। ମଧ୍ୟବିତ୍ତମାନେ ଅଧିକ ଭାରାକ୍ରାନ୍ତ, କାରଣ ଦୈନନ୍ଦିନ ଗାଡ଼ି ଧରି ସେମାନେ ବାହାରିବେ ନିଶ୍ଚୟ- ସେ ହେଉ ପଛେ ନିଜ ଅଫିସ୍ କିମ୍ବା କାର୍ଯ୍ୟାନୁଷ୍ଠାନକୁ। ତେଲ ସମସ୍ୟା ଏତେ ମାରାତ୍ମକ ଯେ ନିକଟରେ ପେଟ୍ରୋଲ ନଥିବାରୁ ବାଇକ୍ ଯୋଗେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଉଥିବା ଲୋକଟି ବାଟରେ ହିଁ ମୃତ୍ୟୁବରଣ କଲେ। ଚାଷକାର୍ଯ୍ୟ ଅଟକିଛି, ଅମଳ ବି ଅଟକିଛି, କାରଣ ମେସିନ୍ ଚାଲିବା ପାଇଁ ତେଲ ଜରୁରୀ। ଆବଶ୍ୟକୀୟ ତେଲ ମହଜୁଦ୍ ଅଛି ବୋଲି ପରିବହନ ମନ୍ତ୍ରୀ କହିବା ସତ୍ତ୍ୱେ ପେଟ୍ରୋଲ୍ ଟାଙ୍କିଗୁଡ଼ିକରେ ଅସମ୍ଭବ ଭିଡ଼। ହୁଏତ ପ୍ରଶାସନ ଉପରେ ଲୋକଙ୍କ ଭରସା ତୁଟି ଯାଉଛି! ଏଥିପାଇଁ ବ୍ୟାପକ ସଚେତନତା ଦରକାର।

ସୁନା ସବୁ ବର୍ଗର ଲୋକଙ୍କ ପାଇଁ କେତେ ସ୍ୱପ୍ନ ଓ ଇମୋସନ୍‌ରେ ଭରା, ସେକଥା ଝିଅ ଥିବା ମାଆମାନଙ୍କୁ ପଚାରିଲେ, ସେମାନେ କହି ପାରିବେ। କିପରି ସେମାନେ ଝିଅର ଛୋଟବେଳୁ ଟିକେ ଟିକେ ସୁନା ସାଇତୁଥାନ୍ତି। ଏବେ ସେମାନେ ସୁନା କିଣିବାକୁ ଭୟ କରିବେ, ନହେଲେ ନିଜ ଖୁସି ସହିତ ସାଲିସ୍ କରିନେବେ। ହଁ କଥା ମାନି ହୁଏତ ସୁନା କିଣା ବନ୍ଦ କରିଦେବେ ଅଧିକାଂଶ। ଖାଲି ଗ୍ୟାସ୍ କାହିଁକି, ତେଲ ଓ ଖାଦ୍ୟ ସାମଗ୍ରୀଗୁଡ଼ିକର ମୂଲ୍ୟବୃଦ୍ଧି ଜନସାଧାରଣଙ୍କ ଅସନ୍ତୋଷର କାରଣ ବନିଛି। ଜମିଗୁଡ଼ିକ ଆଜିକାଲି ପଡ଼ିଆ। ଯଦି ବି କିଛି ଅମଳ ହେଉଛି, ସେଥିରୁ ବହୁ ଅଂଶ ଅସ୍ୱାଭାବିକ ପାଣିପାଗ ପାଇଁ ଚାଷୀ ହାତରୁ ଚାଲି ଯାଉଛି। ତେଣୁ ଆଜିକାଲି ଚାଷକାର୍ଯ୍ୟ ପ୍ରତି ଲୋକଙ୍କ ଆଗ୍ରହ ମରିଗଲାଣି! ସୂର୍ଯ୍ୟମୁଖୀ ତେଲ କିମ୍ବା ସୋରିଷ ତେଲ ଭାରତ ପରି ଏକ ବର୍ଦ୍ଧିତ ଜନସଂଖ୍ୟାବିଶିଷ୍ଟ ଦେଶର ଗୁଜୁରାଣ ମେଣ୍ଟେଇ ପାରିବାରେ ଅସମର୍ଥ। ଆତ୍ମନିର୍ଭରଶୀଳ ହେବା ପାଇଁ ଆମ ପାଖେ ବହୁ ଅଭାବ ରହି ଯାଉଛି। ଅତ୍ୟାଧୁନିକ ଜ୍ଞାନକୌଶଳ ଓ ଗବେଷଣାର ଅଭାବ ସହିତ ରକ୍ଷଣାବେକ୍ଷଣଜନିତ ଯାବତୀୟ ଅସୁବିଧା। ପର୍ଯ୍ୟାପ୍ତ ପରିମାଣର ଶୀତଳ ଭଣ୍ଡାର ଉପଲବ୍ଧ ନାହିଁ କିମ୍ବା ସେଥିପାଇଁ ଆଗ୍ରହ ନାହିଁ।

ସତ କହିବାକୁ ଗଲେ, ଆତ୍ମନିର୍ଭରଶୀଳ ଭାରତର ରୂପରେଖ ଏହା ନୁହେଁ। ତେଲ କଥାକୁ ଆସିବା, ଯେଉଁଠି ଖାଇବା ତେଲରେ ସୋରିଷ ତେଲ ସହିତ ପାମୋଲିନ୍, ସୂର୍ଯ୍ୟମୁଖୀ ଓ ସୋୟାବିନ୍ ତେଲର ବ୍ୟବହାର ବହୁତ ଅଧିକ। ଅବଶ୍ୟ ସୋରିଷ ତେଲ ଉତ୍ପାଦନରେ ଭାରତ ଦ୍ୱିତୀୟ। ନିଜ ଚାହିଦା ପୂରଣ କରି ପାରିଲେ କ'ଣ ହେବ, ଅନ୍ୟ ତେଲ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ପାମୋଲିନ୍ ତେଲ ପାଇଁ ଇଣ୍ଡୋନେସିଆ, ମାଲେସିଆ ଉପରେ ନିର୍ଭରଶୀଳ ଆମ ଦେଶ। ଶତକଡ଼ା ୫୫ ଭାଗ ପାମୋଲିନ୍ ଆମଦାନୀ ହେଉଛି। ସୂର୍ଯ୍ୟମୁଖୀ ତେଲ ପାଇଁ ବ୍ରାଜିଲ୍ ଓ ୟୁକ୍ରେନ୍ ଉପରେ ଆଗରୁ ନିର୍ଭର କରିବାକୁ ପଡୁଥିଲା। ଆଜିକାଲି ୟୁକ୍ରେନ୍ ଯୁଦ୍ଧରେ ସେ ଆଶା ବି ତୁଟିଛି। ଭାରତରେ ୯୦ ପ୍ରତିଶତ ବ୍ୟଞ୍ଜନ ବିନା ତେଲରେ ସମ୍ଭବ ନୁହେଁ। ସେଥିରେ ବି ଆଡ୍‌ଜଷ୍ଟ କରିବାକୁ ହେବ। କାରଣ ଗଚ୍ଛିତ ବିଦେଶୀ ମୁଦ୍ରା ବିପଦରେ ପଡ଼ିବ।

ପେଟ୍ରୋଲକୁ ତରଳ ସୁନା ବୋଲି କୁହାଯାଏ। ସେହି ଖଣିଜ ତେଲ ପାଇଁ ଆମେ ବିଦେଶ ଉପରେ ନିର୍ଭର କରୁ। ଭାରତକୁ ଆରବ ଦେଶ ଓ ରୁଷିଆରୁ ପ୍ରାୟ ୮୦ ପ୍ରତିଶତ ପେଟ୍ରୋଲ୍ ଡିଜେଲ ଆମଦାନୀ କରିବାକୁ ପଡ଼େ। ବିଡ଼ମ୍ବନାର ବିଷୟ ହେଉଛି, ଆମ ଦେଶ ତୃତୀୟ ବୃହତ୍ତମ ତେଲ ବ୍ୟବହାରକାରୀ ଦେଶ। ଦୈନିକ ୧୦ କୋଟିରୁ ୧୧ କୋଟି ଲିଟର (ପ୍ରାୟ ୯୫ ହଜାରରୁ ୧୦ ଲକ୍ଷ ମେଟ୍ରିକ୍ ଟନ୍) ଓ ୨୪ କୋଟିରୁ ୨୬ କୋଟି ଲିଟର ଡିଜେଲ (ପ୍ରାୟ ୨ ଲକ୍ଷ ୧୦ ହଜାରରୁ ୨ ଲକ୍ଷ ତିରିଶ ହଜାର ମେଟ୍ରିକ୍ ଟନ୍ ପର୍ଯ୍ୟନ୍ତ) ବ୍ୟବହାର କରିଥାଉ। ମୋଟାମୋଟି ଭାବେ ଆମ ଦେଶରେ ୩୫ କୋଟି ଲିଟରରୁ ଅଧିକ ଜାଳେଣି ତେଲ ଖାଲି ଗାଡ଼ି ମଟର ଓ ପରିବହନରେ ଉଡ଼ିଯାଏ।

ଚାହିଦା ମେଣ୍ଟାଇବା ପାଇଁ ଭାରତକୁ ତା'ର ଆବଶ୍ୟକତାର ପ୍ରାୟ ୮୫ ପ୍ରତିଶତ ଅଶୋଧିତ ତେଲ ଇରାକ୍, ସାଉଦି ଆରବ, ଇରାନ୍, ରୁଷିଆ ଆଦି ଦେଶରୁ କିଣିବାକୁ ପଡ଼ିଥାଏ। ଆମ ଖର୍ଚ୍ଚ ଓ ଚାହିଦାକୁ ଦେଖି ଆମେ ବିପଦରେ ପଡୁଛୁ। ବିଶ୍ୱରେ ଭାରତ ହେଉଛି ଦ୍ୱିତୀୟ ବୃହତ୍ତମ ସୁନା ବ୍ୟବହାରକାରୀ ଦେଶ। ଚୀନ୍ ବ୍ୟବହାରକାରୀ ଓ ଉତ୍ପାଦନକାରୀ- ଉଭୟରେ ପ୍ରଥମ, କିନ୍ତୁ ଭାରତ କେବଳ ସୌଖୀନ ଅଳଙ୍କାର କିଣିବାରେ ଦ୍ୱିତୀୟ। କିନ୍ତୁ ଉତ୍ପାଦନରେ ୪୦ ଦେଶଙ୍କ ତଳେ।



ଆଶ୍ଚର୍ଯ୍ୟଜନକ କଥା ହେଉଛି- ଭାରତ ସିନା ବିଦେଶରୁ କଞ୍ଚା ତେଲ ଆମଦାନୀ କରେ, କିନ୍ତୁ ଭାରତରେ ବିଶ୍ୱର ସବୁଠାରୁ ବୃହତ୍ତମ ତେଲ ବିଶୋଧନାଗାର ଜାମନଗର (ରିଲାଏନ୍ସ ରିଫାଇନାରୀ)ରେ ରହିଛି। ଭାରତ ବାହାରୁ କଞ୍ଚା ତେଲ ଆଣି ଅଏଲ୍ ରିଫାଇନାରୀ ସାହାଯ୍ୟରେ ପେଟ୍ରୋଲ, ଡିଜେଲ ଏବଂ ବିମାନ ଜାଳେଣି ବନେଇ ପୁଣି ତାକୁ ବିଦେଶକୁ ରପ୍ତାନୀ କରିଥାଏ। ଏହା ଭାରତର ସବୁଠାରୁ ବଡ଼ ରପ୍ତାନୀ ବ୍ୟବସାୟ ମଧ୍ୟରୁ ଅନ୍ୟତମ।

ନିକଟରେ ତୈଳଦର ବୃଦ୍ଧି ପାଇଛି। ଏହାର ବୃଦ୍ଧି ପାଇଁ ଏକାଧିକ କାରଣ ରହିଛି। ଆନ୍ତର୍ଜାତିକ ଅଶୋଧିତ ତେଲ, କଷ୍ଟମ୍ ଶୁଳ୍କ, ଏକ୍ସାଇଜ୍ ଶୁଳ୍କ, ରାଜ୍ୟ ସରକାରଙ୍କ ଟିକସ, ବିଶୋଧନକାରୀ ଓ ପରିବହନ ଖର୍ଚ୍ଚ, କେନ୍ଦ୍ର ସରକାରଙ୍କ ଟିକସ ସହିତ ଟଙ୍କାର ବିନିମୟ ମୂଲ୍ୟ- ଏସବୁକୁ ନେଇ ତୈଳ ମୂଲ୍ୟ ପ୍ରଭାବିତ ହୁଏ। ଇରାନ୍‌ରୁ ତେଲ କିଣିବାର ଅନେକ ସୁବିଧା ଥିଲା। ୧୨ ପ୍ରତିଶତରୁ କମ୍ ଦରରେ ଇରାନ୍ ଆମକୁ ତେଲ ଦେଉଥିଲା। ଆଗରୁ ଆମ ଦେଶରେ ୭୫ ଟଙ୍କା ଥିଲା ପେଟ୍ରୋଲ୍ ଦାମ୍। ଯାତାୟାତ କିମ୍ବା ଇନ୍‌ସ୍ୟୁରାନ୍ସ ଟଙ୍କା ନେଉ ନଥିଲା। ଅଶୋଧିତ ତେଲ ଦେଇସାରି ସେ ୬୦ ଦିନ ଅପେକ୍ଷା କରୁଥିଲା। ସେ ତେଲ ବିଶୋଧିତ କରି ବିକ୍ରି କରୁଥିଲା ଭାରତ। ନିଜ ଲାଭ ରଖି ସାରିଲା ପରେ ଇରାନ୍‌କୁ ତା' ପ୍ରାପ୍ୟ ଦିଆଯାଉଥିଲା। ସେ ପ୍ରାପ୍ୟରେ ଇରାନ୍ ଭାରତରୁ ନିଜର ଆବଶ୍ୟକ ସାମଗ୍ରୀ କିଣି ନେଉଥିଲା। ଯଦିବା ସେ ଟଙ୍କା ବଳି ଯାଉଥିଲା, ତେବେ ସେ ଡଲାରରେ ନୁହେଁ, ଭାରତୀୟ ଟଙ୍କାରେ ହିଁ ନେଉଥିଲା, ଯାହା ଆମ ବିଦେଶୀ ମୁଦ୍ରା ପାଇଁ ଶୁଭଙ୍କର ଥିଲା। କିନ୍ତୁ ଆମେରିକାର ସ୍ୱାର୍ଥାନୁସାରେ ଇରାନ୍ ସହିତ ବାଣିଜ୍ୟିକ ସଂପର୍କ ଛିନ୍ନ କଲା ଭାରତ। ୭୫ ଟଙ୍କାରୁ ଏବେ ପେଟ୍ରୋଲ ଦାମ୍ ୧୦୫ ଟଙ୍କାକୁ ବୃଦ୍ଧି ପାଇଛି! ରୁଷଠାରୁ ତେଲ କିଣିବା ଶସ୍ତା ହୋଇଥାନ୍ତା, କିନ୍ତୁ ଆମେରିକାର ନାଲିଆଖି ଆଗରେ ମଥା ନୋଇଁ ଦେଶ ଏବେ ବିପଦରେ ଥିଲା ପରି ଲାଗୁଛି। ଏହି ବାର ବର୍ଷ ଭିତରେ ଋଣ ପ୍ରାୟ ୧୪୨ ଲକ୍ଷ କୋଟି ଟଙ୍କାରୁ ଅଧିକ ବଢ଼ିଛି (୩ ଗୁଣରୁ ଅଧିକ), ଯାହା ଚିନ୍ତାଜନକ। ଅବଶ୍ୟ ସେଥିରୁ ୧୫ ପ୍ରତିଶତ ଋଣ ହେଉଛି ବୈଦେଶିକ।

କୂଟନୀତିକ ସ୍ତରରେ ହୁଏତ ଆମେରିକାକୁ ଭାରତ ସାମ୍ନା କରି ପାରୁନାହିଁ କିମ୍ବା ଆମେରିକା ଉପରେ ଅଧିକ ନିର୍ଭରଶୀଳ ହୋଇ ପଡ଼ିଛି। ସେ ପଡ଼ୋଶୀ ଦେଶ ସହିତ ମୁକାବିଲା ହେଉ ବା ଯୁଦ୍ଧାସ୍ତ୍ର ହାସଲ- ଆମେରିକା କେବେ ବି କାହାର ବିଶ୍ୱସ୍ତ ନଥିଲା କି ହୋଇ ପାରିବନି। କିନ୍ତୁ ଭାରତ ତା'ର ମିତ୍ର ରାଷ୍ଟ୍ରଗୁଡ଼ିକ ସହ ସଂପର୍କ ହରାଇ ବସିଛି। ସେଥିପାଇଁ ଜନସାଧାରଣଙ୍କ ଉପରେ ଆର୍ଥିକ ବୋଝ। ଲୋକମାନଙ୍କ ମନର ସ୍ଫୂର୍ତ୍ତି, ଆଗ୍ରହ ଏବେ ଫିକା। ବିଶ୍ୱାସ-ଅବିଶ୍ୱାସ ଭିତରେ ଆଗକୁ କି କି ଅଘଟଣ ଘଟିବାକୁ ଯାଉଛି, ଦେଖିବାକୁ ବାକି ରହିଲା। ଆତ୍ମନିର୍ଭରଶୀଳତା କ୍ଷେତ୍ରରେ ବହୁ ପଛରେ ପଡ଼ିଛେ ବୋଲି ଆମେରିକା ପରି ଦେଶର ପ୍ରତିଟି କଥାରେ ମଥା ନୁଆଁଇବାକୁ ହେଉଛି। କିନ୍ତୁ ତେଲ ବଞ୍ଚାଇବାକୁ ହେଲେ ଯାନବାହନ କମ୍ ଚାଲିବା ଉଚିତ୍। ୱାର୍କ ଫ୍ରମ୍ ହୋମ୍ ଲାଗୁ ହେବା କଥା। ଫଳରେ ଟାଙ୍କିଗୁଡ଼ାକରେ ଏତେ ଭିଡ଼ ରହିବନି କି ଅସାଧୁ ବ୍ୟବସାୟୀମାନେ ଅଧିକ ଲାଭ ଉଠାଇବାକୁ ଗ୍ରାହକଙ୍କୁ ହଇରାଣ କରନ୍ତେନି। ଏସବୁ ଘଟଣା କଳାବଜାରୀକୁ ପ୍ରୋତ୍ସାହିତ କରେ। ଫଳରେ ସୁନା ସ୍ମଗଲିଂ ବୃଦ୍ଧି ପାଏ। ଏଥିପାଇଁ ବିକଳ୍ପ ଖୋଜାଯାଉ। ବିଦ୍ୟୁତ୍‌ଚାଳିତ ଯାନବାହନକୁ ଅଧିକ ପ୍ରୋତ୍ସାହିତ କରାଯାଉ।

ଛୋଟ ଛୋଟ ଗାଁକୁ ଯିବା ଆସିବା କରୁଥିବା ବଡ଼ ବସ୍ ପରିବର୍ତ୍ତେ ଛୋଟ ଯାନ ଚାଲୁ। ଫଳରେ ତେଲ ବୋଝ କମିଯିବ, କାରଣ ଛୋଟ ରାସ୍ତାରେ ଚାଲୁଥିବା ବଡ଼ ବସ୍ ଅନୁଯାୟୀ ଯାତାୟାତ କରୁଥିବା ଯାତ୍ରୀଙ୍କ ସଂଖ୍ୟା ଅତି ନଗଣ୍ୟ। କୌଣସି ଗୋଟିଏ ସ୍ଥାନକୁ ଯାଉଥିବା କିଛି ଲୋକ ଆପୋସ ସହମତିରେ ଗୋଟିଏ ଗାଡ଼ିରେ ଯାଇ ପାରନ୍ତେ। ର୍‌ୟାଲି ଉପରେ କଟକଣା ରହୁ। ଅନେକ ବାଟ ରହିଛି ସମାଧାନର, କିନ୍ତୁ ସଚେତନତା ସୃଷ୍ଟି ନହେଲେ ଦେଶର ଆର୍ଥିକ ବୋଝ ଗ୍ରାହକଙ୍କ ମେରୁଦଣ୍ଡ ଭାଙ୍ଗିଦେବ। ରାଜ୍ୟ ଓ ଦେଶର ମିଳିତ ସହଯୋଗରେ ତେଲ ଉପରୁ କିଛି ଭାଟ୍ ଛାଡ଼ିଲେ ହୁଏତ ଗ୍ରାହକଙ୍କ ବୋଝ ଲାଘବ ହୁଅନ୍ତା। ସବୁବେଳେ ବୋଝତକ ଜନସାଧାରଣଙ୍କ ଉପରେ ଲଦିଦେଲେ ଲୋକଙ୍କ ଆସ୍ଥା ହରାଇବା ସ୍ୱାଭାବିକ। ଗୋଟିଏ ବା ଦୁଇଟି ସମସ୍ୟାର ସମାଧାନ ପାଇଁ ଏକାଧିକ ସମସ୍ୟା ବଳୟରେ ଜନସାଧାରଣ ଆକ୍ରାନ୍ତ ହେଲେ ରାଜ୍ୟ ତଥା ଦେଶର ଅବସ୍ଥା କ'ଣ ହେବ- ଚିନ୍ତାଜନକ ପ୍ରଶ୍ନ ନିଶ୍ଚୟ।

**ମୋ: ୯୪୩୭୩୧୭୦୨୬**

# ପୁରୁଷୋତ୍ତମ ମାସ ମାହାତ୍ମ୍ୟ



**ଅନନ୍ତ ଗୋପାଳ ପଣ୍ଡା**

ପରମାତ୍ମା ପରମେଶ୍ୱରଙ୍କ ନିର୍ଦ୍ଦେଶାନୁସାରେ ବେଦପତି ବ୍ରହ୍ମା ସୃଷ୍ଟି କରିଛନ୍ତି ବୁଦ୍ଧି, ବିବେକ ତଥା ବାକ୍‌ଶକ୍ତିସମ୍ପନ୍ନ ମନୁଷ୍ୟକୁ। ସ୍ୱୟଂମ୍ଭୁବ ମନୁଙ୍କ ବଂଶଧର ଭାବେ ମାନବ ତା'ର ବିଦ୍ୟା ବୁଦ୍ଧିର ଉପଯୋଗ ବଳରେ ନିରବଚ୍ଛିନ୍ନ ଭାବେ ସ୍ରୋତସ୍ୱିନୀ ପରି ପ୍ରବହମାନ କାଳ ବା ସମୟର ଗତି ସହିତ ନିଜର କାର୍ଯ୍ୟଧାରାକୁ ପରିଚାଳିତ କରିବା ପାଇଁ ସୃଷ୍ଟି କରିଛି ଦିନ, ଦଣ୍ଡ, ବର୍ଷ ଓ ମାସ। ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ଗ୍ରହମାନେ ପରିଭ୍ରମଣ କରିଥାନ୍ତି। ସେହି ନ୍ୟାୟରେ ପୃଥିବୀ ନିଜ ଚାରି ପାଖରେ ଆବର୍ତ୍ତନ କରିବା ସହିତ ସୂର୍ଯ୍ୟଙ୍କ ଚାରି ପାଖେ ପରିକ୍ରମଣ କରିବାକୁ ନେଇଥାଏ ୩୬୫ ଦିନ ୬ ଘଣ୍ଟା। ସୂର୍ଯ୍ୟଙ୍କ ଚତୁଃପାର୍ଶ୍ୱରେ ପୃଥିବୀର ପରିକ୍ରମଣକୁ ଆଧାର କରି ୧୫୮୨ ମସିହାରେ ପୋପ୍ ଗ୍ରିଗୋରୀଙ୍କ ଦ୍ୱାରା ପ୍ରଚଳିତ ଦିନଦର୍ଶିକା ଅନୁଯାୟୀ ପ୍ରତି ବର୍ଷ ସଂରକ୍ଷିତ ୬ ଘଣ୍ଟା ଚାରି ବର୍ଷରେ ଏକ ଦିବସରେ ହୁଏ ପରିଣତ। ସେହି ଦିବସଟି ଫେବୃଆରୀ ମାସ ସହିତ ସଂଯୋଜିତ ହୋଇ ୨୮ ଦିନ ପରିବର୍ତ୍ତେ ୨୯ ଦିନ ଭାବେ ହୁଏ ପାଳିତ। ସେହି ବର୍ଷର ଅବଧି ୩୬୫ ଦିନ ପରିବର୍ତ୍ତେ ୩୬୬ ଦିନ ହୋଇଥିବାରୁ ଏହି ବର୍ଷକୁ ଅଧିବର୍ଷ ବା ଇଂରାଜୀରେ ଲିପ୍ ଇୟର୍ ବା ଅଧିବର୍ଷ କୁହାଯାଏ।

ଜ୍ୟୋତିଷ ଶାସ୍ତ୍ର ଅନୁଯାୟୀ, ସୂର୍ଯ୍ୟ ଗୋଟିଏ ସମ୍ବତ୍ସରରେ ଦ୍ୱାଦଶ ରାଶି ଯଥା- ମେଷ, ବୃଷ, ମିଥୁନ, କର୍କଟ, ସିଂହ, କନ୍ୟା, ତୁଳା, ବିଛା, ଧନୁ, ମକର, କୁମ୍ଭ ଓ ମୀନ ରାଶିରେ କରିଥାନ୍ତି ଅବସ୍ଥାନ। ଗୋଟିଏ ରାଶିରୁ ଅନ୍ୟ ରାଶିକୁ କରୁଥିବା ଗତି ବା ସଂକ୍ରମଣକୁ କୁହାଯାଏ ସଂକ୍ରାନ୍ତି। ଦ୍ୱାଦଶ ରାଶିରେ ଅବସ୍ଥାନକୁ ଆଧାର କରି ସୃଷ୍ଟ ସୌର ବର୍ଷର ଅବଧି ହେଉଛି ୩୬୫ ଦିନ। ସୂର୍ଯ୍ୟଙ୍କ ପରି ନବଗ୍ରହମାନଙ୍କ ମଧ୍ୟରେ ସ୍ଥାନିତ ସୋମ ବା ଚନ୍ଦ୍ର ମଧ୍ୟ ପୃଥିବୀର ଉପଗ୍ରହ ଭାବେ ପୃଥିବୀର ଚତୁଃପାର୍ଶ୍ୱରେ ପରିଭ୍ରମଣ କରିଥାନ୍ତି। ଚନ୍ଦ୍ର ଦକ୍ଷ ଓ ଆସ୍ନିକୀଙ୍କର ସତେଇଶ ଗୋଟି କନ୍ୟା ବା ନକ୍ଷତ୍ରଙ୍କର ପାଣିଗ୍ରହଣପୂର୍ବକ ପ୍ରତ୍ୟହ ଗୋଟିଏ ଗୋଟିଏ ନକ୍ଷତ୍ରରେ କରିଥାନ୍ତି ଅବସ୍ଥାନ। ପ୍ରତି ନକ୍ଷତ୍ରରେ ଅବସ୍ଥାନ କରିବା ସମୟରେ ଥାଏ ପାର୍ଥକ୍ୟ। ଚନ୍ଦ୍ର ପୃଥିବୀ ଚାରିପାଖରେ ଭ୍ରମଣ କରିବାକୁ ନେଇଥାନ୍ତି ୨୯.୫ ଦିନ, ଯାହା ଚାନ୍ଦ୍ରମାସ ଭାବେ ହୁଏ ଅଭିହିତ। ବାର ଗୋଟି ଚାନ୍ଦ୍ରମାସ ଅର୍ଥାତ୍ ଏକ ଚାନ୍ଦ୍ରବର୍ଷର ଅବଧି ହେଉଛି ୨୯.୫X୧୨=୩୫୪ ଦିନ। ସୌର ବର୍ଷ ତୁଳନାରେ ଚାନ୍ଦ୍ରବର୍ଷ ୧୧ ଦିନ କମ୍ ହୋଇଥିବାରୁ ୨ ବର୍ଷ ୮ ମାସ ପରେ ଏହି ଅନ୍ତର ୩୦ ଦିନ ହୋଇଯାଏ। ଫଳତଃ ଉଭୟ ସୌର ଓ ଚାନ୍ଦ୍ରବର୍ଷରେ ସମତା ରକ୍ଷା କରିବା ଉଦ୍ଦେଶ୍ୟରେ ଏହି ଏକ ମାସ ଅଧିମାସ ବା ମଳ ମାସ ଭାବେ କୌଣସି ଏକ ମାସ ସହ ସଂଯୁକ୍ତ ହୋଇଥାଏ। ସାଧାରଣ ଭାବେ ମଳ ଅର୍ଥ ମଳିନ ବା ଅଶୁଭ। ଏହି ମାସରେ କୌଣସି ମାଙ୍ଗଳିକ କାର୍ଯ୍ୟ କରାଯାଏ ନାହିଁ।

ଚାନ୍ଦ୍ରମାସ ସାଧାରଣତଃ କୃଷ୍ଣପକ୍ଷ ପ୍ରତିପଦାରୁ ଆରମ୍ଭ ହୋଇ ପୂର୍ଣ୍ଣିମାରେ ଶେଷ ହୋଇଥାଏ। ଅର୍ଥାତ୍ ପ୍ରଥମାର୍ଦ୍ଧରେ ଅମାବାସ୍ୟା ଓ ଶେଷାର୍ଦ୍ଧରେ ପୂର୍ଣ୍ଣିମା ପଡ଼ିଥାଏ। କିନ୍ତୁ ମଳ ମାସ କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୁଏ ପରିଲକ୍ଷିତ। ମଳ ମାସ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହେଉଥିବାରୁ ପ୍ରଥମାର୍ଦ୍ଧରେ ପାଳିତ ହୁଏ ପୂର୍ଣ୍ଣିମା। ମାସର ଶେଷ ଦିବସଟି ହେଉଛି ଅମାବାସ୍ୟା। ଏହି ମାସର ଅନ୍ୟ ଏକ ଲକ୍ଷଣ ହେଉଛି ଯେ ଏହି ମାସ ସଂକ୍ରାନ୍ତି ବର୍ଜିତ ମାସ ଭାବେ ହୁଏ ଅଭିହିତ। ବିଗତ ଚାରି ଗୋଟି ମଳ ମାସର ପାଳନ ଯଥା: ୨୦୧୫ର ଆଷାଢ଼, ୨୦୧୮ର ଜ୍ୟେଷ୍ଠ, ୨୦୨୦ର ଆଶ୍ୱିନ ଓ ୨୦୨୩ର ଶ୍ରାବଣ ମାସକୁ ଅନୁଧ୍ୟାନ କଲେ ଏହାର ସତ୍ୟତା ହୁଏ ପ୍ରମାଣିତ। ଚଳିତ ବର୍ଷ ମଳ ମାସର ଅବଧି ହେଉଛି ମେ' ମାସ ୧୭ ତାରିଖରୁ ଜୁନ୍ ୧୫ ତାରିଖ। ପଞ୍ଜିକାର ଜୁନ୍ ୧୫ ତାରିଖରେ ଉଭୟ ମଳ ଅମାବାସ୍ୟା ଓ ସଂକ୍ରାନ୍ତି ହୁଅନ୍ତି ଦୃଷ୍ଟିଗୋଚର। ସେହି ଦିବସରେ ଅମାବାସ୍ୟା ପୂର୍ବାହ୍ନ ୮ ଘଟିକା ୪୧ ମିନିଟ୍ ପର୍ଯ୍ୟନ୍ତ ଥିବା ବେଳେ ସଂକ୍ରାନ୍ତିର ପୁଣ୍ୟ କାଳ ହେଉଛି ଦିବା ୧୦ ଘଣ୍ଟା ୨୮ ମିନିଟ୍‌ଠାରୁ ସୂର୍ଯ୍ୟାସ୍ତ ମଧ୍ୟରେ। ତେଣୁ ଜ୍ୟୋତିଷ ବିଶାରଦମାନଙ୍କ ପ୍ରଦତ୍ତ ତଥ୍ୟ ସତ୍ୟ ଉପରେ ଆଧାରିତ। ଏହି ମାସରେ କୌଣସି ମାଙ୍ଗଳିକ କାର୍ଯ୍ୟ ଯଥା: ବିବାହ, ବ୍ରତ, ଗୃହାରମ୍ଭ, ଗୃହ ପ୍ରବେଶ ଇତ୍ୟାଦି ଅନୁଷ୍ଠିତ ହୁଏନାହିଁ।

କାଳ ବା ସମୟର ଅଧିପତି ହେଉଛନ୍ତି ପରାମାତ୍ମା ପରମେଶ୍ୱର, ଯାହାଙ୍କୁ ଶାସ୍ତ୍ରକାରମାନେ ମହାକାଳ ଭାବରେ ଅଭିହିତ କରିଥାନ୍ତି। ସେହି ନ୍ୟାୟରେ ଚାନ୍ଦ୍ର ବର୍ଷରେ ପାଳିତ ଦ୍ୱାଦଶ ମାସମାନଙ୍କର ଅଧିପତି ହେଉଛନ୍ତି ସ୍ୱୟଂ ଭଗବାନ୍। ପ୍ରଭୁଙ୍କର ଦ୍ୱାଦଶ ସ୍ୱରୂପ ବାର ମାସର ଅଧିପତି ଭାବେ ହୁଅନ୍ତି ଅଭିହିତ। ଯଥା: ବୈଶାଖର ଅଧିପତି ହେଉଛନ୍ତି ମଧୁସୂଦନ, ଜ୍ୟେଷ୍ଠର- ତ୍ରିବିକ୍ରମ, ଆଷାଢ଼- ବାମନ, ଶ୍ରାବଣ- ଶ୍ରୀଧର, ଭାଦ୍ରବ- ହୃଷିକେଶ, ଆଶ୍ୱିନ- ପଦ୍ମନାଭ,କାର୍ତ୍ତିକ- ଦାମୋଦର, ମାର୍ଗଶିର- କେଶବ, ପୌଷ- ନାରାୟଣ, ମାଘ- ମାଧବ, ଫାଲଗୁନ- ଗୋବିନ୍ଦ ଓ ଚୈତ୍ରର ଅଧିପତି ହେଉଛନ୍ତି ବିଷ୍ଣୁ। ଦ୍ୱାଦଶ ମାସର ଅଧିପତିଙ୍କ ସଂପର୍କରେ ଅବଗତ ହୋଇ ମଳ ବା ଅଧିମାସ ନିଜର କେହି ଅଧିପତି ନଥିବାରୁ ପ୍ରଭୁଙ୍କ ନିକଟରେ କରିଛି ପ୍ରାର୍ଥନା। କହିଛନ୍ତି- ହେ ମହାପ୍ରଭୁ, ଆପଣ ହେଉଛନ୍ତି ମହାକାଳ, ସବୁ ମାସର ଅଧିପତି ଆସନରେ ଆପଣ ଦ୍ୱାଦଶ ସ୍ୱରୂପରେ ଅଧିଷ୍ଠିତ ହୋଇଥିବା ବେଳେ ମୋର ଅଧିପତିଙ୍କ ଆସନ ରହିଛି ଶୂନ୍ୟ। ମୋ ବ୍ୟତୀତ ସବୁ ମାସରେ ମାଙ୍ଗଳିକ କାର୍ଯ୍ୟର ରହିଛି ବ୍ୟବସ୍ଥା। ସେଥିପାଇଁ ମୁଁ ଅଶୁଭ ମାସ ଭାବେ ହେଉଛି ବିବେଚିତ। ତେଣୁ ହେ ଦୟାସାଗର! ମୁଁ ଆପଣଙ୍କ ପଦପଙ୍କଜରେ ଶରଣାପନ୍ନ। ଆପଣ କୃପା ପରବଶ ହୋଇ ଏପରି ଅପନିନ୍ଦାରୁ ମୋତେ ରକ୍ଷା କରନ୍ତୁ। ମଳ ମାସର ଗୁହାରୀ ଶ୍ରବଣ କରି ପ୍ରଭୁ ଦେଇଛନ୍ତି ଅଭୟ। ଆଶ୍ରିତର ମନରୁ ଦୁଃଖ ଦୂରୀଭୂତ କରିବାକୁ ଯାଇ କହିଛନ୍ତି, ହେ ଅଧିମାସ! ତୁମର ଅଧିପତି ଆସନ ମୁଁ କରିବି ଅଳଂକୃତ। ମୋ କ୍ଷେତ୍ରର ନାମ ପୁରୁଷୋତ୍ତମ ଓ ମୁଁ ସ୍ୱୟଂ ମଧ



ପୁରୁଷୋତ୍ତମ ଯଥା- 'ସର୍ବେଷାଂ ଚୈବ କ୍ଷେତ୍ରାଣାଂ ରାଜାଶ୍ରୀ ପୁରୁଷୋତ୍ତମଃ। ସର୍ବେଷାଂ ଚୈବ ଦେବାନାଂ ରାଜାଶ୍ରୀ ପୁରୁଷୋତ୍ତମଃ।' ହେ ଅଧିମାସ! ଏ ସମ୍ପର୍କରେ ମୁଁ ଅର୍ଜୁନଙ୍କୁ ମଧ୍ୟ ଅବଗତ କରାଇଛି କୁରୁକ୍ଷେତ୍ର ରଣାଙ୍ଗନରେ, ଯଥା- 'ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ' (୧୮/୧୫)। ତେଣୁ ମଳ ମାସ ପରିବର୍ତ୍ତେ ତୁମେ ପୁରୁଷୋତ୍ତମ ମାସ ଭାବେ ହେବ ବିଦିତ ଏବଂ ବୈଶାଖ, ମାଘ ଓ କାର୍ତ୍ତିକ ମାସ ପରି ହେବ ପରିଗଣିତ। ଏହି ମାସରେ ଯେଉଁ ଜନ ପ୍ରାତଃସ୍ନାନ, ଶାସ୍ତ୍ର ପଠନ, ଗୋ ପୂଜନ, ଅତିଥିଙ୍କୁ ଭୋଜନ ଦାନ ଆଦି ଦ୍ୱାରା ଯେତେ ପୁଣ୍ୟ ଅର୍ଜନ କରିବେ, ତାହା କ୍ଷୟ ହେବ ନାହିଁ। ସେ ମୋର ପରମ ଭକ୍ତ ଭାବେ ହେବ ବିବେଚିତ।

ଏହି ଅଧିମାସର ମହିମାକୁ ପ୍ରଖ୍ୟାପିତ କରିବାକୁ ଯାଇ ମହାପ୍ରଭୁ ଶ୍ରୀକ୍ଷେତ୍ରରେ ବାଟମଙ୍ଗଳାଙ୍କ ସମ୍ମୁଖରେ, ଯମେଶ୍ୱର ଓ ଲୋକନାଥଙ୍କ ମନ୍ଦିରର ମଧ୍ୟଭାଗରେ ଥିବା ଏକ ମନ୍ଦିରରେ ବରାହ ଓ ମଳ ନାରାୟଣ ରୂପରେ ବିରାଜମାନ କରିଛନ୍ତି। ବର୍ଷର ସବୁ ସମୟରେ ଏହି ମନ୍ଦିର ବନ୍ଦ ରହିଥିବା ବେଳେ କେବଳ ମଳ ମାସରେ ଏହି ମନ୍ଦିରର ଦ୍ୱାର ବ୍ରତଧାରୀ ଓ ଭକ୍ତଜନଙ୍କ ପାଇଁ ଉନ୍ମୁକ୍ତ ରହିଥାଏ। ଚତୁର୍ଭୁଜଧାରୀ ମଳ ନାରାୟଣଙ୍କର ଉପର ଦକ୍ଷିଣ ଭୁଜରେ ଚକ୍ର ଓ ବାମ କରରେ ଶଙ୍ଖ ଶୋଭା ପାଉଥିବା ବେଳେ ତଳ ଦୁଇ ଭୁଜ ଧ୍ୟାନ ମୁଦ୍ରାରେ ରହିଥାଏ। ବ୍ରତଧାରୀମାନଙ୍କ ଦ୍ୱାରା ପ୍ରଦତ୍ତ ଭୋଗ ସାମଗ୍ରୀ ନୈବେଦ୍ୟ ରୂପେ ପ୍ରଭୁଙ୍କୁ ସମର୍ପଣ କରାଯାଏ। ଏହି ମାସବ୍ୟାପି ଭକ୍ତମାନେ ବରାହ ଭଗବାନ ଓ ମଳ ନାରାୟଣଙ୍କ ଦର୍ଶନ ଲାଭ କରି ହୁଅନ୍ତି କୃତାର୍ଥ।

ପଦ୍ମ ପୁରାଣରେ ଏହି ପୁରୁଷୋତ୍ତମ ମାସର ମହିମା ହୋଇଛି ବର୍ଣ୍ଣିତ। ଉତ୍ତମ ବର ପ୍ରାପ୍ତି ନିମନ୍ତେ ଋଷି ମେଧାଙ୍କ କନ୍ୟାଙ୍କୁ ମଳ ମାସର ବ୍ରତ ପାଳନ କରିବା ପାଇଁ କହିଛନ୍ତି ମୁନି ଦୁର୍ବାସା। ମୁନିକନ୍ୟା ଋଷିଙ୍କ ଉପଦେଶକୁ ଅମାନ୍ୟପୂର୍ବକ ମଳ ମାସ ବ୍ରତ ପ୍ରତି ଉଦାସୀନ ମନୋଭାବ ପୋଷଣ କରିବାରୁ ଦୁର୍ବାସା କ୍ରୋଧିତ ହୋଇ ଦେଇଛନ୍ତି ଅଭିଶାପ। ଅଭିଶାପରୁ ରକ୍ଷା ପାଇବା ନିମନ୍ତେ ମୁନିକନ୍ୟା ପ୍ରଭୁ ଶଙ୍କରଙ୍କୁ ପ୍ରାର୍ଥନା କରିଛନ୍ତି। ଉତ୍ତମ ବର ପ୍ରାପ୍ତି ନିମନ୍ତେ ପାଞ୍ଚ ଥର ପତି ଶବ୍ଦ ଉଚ୍ଚାରଣ କରିବାରୁ ମୁନିକନ୍ୟା ପର ଜନ୍ମରେ ଦ୍ରୁପଦନନ୍ଦିନୀ ଭାବରେ ଅଭିଶାପର ଫଳ ସ୍ୱରୂପ ପଞ୍ଚ ପାଣ୍ଡବଙ୍କୁ ପ୍ରତି ରୂପେ କରିଛନ୍ତି ବରଣ ଏବଂ କୁରୁସଭାରେ ଦୁଃଶାସନ ଦ୍ୱାରା କେଶାକର୍ଷଣ ରୂପକ କ୍ଲେଶ ତଥା ବିବସନା ଜନିତ ଯାତନାରେ ହୋଇଛନ୍ତି ଜର୍ଜରିତା।

ଏହି ପୁଣ୍ୟ ପୁରୁଷୋତ୍ତମ ମାସରେ ଚଉଦ ଗୋଟି କାର୍ଯ୍ୟ କରଣୀୟ, ଯଥା- ବ୍ରାହ୍ମ ମୁହୂର୍ତ୍ତରୁ ଶଯ୍ୟା ତ୍ୟାଗ, ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନ, ନାମ ଜପ ଓ ଧ୍ୟାନ, ଗୀତାର ପଞ୍ଚଦଶ ଅଧ୍ୟାୟ ପୁରୁଷୋତ୍ତମ ଯୋଗ ପଠନ, ଗୋ ପୂଜନ, ଅତିଥିଙ୍କୁ ଭୋଜନ ଦାନ, ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଦୀପ ପ୍ରଜ୍ୱଳନ, ପବିତ୍ର ନଦୀରେ ସ୍ନାନ, ଭାଗବତ କଥା ଶ୍ରବଣ, ତୁଳସୀ ପୂଜନ, ତୀର୍ଥରେ ଅବସ୍ଥାନ, ଦୁଃଖୀ ରଙ୍କିଙ୍କୁ ଦାନ, ଶଙ୍କର ଭଗବାନଙ୍କ ଦର୍ଶନ, ଭଗବାନ ବିଷ୍ଣୁଙ୍କୁ ତୁଳସୀ ଅର୍ପଣ। ଆସନ୍ତୁ, ଏହି ପବିତ୍ର ପୁରୁଷୋତ୍ତମ ମାସରେ ସାତ୍ତ୍ୱିକ ଭୋଜନ ସହିତ ଅନ୍ତଃକରଣରେ ଭଗବତ୍ ଚିନ୍ତନ ଓ ଧ୍ୟାନ ମାଧ୍ୟମରେ ଭଗବାନଙ୍କ ଆଶିଷ ଲାଭ କରି ଜୀବନକୁ ଧନ୍ୟ କରିବା ସହିତ ମାନବ ଜନ୍ମକୁ କରିବା ସାର୍ଥକ।

**ଶ୍ରୀକ୍ଷେତ୍ର ବିହାର, ଭୁବନେଶ୍ୱର**
**ମୋ: ୯୮୬୧୪୭୦୧୯୮**

ନିତିଦିନ NITIDIN
ମଙ୍ଗଳବାର, ୨୬ ମେ' ୨୦୨୬

# ରୁବିଓଙ୍କ ନୂତନ ଉଦ୍ୟମ

ଯୁକ୍ତରାଷ୍ଟ୍ର ଆମେରିକାର ସେକ୍ରେଟାରୀ ଅଫ୍ ଷ୍ଟେଟ୍ ମାର୍କୋ ରୁବିଓଙ୍କର ଭାରତ ଗସ୍ତକୁ ନିର୍ଦ୍ଦିଷ୍ଟ ଭାବରେ ଗତ ବର୍ଷ ବାଣିଜ୍ୟ କାରବାର ଏବଂ ଟାରିଫ୍ ବ୍ୟାପାର ଉପରେ ଟ୍ରମ୍ପ ପ୍ରଶାସନର ମନମୁଖୀ ଆଭିମୁଖ୍ୟ ଦ୍ୱାରା ଦୁଇ ଦେଶଙ୍କ ସମ୍ପର୍କରେ ସୃଷ୍ଟି ହୋଇଥିବା ଅସହଜ ପରିସ୍ଥିତିକୁ ପୁଣି ଥରେ ସହଜ ପଥକୁ ଆଣିବା ଦିଗରେ ଏକ ପଦକ୍ଷେପ ଭାବରେ ଦେଖାଯାଇପାରେ। ରବିବାର ଦିନ ରୁବିଓଙ୍କ ସହିତ ଆଲୋଚନା କରିବା ପରେ ଭାରତର ବହିର୍ବ୍ୟାପାର ମନ୍ତ୍ରୀ ଏସ୍ ଜୟଶଙ୍କର ଯେପରି କହିଛନ୍ତି- ଦୁଇ ପକ୍ଷ ଯଥାକ୍ରମେ ସେମାନଙ୍କ ବିଦେଶ ନୀତିର ପ୍ରଥମେ ଆମେରିକା ଏବଂ ପ୍ରଥମେ ଭାରତ ଦୃଷ୍ଟିକୋଣ ମଧ୍ୟରେ ତଥା ସେମାନଙ୍କ ମଧ୍ୟରେ ରହିଥିବା ମତ ପାର୍ଥକ୍ୟକୁ ସଂକୀର୍ଣ୍ଣ କରିବା ବେଳେ ସମ୍ମେଳନର ପରିସରକୁ ବ୍ୟାପକ କରିବା ଭଳି ଏକ ଭାରସାମ୍ୟ ରକ୍ଷା କରିବାର ନୀତିରେ ଉପନୀତ ହେବାକୁ ଚାହୁଁଛନ୍ତି। ସେହି ଦୃଷ୍ଟିରୁ ଦେଖିଲେ, କେତେକ କ୍ଷେତ୍ର ରହିବ ଯେଉଁଠାରେ ଉଭୟ ପକ୍ଷଙ୍କ ରାଷ୍ଟ୍ରୀୟ ସ୍ୱାର୍ଥ ସମାନ ହେବ ଏବଂ ଆଉ କେତେକ କ୍ଷେତ୍ର ରହିବ, ଯେଉଁଠି ଅସହମତିଗୁଡ଼ିକର ପରିଚାଳନା ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିବାକୁ ପଡ଼ିବ। ଆସନ୍ତା ଜୁନ୍ ମାସରେ ଆମେରିକାରୁ ଏକ ବାଣିଜ୍ୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିବାର ଧାର୍ଯ୍ୟ ହୋଇଥିବା ସମୟ ପୂର୍ବରୁ ଶ୍ରୀଯୁକ୍ତ ରୁବିଓଙ୍କ ଗସ୍ତ ଶ୍ରୀଯୁକ୍ତ ଟ୍ରମ୍ପଙ୍କର ଭାରତ ପ୍ରତି ଦୃଷ୍ଟିଭଙ୍ଗୀ ଯୋଗୁଁ ନିମ୍ନଗାମୀ ହୋଇଥିବା କୂଟନୀତିକ ସମ୍ପର୍କକୁ ପୁନର୍ବାର ସ୍ୱାଭାବିକ ଅବସ୍ଥାକୁ ଆଣିବା ନିମନ୍ତେ ଉଦ୍ଦିଷ୍ଟ, ଯାହା ହୁଏତ ମେ' ୨୦୨୫ରେ ଭାରତର ଅପରେସନ୍ ସିନ୍ଦୂର ଦ୍ୱାରା ଅଧିକ ରଙ୍ଗୀନ କରାଯାଇଥିଲା, ଯାହାକି ପୁନଶ୍ଚ ପାକିସ୍ତାନ ଦ୍ୱାରା ଆତଙ୍କବାଦକୁ ରାଷ୍ଟ୍ରର ଏକ ଛାୟା ଅସ୍ତ୍ର ଭାବରେ ବ୍ୟବହାର କରାଯିବାକୁ ଉନ୍ମୋଚିତ କରିଥିଲା। ସେବେଠାରୁ ଶ୍ରୀଯୁକ୍ତ ଟ୍ରମ୍ପ ପାକିସ୍ତାନରେ ରହିଥିବା ତାଙ୍କର 'ପ୍ରିୟ' ସେନାଧକ୍ଷଙ୍କୁ ଅଧିକ ଅନୁଗ୍ରହ ଦେଖାଇ ଆସୁଛନ୍ତି, ଯାହାକି ଯେ କୌଣସି ପ୍ରକାରେ ହେଉ ଇରାନ୍ ସହିତ ଯୁଦ୍ଧରେ ମଧ୍ୟସ୍ଥତା କରିବା ଭଳି ଏକ ସକାରାତ୍ମକ ଭୂମିକା ତୁଲାଇ ଆସୁଛି- ଯାହା ୱାଶିଂଟନ୍ ଏବଂ ନୂଆଦିଲ୍ଲୀ ମଧ୍ୟରେ କୂଟନୀତିକ ସମ୍ପର୍କକୁ ତିକ୍ତରୁ ଅଧିକ ତିକ୍ତ କରି ଚାଲିଛି।

ଏକଥା ଅବଶ୍ୟ ସତ ଯେ ଇତି ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କରେ ସୁଧାର ଅଣାଯିବା ପାଇଁ କାର୍ଯ୍ୟ ଚାଲୁ ରହିବା ସ୍ପଷ୍ଟ ହୋଇଛି, ଯଦିଓ ବହୁ-ବିଳମ୍ବିତ ଅନ୍ତରୀଣ ବାଣିଜ୍ୟ କାରବାର ସମ୍ପର୍କିତ ରାଜିନାମା ଆବୁଡ଼ା ଖାବୁଡ଼ା ସୀମାରେଖାରେ ରହିଥିବା ଏହି କ୍ଷେତ୍ରରେ ସବୁ କିଛିକୁ ମସୃଣ କରିବାରେ ସାହାଯ୍ୟ କରି ପାରିବା ସଙ୍ଗେ ସଙ୍ଗେ ତା' ସହିତ ବାଣିଜ୍ୟ ସହିତ ସମ୍ପର୍କିତ ଅନ୍ୟ ସମସ୍ତ ବ୍ୟାପାର ଉପରେ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧ୍ୟାନ କେନ୍ଦ୍ରିତ ହେବାର ସମସ୍ୟାକୁ ସମାଧାନ କରି ପାରିବ। ଆମେରିକାର ଭିସା ପରିସରରେ ସାମ୍ପ୍ରତିକ ସମୟରେ ହୋଇଥିବା ପରିବର୍ତ୍ତନଜନିତ ମତ ପାର୍ଥକ୍ୟ ଏବେ ସୁଦ୍ଧା ରହିଛି, କାରଣ ଏହା ଭାରତୀୟ ବିଦ୍ୟାର୍ଥୀ ଏବଂ ବୃତ୍ତିଜୀବୀମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ସମ୍ଭାବନା ପ୍ରତି ଗୁରୁତର ଆଘାତ ପହଞ୍ଚାଇଛି, ଯେଉଁମାନେ କି ପରିସ୍ଥିତିରେ ପଡ଼ି ଏବେ ଅଧିକ ସଂଖ୍ୟାରେ ୟୁରୋପୀୟ ରାଷ୍ଟ୍ରମାନଙ୍କ ଆଡ଼କୁ ମୁହାଁଇଛନ୍ତି। ଭାରତୀୟ ପକ୍ଷ ମଧ୍ୟ ବାଧବାଧକତାରେ ଶକ୍ତି ଯୋଗାଣରେ ସୃଷ୍ଟି ହୋଇଥିବା ବ୍ୟାଘାତ ରୂପକ ପ୍ରସଙ୍ଗକୁ ଏକ ଗୁରୁତର ସମସ୍ୟା ଭାବରେ ଗ୍ରହଣ କରିଛନ୍ତି, ଯେହେତୁ ଏହା ଇରାନ୍ ବିରୁଦ୍ଧରେ ଆମେରିକା ଏବଂ ଇସ୍ରାଏଲର ଯୁଦ୍ଧ ଯୋଗୁଁ ସୃଷ୍ଟି ହୋଇଛି, ବିଶେଷକରି ତୈଳ ଏବଂ ଗ୍ୟାସ୍ କ୍ଷେତ୍ରରେ ଆଗାମୀ ସମୟରେ ଅଧିକ ସଂକଟପୂର୍ଣ୍ଣ ଅବସ୍ଥା ସୃଷ୍ଟି ହେଲେ ସେଥିରୁ ଉଦ୍ଧାର ପାଇବା ନିମନ୍ତେ ନୂଆଦିଲ୍ଲୀ ବିକଳ୍ପର ସନ୍ଧାନ ଦିଗରେ ଅଗ୍ରସର ହେଉଥିବା ମନେ ହେଉଛି। ମାତ୍ର ଅଳ୍ପ କେତେଦିନ ପୂର୍ବେ ଟ୍ରମ୍ପଙ୍କର ବେଜିଂ ଗସ୍ତ ଏବଂ ଆମେରିକା ଓ ଚୀନ୍‌କୁ ନେଇ ଏକ 'ଜି୨' ଗଠନ କରିବା ସମ୍ପର୍କିତ ଆଲୋଚନା ଅବଶ୍ୟ ଭାରତୀୟ ନୀତି ନିର୍ମାତାମାନଙ୍କ କାନକୁ ଏକ ମଧୁର ସଙ୍ଗୀତ ଭାବରେ ଶୁଭି ନଥିବ, ଯେଉଁମାନେ କି ଆଗରୁ ପାକିସ୍ତାନର ସେନାମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କ ସହିତ ଆମେରିକୀୟ ରାଷ୍ଟ୍ରପତିଙ୍କର ବୃଦ୍ଧି ପାଉଥିବା ଘନିଷ୍ଠତାକୁ ନେଇ ଚିନ୍ତିତ ରହିଛନ୍ତି।

ଆଜି କ୍ୱାଡ୍ ବିଦେଶ ମନ୍ତ୍ରୀମାନଙ୍କର ବୈଠକ ଅନୁଷ୍ଠିତ ହେଉଛି ଏବଂ ଏଥିରେ ରୁବିଓ ଯୋଗ ଦେବାର କାର୍ଯ୍ୟକ୍ରମ ମଧ୍ୟ ରହିଛି, ଯେଉଁଥିରୁ ଆମେରିକା କେତେଦୂର ଭାରତର ସମ୍ବେଦନଶୀଳ ପ୍ରସଙ୍ଗଗୁଡ଼ିକ ସହିତ ଚିନ୍ତାଗୁଡ଼ିକର ସମାଧାନ କରିବାକୁ ଆଗ୍ରହୀ ଅଛି, ସେ ସମ୍ପର୍କରେ ଜଣା ପଡ଼ିବ, ବିଶେଷକରି କ୍ୱାଡ୍ ନେତାମାନଙ୍କର ଏକ ସମ୍ମିଳନୀ ଆହ୍ୱାନ କରିବା ବାବଦରେ ଏକ ସଙ୍କେତ ପାଇବାର ଯେଉଁ ଆଶା ରହିଛି, ତା'ରି ଉପରେ, ଯାହା ବର୍ତ୍ତମାନ ଟ୍ରମ୍ପଙ୍କର ଭାରତ ଗସ୍ତରେ ଆସିବାର ନିଷ୍ପତ୍ତିକୁ କବ୍‌ଜା କରି ରଖିଛି। ପଶ୍ଚିମ ଏସିଆ ଯୁଦ୍ଧ ଯଦି ଆଉ କିଛି ଦିନ ଚାଲୁ ରୁହେ, ତା'ହେଲେ ଏହା ଭାରତର ଶକ୍ତି ସଂକଟକୁ ଅଧିକ ବୃଦ୍ଧି କରିବ ଏବଂ ଭାରତ ସହିତ ସମ୍ପର୍କକୁ ଅଧିକ ଦୃଢ଼ କରିବା ତଥା ପୁନଃନିର୍ମାଣ କରିବା ପାଇଁ ଯେଉଁସବୁ ପଦକ୍ଷେପ ନିଆଯିବା ଉଚିତ, ସେଥିରୁ ଆମେରିକାର ଧ୍ୟାନ ହଟାଇବ। ତେଣୁ ଭାରତର ସ୍ୱାର୍ଥ ଦୃଷ୍ଟିରୁ ଦେଶବାସୀଙ୍କ ନିକଟକୁ ବାର୍ତ୍ତା ପ୍ରଦାନ କରିବାର ଆବଶ୍ୟକତା ରହିଛି ଯେ ଏହି ଯୁଦ୍ଧକୁ ସମାପ୍ତ କରିବାର ସମୟ ଉପଗତ ହୋଇଛି, ଯାହାର ଭାରତୀୟ ଅର୍ଥନୀତି ଏବଂ ପ୍ରବାସୀ ଭାରତୀୟମାନଙ୍କ ପାଇଁ ମହତ୍ତ୍ୱପୂର୍ଣ୍ଣ ପରିଣାମ ରହିଛି। ଏ ବାବଦରେ ସଂକେତଗୁଡ଼ିକ ଯଥେଷ୍ଟ ପରିମାଣରେ ମିଳୁଛି ଏବଂ ଶ୍ରୀଯୁକ୍ତ ଟ୍ରମ୍ପ ନିରବଚ୍ଛିନ୍ନ ଭାବରେ ଭାରତ ପ୍ରତି ସକାରାତ୍ମକ ରହିବାର ଚାରିପଟେ ହିଁ ଦୁଇ ରାଷ୍ଟ୍ରଙ୍କ ମଧ୍ୟରେ ସମ୍ପର୍କ କ୍ଷେତ୍ରରେ ପ୍ରଗତି ହୁଏତ ଘୂରିବା ଚାଲୁ ରଖିଛି।

# ଆଧ୍ୟାତ୍ମିକତାର ଆଧାର

ଅନେକ ପରିବାରରେ ଏମିତି ଘଟିଥାଏ। ଘରେ ଖାଇବା, ପିନ୍ଧିବା, ରହିବା ଆଦିର ସମସ୍ତ ସୁବିଧା ଥିଲେ ମଧ୍ୟ ଶାନ୍ତିରେ ରହିବାକୁ ମିଳେନା। ସାମାନ୍ୟ କଥାକୁ ନେଇ ପରସ୍ପର ଭିତରେ ବଚସା, ମତାନ୍ତର, ମନାନ୍ତର ହୁଏ। ଏସବୁ ପଛରେ ଅସଲ କଥାଟି ହେଉଛି, କର୍ମରେ ଶ୍ରଦ୍ଧା ନଥାଏ। ଆମକୁ ଯେଉଁ କାମ କରିବାକୁ ଅଛି, ତାହା ତ ନିଶ୍ଚିତ କରିବା। ତେବେ ସେଥିରୁ ଶ୍ରଦ୍ଧା ଟିକକ କାଢ଼ିନେବା କାହିଁକି? ମନେକର, ତୁମକୁ ବଜାରରୁ ଯାଇ କିଛି ଜିନିଷ ଆଣିବାକୁ ହେବ। ଯଦି ସେହି ଜିନିଷ ତୁମେ ଆଣିବ, ତୁମ ବ୍ୟତୀତ ଅନ୍ୟ କେହି ଆଣିବେ ନାହିଁ, ତେବେ ବିରକ୍ତ ହୋଇ କାହିଁକି ଆଣିବ? ବିରକ୍ତ ହେଲେ ତୁମେ ଆଣିବ, ଶାନ୍ତ ହେଲେ ବି ତୁମେ ଆଣିବ। ବିରକ୍ତ ହୋଇ କିଛି ଅଧିକ ଲାଭ ମିଳିଲା କି! ବରଂ ତୁମ ନିଜର କ୍ଷତି ହେଉଛି। କର୍ମ ସହିତ ଶ୍ରଦ୍ଧାକୁ ଯୋଡ଼ିଦେଲେ ସେଥିରେ ଆଉ ବିରକ୍ତି ଭାବ ଆସିବ ନାହିଁ।

ଶିକ୍ଷକ ପଢ଼ାଇଲା ବେଳେ, ଚାଷୀ ଚାଷ କଲାବେଳେ, ଘରଣୀ ଘରକାମ କଲାବେଳେ, ପିଲାମାନେ ପଢ଼ିଲା ବେଳେ ନିଜ କର୍ମ ଉପରେ ଶ୍ରଦ୍ଧା ରଖିଲେ କାର୍ଯ୍ୟଟି ସୁରୁଖୁରୁରେ ହେବ। ଘରେ ରୋଷେଇ କଲାବେଳେ ଯଦି ଚିଡ଼ଚିଡ଼ା ସ୍ୱଭାବ ନେଇ ରୋଷେଇ କରାଯାଏ, ତା'ର ପ୍ରଭାବ ଖାଦ୍ୟ ଉପରେ ପଡ଼େ। ସେ ଖାଦ୍ୟକୁ ଯିଏ ଭୋଜନ କରନ୍ତି, ତାଙ୍କ ମନକୁ ସେହି ଚିଡ଼ଚିଡ଼ା ସ୍ୱଭାବ ମଧ୍ୟ ସଂକ୍ରମିତ ହୁଏ। ଟିକିଏ କଥାରେ ସମସ୍ତେ ଚିଡ଼ି ଉଠିଲେ ପରିବାରରେ ଅଶାନ୍ତି ହେବା ତ ସ୍ୱାଭାବିକ କଥା।

ସ୍ୱାମୀ କହିଲେ, ତୁମେ ତୀର୍ଥଯାତ୍ରାରେ ଯାଅ। ସ୍ତ୍ରୀ ମଧ୍ୟ ଆଦରରେ ବାହାରି ଗଲେ। ସ୍ୱାମୀ ବସ୍‌ରେ ବସାଇ ଦେଲେ। କିଛି ବାଟ ଗଲା ପରେ ସ୍ତ୍ରୀ ଟଙ୍କା ବ୍ୟାଗ୍ ଖୋଜିଲେ। ପାଇଲେ ନାହିଁ। ସ୍ୱାମୀଙ୍କୁ ଫୋନ୍ କଲେ। ସ୍ୱାମୀ କହିଲେ- 'ଟଙ୍କା ବ୍ୟାଗ୍ ତୁମେ ଘରେ ରଖି ଦେଇଛ।' ତା'ପରେ ସ୍ତ୍ରୀ ଫେରି ଆସିଲେ। ଆଉ ଦୂରକୁ ଯାତ୍ରା କଲେନାହିଁ। କାରଣ ବର୍ତ୍ତମାନ ସମୟରେ ଧନ ନଥିଲେ କେଉଁଆଡ଼େ ଯିବା ସମ୍ଭବ ନୁହେଁ। ସେମିତି ଆମ ଜୀବନ ହେଉଛି ଗୋଟିଏ ତୀର୍ଥଯାତ୍ରା। ଏହି ତୀର୍ଥଯାତ୍ରାରେ ସମ୍ବଳ ହେଉଛି ଶ୍ରଦ୍ଧା। ଶ୍ରଦ୍ଧାଯୁକ୍ତ ହୋଇ କର୍ମ କଲେ, ତାହା ଉପାସନାରେ ପରିଣତ ହୋଇଯାଏ। ଉପାସନା କହିଲେ କେବଳ ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚରେ ପୂଜା, ପ୍ରାର୍ଥନା କରିବା ନୁହେଁ। ଶ୍ରଦ୍ଧାଯୁକ୍ତ କର୍ମ ବି ଏକ ଉପାସନା। ଯଦି ପ୍ରତିଟି କର୍ମ ଉପାସନାରେ ପରିଣତ ହେଲା, ତେବେ ପରମାତ୍ମା ଆସି ପାଖରେ ଦେଖା ଦେବେ। ତାଙ୍କ ପୀଠକୁ ଯିବା ଦରକାର ନାହିଁ।

ଶ୍ରଦ୍ଧା ଭାବଟି କାହାକୁ ଶିଖାଇ ଦିଆଯାଏ ନାହିଁ। କର୍ତ୍ତବ୍ୟକୁ ଗୋଟିଏ ଗୁରୁ ଦାୟିତ୍ୱ ଭାବିନେଲେ ମନରେ ଶ୍ରଦ୍ଧା ଉପୁଜେ। ଅଥବା ଯେଉଁମାନଙ୍କ ପାଇଁ କାର୍ଯ୍ୟ କରାଯାଉଛି, ସେମାନେ ହେଉଛନ୍ତି ଭଗବାନ- ଏଇ ଭାବନାଟି ଆସିଗଲେ କାର୍ଯ୍ୟରେ ଶ୍ରଦ୍ଧା ଉପୁଜିବ। ଶ୍ରଦ୍ଧା ହେଉଛି ଜୀବନ ଯାତ୍ରାର ସମ୍ବଳ। ଆଧ୍ୟାତ୍ମିକତାର ଆଧାର।

## ପ୍ରଥମ ପୃଷ୍ଠାରୁ...

### ୬୬ ଜଣଙ୍କୁ ସମ୍ମାନିତ ...

ତଥା ସଙ୍ଗୀତଜ୍ଞ ଡକ୍ଟର ଏନ.ରାଜମଙ୍କୁ ପଦ୍ମବିଭୂଷଣ ସମ୍ମାନରେ ସମ୍ମାନିତ କରାଯାଇଛି । ୨୦୨୬ ବର୍ଷ ପାଇଁ ସମୁଦାୟ ୧୩୧ ଜଣଙ୍କୁ ପଦ୍ମ ପୁରସ୍କାର (୫ ପଦ୍ମ ବିଭୂଷଣ, ୧୩ ପଦ୍ମ ଭୂଷଣ ଏବଂ ୧୧୩ଜଣଙ୍କୁ ପଦ୍ମଶ୍ରୀ) ଦିଆଯିବାକୁ ଘୋଷଣା ହୋଇଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୬୬ ଜଣଙ୍କୁ ପୁରସ୍କୃତ କରାଯାଇଛି । ବାକି ୬୫ ଜଣ ବିଜେତାଙ୍କୁ ପରବର୍ତ୍ତୀ ପର୍ଯ୍ୟାୟରେ ସମ୍ମାନିତ କରାଯିବ, ଯାହାର ତାରିଖ ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ । ତେବେ ଆଜିର ସମାରୋହରେ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୬ ଜଣ ପଦ୍ମ ଭୂଷଣ ଏବଂ ୫୮ ଜଣଙ୍କୁ ପଦ୍ମଶ୍ରୀ ପୁରସ୍କାର ପ୍ରଦାନ କରାଯାଇଛି । ଆଜିର ପୁରସ୍କୃତ ୬୬ଜଣଙ୍କ ମଧ୍ୟରେ ୨ଜଣଙ୍କୁ ମରଣୋତ୍ତର ଭାବେ ପଦ୍ମ ସମ୍ମାନ ପ୍ରଦାନ କରାଯାଇଛି । ବିଶିଷ୍ଟ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଶେଷଜ୍ଞ କଲ୍ଲିପଛି ରାମାସାମୀ ପଲାନିସ୍ୱାମୀ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ମହାରାଷ୍ଟ୍ରର ପୂର୍ବତନ ରାଜ୍ୟପାଳ ଭଗତ ସିଂହ କୋଶ୍ୟାରୀଙ୍କୁ ପଦ୍ମଭୂଷଣଙ୍କୁ ସମ୍ମାନିତ କରାଯାଇଛି । ବିଶିଷ୍ଟ ବ୍ୟାଙ୍କର ଉଦୟ କୋଟାକ, ବିଶିଷ୍ଟ କଳାକାର ଶତବଧାନୀ ଡକ୍ଟର ଆର. ଗଣେଶଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି । ପଦ୍ମଶ୍ରୀ ପାଇଥିବା ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଅଭିନେତା ପ୍ରସେନଜିତ ଚାଟାର୍ଜୀ, ଅରୁଣାଚଳ ପ୍ରଦେଶର ବିଶିଷ୍ଟ ସାମାଜିକ କର୍ମୀ ଟେଚି ଗୁବିନ୍, ଅରବିନ୍ଦ ବୈଦ୍ୟ, ସାମାଜିକ କର୍ମୀ ନୀଲେଶ ବିନୋଦ ଚନ୍ଦ୍ର ମଣ୍ଡେଲୱାଲା, ପାରା କ୍ରୀଡ଼ାବିତ୍ ପ୍ରବୀଣ କୁମାର, ସାହିତ୍ୟିକ ଗମ୍ଭୀର ସିଂ ୟୋଞ୍ଜୋନ୍ ପ୍ରମୁଖ ସାମିଲ ଅଛନ୍ତି । ସମାରୋହରେ ପୁଡୁଚେରୀର ପ୍ରସିଦ୍ଧ 'ସିଲମ୍ବମ' ଗୁରୁ କେ. ପଜନିଭେଲ୍‌ଙ୍କୁ ଭାରତର ପାରମ୍ପରିକ ସମରକଳା (ମାର୍ଶାଲ ଆର୍ଟସ) ରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ସମ୍ମାନ ଗ୍ରହଣ କରିବାକୁ ଯିବା ପୂର୍ବରୁ ସେ ମଞ୍ଚ ସମ୍ମୁଖରେ ଭୂମିଷ୍ଠ ହୋଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ପ୍ରଣାମ କରିଥିଲେ, ଯାହା ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା । ଦ୍ୱିତୀୟ ପର୍ଯ୍ୟାୟରେ ବାକି ୬୫ଜଣଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯିବ ।

### ଓଡ଼ିଶାର ଡକ୍ଟର ମହେନ୍ଦ୍ର ...

ଏବଂ ଶିକ୍ଷାକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ଅନେକ ଆଦିବାସୀ ସଂଗଠନ ଏବଂ ଯୁବବର୍ଗଙ୍କୁ ପ୍ରୋତ୍ସାହିତ କରିଛନ୍ତି । ଓଡ଼ିଶାରୁ ଆଉ ତିନି ଜଣଙ୍କୁ ମଧ୍ୟ ପଦ୍ମଶ୍ରୀ ପୁରସ୍କାର ପରବର୍ତ୍ତୀ ପର୍ଯ୍ୟାୟରେ ପ୍ରଦାନ କରାଯିବ । ସେମାନେ ହେଲେ କଳା କ୍ଷେତ୍ରରେ ସୀମାଞ୍ଚଳ ପାତ୍ର, ବୁଣାକାର ଶରତ କୁମାର ପାତ୍ର ଏବଂ ସାହିତ୍ୟିକ ଓ ଶିକ୍ଷାବିତ୍ ଚରଣ ହେମ୍ବ୍ରମ । ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଏମାନେ ଏହି ସମ୍ମାନଜନକ ପୁରସ୍କାର ଗ୍ରହଣ କରିବେ ।

### ପିଏମ୍‌ଙ୍କୁ ଭେଟିଲେ ସିଏମ୍ ...

ଓ ପ୍ରମୁଖ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକୁ ଆଗକୁ ନେବା ସମ୍ପର୍କରେ ସକାରାତ୍ମକ ଆଲୋଚନା ହୋଇଛି । ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଆମନ୍ତ୍ରଣ କରିଛନ୍ତି । ଏଥିସହ ରାଜ୍ୟର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ମାର୍ଗଦର୍ଶନ ଓ ସହଯୋଗ ନିମନ୍ତେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଏହି ଭେଟଘାଟ୍ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଶ୍ୱ ପ୍ରସିଦ୍ଧ କଟକର ରୁପା ତାରକସୀରେ ନିର୍ମିତ ବୋଇତ ଉପହାରରେ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ ।

### ଓଡ଼ିଶାରେ ଏକାଠି ...

ଆୟୋଜନ ସ୍ଥଳ ଭାବେ ଚୟନ କରାଯାଇଛି । ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ଚୟନ କରାଯାଇଥିବାର ପ୍ରଚ୍ଛଦରେ ରହିଛି ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ, ସଫଳ ଏବଂ ସୁଦୃଢ଼ ପଦକ୍ଷେପ । ବିଶେଷକରି ବାତ୍ୟା ପରିଚାଳନା, ଗୋଷ୍ଠୀ-ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡ଼ିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି । ଅନ୍ୟପକ୍ଷେ ଭାରତ ଏହି ସମ୍ମିଳନୀର ଆୟୋଜକ ଦେଶ ଭାବେ ଅଧ୍ୟକ୍ଷତା କରିବ । ତେବେ ଏହି ବୈଷୟିକ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବ୍ରିକ୍ସ ସଦସ୍ୟ ଦେଶଗୁଡ଼ିକ (ବ୍ରାଜିଲ, ରୁଷ୍, ଭାରତ, ଚୀନ୍ ଏବଂ ଦକ୍ଷିଣ ଆଫ୍ରିକା ସହିତ ନୂତନ ସଦସ୍ୟ ତଥା ସହଯୋଗୀ ଦେଶ ଯେପରିକି ଇଜିପ୍ଟ, ଇଥିଓପିଆ, ଇରାନ୍, ସାଉଦିଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଆଦି)ଙ୍କ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟର ପୂର୍ବାନୁମାନ, ପରିଚାଳନା ଏବଂ ଏହାର ପ୍ରଭାବକୁ ହ୍ରାସ କରିବା ପାଇଁ ପରସ୍ପର ମଧ୍ୟରେ ସହଯୋଗ ବୃଦ୍ଧି କରିବା । ବିପର୍ଯ୍ୟୟର ସଠିକ ଆକଳନ ପାଇଁ ଅତ୍ୟାଧୁନିକ ଡାଟା ସଂଗ୍ରହ ପ୍ରଣାଳୀ, ସାଟେଲାଇଟ୍ ମ୍ୟାପିଂ ଏବଂ ସ୍ଥାନୀୟ ବିପଦ ଚିହ୍ନଟକରଣ ପଦ୍ଧତିକୁ ପରସ୍ପର ମଧ୍ୟରେ ସେୟାର କରିବା ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରାଯିବ ଯେଉଁଥିରେ ବିପର୍ଯ୍ୟୟ ବିପଦକୁ ବୁଝିବା, ଆଧୁନିକ ପ୍ରାରମ୍ଭିକ ସତର୍କ ସୂଚନା ପ୍ରଣାଳୀକୁ ଗ୍ରହଣ କରିବା, ବିପର୍ଯ୍ୟୟ ଗଭର୍ଣ୍ଣାନ୍ସକୁ ସୁଦୃଢ଼ କରିବା, ବିଲ୍ଡ ବ୍ୟାକ୍ ବେଟର୍, ବିପର୍ଯ୍ୟୟ ବିପଦ ହ୍ରାସ ପାଇଁ ପାଣ୍ଠି ଯୋଗାଣ ଭଳି ଅନେକ ଦିଗ ଉପରେ ମୁଖ୍ୟ ଫୋକସ୍ ରହିବ । ବାତ୍ୟା, ବନ୍ୟା, ଭୂକମ୍ପ ଏବଂ ଗ୍ରୀଷ୍ମ ପ୍ରବାହ ଭଳି ବିପର୍ଯ୍ୟୟର ସଠିକ ପୂର୍ବାନୁମାନ ପାଇଁ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ (ଏଆଇ), ଆଇଓଟି ଏବଂ ଆଧୁନିକ ପାଣିପାଗ ଉପକରଣର ବ୍ୟବହାର ଉପରେ ଗୁରୁତ୍ୱ ଦେବା, ବଡ଼ ଧରଣର ଜରୁରୀକାଳୀନ ପରିସ୍ଥିତି ସମୟରେ ବ୍ରିକ୍ସ ଦେଶଗୁଡ଼ିକ କିପରି ସହଜରେ ପରସ୍ପରକୁ ସାହାଯ୍ୟ କରିପାରିବେ, ସେଥିପାଇଁ ଏକ ସଂସ୍ଥାଗତ ଢାଞ୍ଚା ପ୍ରସ୍ତୁତ କରିବା, ବିପର୍ଯ୍ୟୟ ପରବର୍ତ୍ତୀ ପୁନରୁଦ୍ଧାର କାର୍ଯ୍ୟ ସମୟରେ ଏଭଳି ସ୍ଥାୟୀ ଭିତ୍ତିଭୂମି ନିର୍ମାଣ କରିବା, ଯାହା ଦ୍ୱାରା ଭବିଷ୍ୟତରେ ଆର୍ଥିକ ଏବଂ ଜୀବନହାନିକୁ ସର୍ବନିମ୍ନ କରାଯାଇପାରିବ, ଜଳବାୟୁ ପରିବର୍ତ୍ତନ ସହ ଖାପଖୁଆଇ ଚଳିବା ପାଇଁ ଆର୍ଥିକ ବ୍ୟବସ୍ଥା, ବୀମା ମଡେଲ ଏବଂ ସ୍ୱତନ୍ତ୍ର ପାଣ୍ଠି ଗଠନ ଉପରେ ବିଚାର ବିମର୍ଶ କରିବା ଭଳି ପ୍ରସଙ୍ଗ ଉପରେ ବ୍ୟାପକ ଆଲୋଚନା କରାଯିବା ନେଇ ଆଶା କରାଯାଉଛି । ୧୯୯୯ର ମହାବାତ୍ୟା ଠାରୁ ଆରମ୍ଭ କରି ଫାଇଲିନ୍, ଫନି ଏବଂ ପରବର୍ତ୍ତୀ ସମୟରେ ଆସିଥିବା ଅନେକ ବାତ୍ୟାର ସଫଳ ମୁକାବିଲା କରି ଓଡ଼ିଶା ନିଜର ବିପର୍ଯ୍ୟୟ ପ୍ରସ୍ତୁତିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଛି । ଓଡ଼ିଶାର 'ଜିରୋ କାଜୁଆଲଟି' (ଶୂନ୍ୟ ମୃତ୍ୟୁହାର) ମିଶନକୁ ମିଳିତ ଜାତିସଂଘ (ୟୁଏନ୍) ମଧ୍ୟ ପ୍ରଶଂସା କରିଛି । ତେବେ ଏହି ବୈଠକ ଜରିଆରେ ଭାରତ ନିଜର ଗୋଷ୍ଠୀ-ଚାଳିତ ସ୍ଥାନାନ୍ତରଣ ମଡେଲ, ବାତ୍ୟା ଆଶ୍ରୟସ୍ଥଳୀ ଏବଂ ଓଡ଼ିଶା ବିପର୍ଯ୍ୟୟ ଦ୍ରୁତ କାର୍ଯ୍ୟାନୁଷ୍ଠାନ ବାହିନୀ(ଓଡ୍ରାଫ୍)ର କାର୍ଯ୍ୟଦକ୍ଷତାକୁ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କ ସାମ୍ନାରେ ପ୍ରଦର୍ଶନ କରିବାର ସୁଯୋଗ ପାଇବ । ବୈଷୟିକ ଆଲୋଚନା ବ୍ୟତୀତ, ପୁରୀ ଭଳି ଏକ ପବିତ୍ର ସ୍ଥାନରେ ଏହି ବୈଠକ ହେବା ଦ୍ୱାରା ବ୍ରିକ୍ସ ପ୍ରତିନିଧିମାନେ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ, ଜଗନ୍ନାଥ ସଂସ୍କୃତି ଏବଂ ଉପକୂଳବର୍ତ୍ତୀ ପରିବେଶକୁ ଅତି ନିକଟରୁ ଦେଖିବାର ସୁଯୋଗ ପାଇବେ । ସବୁଠୁ ବଡ଼ କଥା ହେଉଛି, ଏହି ବୈଷୟିକ ଆଲୋଚନାର ନିର୍ଯାସ ଏକ ମିଳିତ କାର୍ଯ୍ୟଯୋଜନା ବା ଏକ ଚିଠା ପ୍ରସ୍ତାବ ଭାବେ ପ୍ରକାଶ ପାଇବାର ସମ୍ଭାବନା ଅଛି, ଯାହାକୁ ଚଳିତ ବର୍ଷ ଶେଷ ଆଡ଼କୁ ହେବାକୁ ଥିବା ମୁଖ୍ୟ ବ୍ରିକ୍ସ ସମ୍ମିଳନୀରେ ଉପସ୍ଥାପନ କରାଯିବ । ଏତଦ୍‌ବ୍ୟତୀତ ବିପର୍ଯ୍ୟୟ ନିରୀକ୍ଷଣ ପାଇଁ ମହାକାଶ ଭିତ୍ତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଚୀନ୍ ଏବଂ ରୁଷ୍ ଭଳି ଦେଶଗୁଡ଼ିକ ସହିତ ଜ୍ଞାନକୌଶଳ ଆଦାନପ୍ରଦାନ କରିବାରେ ଭାରତ ଉପକୃତ ହେବ । ସର୍ବୋପରି ଏଭଳି ଏକ ବଡ଼ ଆନ୍ତର୍ଜାତୀୟ ସମ୍ମିଳନୀ ଦ୍ୱାରା ଓଡ଼ିଶାର ପର୍ଯ୍ୟଟନ ଏବଂ ଆତିଥେୟତା ଶିଳ୍ପକୁ ବଡ଼ ପ୍ରୋତ୍ସାହନ ମିଳିବ ଏବଂ ବଡ଼ ଧରଣର ଗ୍ଲୋବାଲ୍ ସମିଟ୍ ଆୟୋଜନ କରିବାରେ ଓଡ଼ିଶାର ଦକ୍ଷତା ପ୍ରମାଣିତ ହେବ ।

### ବିଜେଡି ଓ ରାଜ୍ୟସଭାରୁ ...

ଆରମ୍ଭ ହୋଇଛି । ପ୍ରଥମେ ୨୦୨୪ ଜୁଲାଇ ୩୧ ତାରିଖରେ ମୟୂରଭଞ୍ଜ ନେତ୍ରୀ ମମତା ମହାନ୍ତ ରାଜ୍ୟସଭା ସାଂସଦ ପଦରୁ ଇସ୍ତଫା ଦେଇ ସେହିବର୍ଷ ଅଗଷ୍ଟ ୧ ତାରିଖରେ ବିଜେପିରେ ସାମିଲ ହୋଇଥିଲେ । ପରେ ସେହି ବର୍ଷ ଅଗଷ୍ଟ ୨୮ ତାରିଖରେ ଅନୁଷ୍ଠିତ ଉପନିର୍ବାଚନରେ ସେ ବିଜେପି ପ୍ରାର୍ଥୀ ଭାବେ ପୁଣିଥରେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ । ମମତା ମହାନ୍ତଙ୍କ ପରେ ସେପ୍ଟେମ୍ବର ୬ ତାରିଖରେ ପଶ୍ଚିମ ଓଡ଼ିଶାର ପ୍ରଭାବଶାଳୀ ନେତା ସୁଜିତ କୁମାର ମଧ୍ୟ ରାଜ୍ୟସଭାରୁ ଇସ୍ତଫା ଦେଇ ବିଜେପିରେ ସାମିଲ ହୋଇଥିଲେ । ତାଙ୍କୁ ବିଜେପି ୨୦୨୪ ଡିସେମ୍ବରରେ ପୁଣିଥରେ ରାଜ୍ୟସଭାକୁ ପଠାଇଥିଲା । ଏପରିକି ୨୦୨୬ ଏପ୍ରିଲରେ ତାଙ୍କର କାର୍ଯ୍ୟକାଳ ଶେଷ ହେବାପରେ ପୁନର୍ବାର ତାଙ୍କୁ ରାଜ୍ୟସଭାକୁ ଦଳ ପଠାଇଛି । ଆଜି ଦେବାଶୀଷ ମଧ୍ୟ ସମାନ ଢଙ୍ଗରେ ବିଜେଡି ଛାଡ଼ିଥିବାବେଳେ ବିଜେପିରେ ସାମିଲ ହେବେ ଚର୍ଚ୍ଚା ହେଉଛି । ଏହି ନେତାମାନଙ୍କ ପଳାୟନ ଯୋଗୁଁ ରାଜ୍ୟସଭାରେ ବିଜେଡିର ସାଂସଦଙ୍କ ସଂଖ୍ୟା ୫ରେ ସୀମିତ ହୋଇଛି ।

### ତେଲ ହେଲା ଆହୁରି ...

ଛୁଇଁଛି । ନୂଆ ତୈଳ ଦର ଲାଗୁ ପରେ ଭୁବନେଶ୍ୱରରେ ପେଟ୍ରୋଲ ଲିଟର ପିଛା ୧୦୮.୭୯ ଟଙ୍କା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୧୦୦.୫୧ ଟଙ୍କା ହୋଇଛି । ସ୍ପିଡ୍ ପେଟ୍ରୋଲ ଡେଇଁଛି ୧୧୮ ଟଙ୍କା । ଆଗାମୀ ମାସେ ଭିତରେ ତେଲ ଲିଟର ପିଛା ଆହୁରି ୧୦ରୁ ୧୨ ଟଙ୍କା ବୃଦ୍ଧି ପାଇବା ନେଇ ଆଶଙ୍କା କରାଯାଉଛି । ମେ' ୧୫ ଲିଟର ପିଛା ମୂଲ୍ୟ ୩ ଟଙ୍କା ବୃଦ୍ଧି କରାଯାଇଥିଲା । ପରେ ମେ' ୧୯ ତାରିଖରେ ୯୦ ପଇସା ବୃଦ୍ଧି କରାଯାଇଥିଲା । ଏହା ପରେ ମେ ୨୩ ତାରିଖରେ ପେଟ୍ରୋଲରେ ୮୭ ପଇସା ଏବଂ ଡିଜେଲ ଦରରେ ୯୧ ପଇସା ବୃଦ୍ଧି କରାଯାଇଥିଲା । ଖୁଚୁରା ଇନ୍ଧନ ମୂଲ୍ୟରେ ଦୀର୍ଘ ସମୟ ଧରି ସ୍ଥିରତା ପରେ ଏବେ ଲଗାତାର ବୃଦ୍ଧି ଘଟିଛି । ବିଶ୍ୱ ବଜାରରେ ଅଶୋଧିତ ତୈଳ ମୂଲ୍ୟ ବୃଦ୍ଧି, ବିଶୋଧନ ମାର୍ଜିନକୁ କଡ଼ାକଡ଼ି କରିବା ଏବଂ ଟଙ୍କା ଦୁର୍ବଳ ହେବା ଫଳରେ ଆମଦାନୀ ଖର୍ଚ୍ଚ ତୀବ୍ର ଭାବରେ ବୃଦ୍ଧି ପାଇଛି ।

## ସକାଳୁଆ ଅଫିସ୍ ପାଲଟିଛି ପ୍ରହସନ

# ବିଡିଓଙ୍କୁ ୩ଘଣ୍ଟା ଅପେକ୍ଷାକରି ବସିରହିଲେ ବୃଦ୍ଧବୃଦ୍ଧା

**ଓଡ଼ଗାଁ,୨୫।୫/ଏନ୍‌ଏନ୍‌ଏସ୍:** ପ୍ରହସନରେ ପରିଣତ ହୋଇଛି ସକାଳୁଆ ଅଫିସ ।ଆଜି ବିଡ଼ିଓଙ୍କ ଅଫିସ ଆଗରେ ଦୁଇଜଣ ବୃଦ୍ଧ ବୃଦ୍ଧା ୩ଘଣ୍ଟା କାଳ ଅପେକ୍ଷାକରି ବସିଥିବା ଦେଖିବାକୁ ମିଳିଛି । ଓଡ଼ଗାଁ ବ୍ଲକ୍ କାର୍ଯ୍ୟାଳୟ ଆଗରେ ଏଭଳି ଦୟନୀୟ ଚିତ୍ର ସାମ୍ନାକୁ ଆସିଛି । ସୂଚନା ଅନୁଯାୟୀ, ଓଡ଼ଗାଁ ବ୍ଲକ୍ ବାଣପୁର ପଞ୍ଚାୟତ ସୁନସୁନିଆ ଗ୍ରାମର ଗଦେଇ ନାୟକଙ୍କ ସ୍ତ୍ରୀ ଚାଇନ ନାୟକଙ୍କୁ ଗତବର୍ଷ ଏକ ଆବାସ ଦିଆଯାଇଥିଲା । ତାଙ୍କୁ ପ୍ରଥମ କିସ୍ତି ବାବଦକୁ ୪୦ ହଜାର ଦେବାପରେ ସେ ଘର ଛାତପଟନ କରି ଦେଲେଣି କିନ୍ତୁ ଦ୍ୱିତୀୟ କିସ୍ତି ବାବଦକୁ ୬୫ ହଜାର ଟଙ୍କା ପାଇନଥିବାରୁ ଆଜି ସ୍ୱାମୀ ସ୍ତ୍ରୀ ଦୁଇଜଣ ବ୍ଲକ୍ କାର୍ଯ୍ୟାଳୟକୁ ଆସିଥିଲେ । ସକାଳୁଆ ଅଫିସ ଥିବାରୁ ବିଡ଼ିଓଙ୍କୁ ଦେଖା କରିବାକୁ ସକାଳ ୭ଟାରୁ ଆସି ଅପେକ୍ଷା କରିଥିଲେ କିନ୍ତୁ ବିଡ଼ିଓଙ୍କ ଦେଖା ମିଳିନଥିଲା । ଶେଷରେ ବିଡ଼ିଓଙ୍କ ଅଫିସ



ଆଗରେ ପଡ଼ିଥିବା ଚେୟାରରେ ଚାଇନ ବସିଥିବାବେଳେ ଗଦେଇ ତଳେ ଶୋଇ ପଡ଼ିଥିଲେ । କେବଳ କାର୍ଯ୍ୟାଳୟକୁ ବିଡ଼ିଓ ଠିକରେ ଆସୁନାହାଁନ୍ତି ତାହାନୁହଁ ଅନେକ କର୍ମଚାରୀ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଦେଖିବାକୁ ମିଳିଛି । ଦୂରଦୂରାନ୍ତରୁ ଆସୁଥିବା ହିତାଧିକାରୀମାନେ ଫେରୁଥିବା ବେଳେ ବ୍ଲକ୍ କର୍ମଚାରୀଙ୍କ ମରୁଡ଼ି ଦେଖାଦେଇଛି । ୨୦ କିଲୋମିଟର ଦୂରରୁ ଆସି ଏହି ବୃଦ୍ଧବୃଦ୍ଧା ବାରମ୍ବାର ଫେରିଥିବା କହିଛନ୍ତି । ୮ମାସ ବିତିବାକୁ ବସିଲାଣି ଦ୍ୱିତୀୟ କିସ୍ତି ମିଳିନଥିବାରୁ ତାଙ୍କ ଉପରେ କରଜବୋଝ ପଡ଼ିଥିବା ସେ କହିଛନ୍ତି । ସେତିକି ନୁହଁ, ବୟସ ଅତିକ୍ରାନ୍ତ କରିଥିବାରୁ ଚାଲିବାକୁ ଦେହରେ ଶକ୍ତି ନଥାଇ ମଧ୍ୟ ସେ ବ୍ଲକରେ ଆସି ପହଞ୍ଚିଥିଲେ । ଏହାପରେ କିଛି ଗଣମାଧ୍ୟମ ପ୍ରତିନିଧି ଓ ଜନପ୍ରତିନିଧିଙ୍କ ସହାୟତାରେ ବୃଦ୍ଧବୃଦ୍ଧା ବଡ଼ବାବୁଙ୍କ ସହ ଦେଖା କରିଥିବା ଜଣାପଡ଼ିଛି ।

## ୩ ପଞ୍ଚାୟତରେ ବିଜେପିର ସାଙ୍ଗଠନିକ ବୈଠକ

**ଚାରିଛକ,୨୫।୫/ଏନ୍‌ଏନ୍‌ଏସ୍:** ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନିର୍ଦ୍ଦେଶକ୍ରମେ ଚାରିଛକ ମଣ୍ଡଳ ଅନ୍ତର୍ଗତ କଳାପାଞ୍ଚଣ, ଭୋଦର ଓ ବାହାରଣା ପଞ୍ଚାୟତର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ଅଧିକ ମଜବୁତ କରିବା ଉଦ୍ଦେଶ୍ୟରେ ଏହି ବୈଠକର ଆୟୋଜନ କରାଯାଇଥିଲା । କଳାପାଞ୍ଚଣ ପଞ୍ଚାୟତର ସଭାପତି ମନୋଜ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବାହାରଣା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ଚାରିଛକ ମଣ୍ଡଳର ପୂର୍ବତନ ସଭାପତି କୃଷ୍ଣଚନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବାହାରଣା ପଞ୍ଚାୟତର ସଭାପତି ବ୍ରଜକିଶୋର ନାୟକ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ମଣ୍ଡଳ ସଭାପତି ପ୍ରଭାତ ନାୟକ, ନିମାପଡ଼ା ବ୍ଲକ ସାଂସଦ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଓ ଯୁବ ନେତା ଜ୍ୟୋତିରଞ୍ଜନ ପାତ୍ର ଅତିଥି ଭାବେ ଯୋଗଦେଇଥିଲେ । ସେହିପରି ଭୋଦର ପଞ୍ଚାୟତ ସଭାପତି କୃଷ୍ଣଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସାଂସଦଙ୍କ ବ୍ଲକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ମଣ୍ଡଳ ସଭାପତି ପ୍ରଭାତ କୁମାର ନାୟକ, କୃଷ୍ଣ ଚନ୍ଦ୍ର ସ୍ୱାଇଁଙ୍କ ସମେତ ଶତାଧିକ କର୍ମୀ ଯୋଗଦେଇଥିଲେ । ଉକ୍ତ ବୈଠକରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା ଏବଂ ସେଗୁଡ଼ିକର ସମାଧାନ ପାଇଁ ରଣନୀତି ପ୍ରସ୍ତୁତ ହୋଇଥିଲା । ଏହା ସହିତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦଳ କିଭଳି ବିପୁଳ ସଫଳତା ହାସଲ କରିବ, ସେ ନେଇ କର୍ମୀମାନଙ୍କୁ ଗୁରୁମନ୍ତ୍ର ଦିଆଯାଇଥିଲା । ବୈଠକରେ ସ୍ଥାନୀୟ ଅଞ୍ଚଳର ଶତାଧିକ ମହିଳା ଓ ପୁରୁଷ ଦଳୀୟ କର୍ମୀ ଯୋଗଦେଇ ଆଗାମୀ ଦିନରେ ସଂଗଠନକୁ ତୃଣମୂଳ ସ୍ତରରୁ ଦୃଢ଼ କରିବା ପାଇଁ ସଂକଳ୍ପ ନେଇଥିଲେ । କର୍ମୀମାନଙ୍କର ଏହି ବିପୁଳ ଉତ୍ସାହ ଆଗାମୀ ନିର୍ବାଚନ ପାଇଁ ଦଳକୁ ଅଧିକ ଶକ୍ତିଶାଳୀ କରିବ ବୋଲି ବୈଠକରେ ମତପ୍ରକାଶ ପାଇଛି ।

## ସରସ୍ୱତୀ କଳାବିକାଶ କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ

**ସାଲେପୁର,୨୫।୫/ଏନ୍‌ଏନ୍‌ଏସ୍:** କଳାସଂସ୍କୃତି ଅସୀମ ଏବଂ ଏହା ସର୍ବତ୍ର ବିଦ୍ୟମାନ । ନୃତ୍ୟ, ସଂଗୀତ, ବାଦ୍ୟ, ଚିତ୍ରକଳା କଳାର ଅଂଶବିଶେଷ ।ବିଶ୍ୱର ଦେବତା କାଳିଆ ସାଆନ୍ତେ ମଧ୍ୟ କଳାପ୍ରିୟ । ପ୍ରାଚୀନ ଯୁଗରେ ରାଜଦରବାରରେ ନୃତ୍ୟ ସଂଗୀତର ସତନ୍ତ୍ର ପରିଚୟ ଥିଲା ବୋଲି ସରସ୍ୱତୀ କଳାବିକାଶ କେନ୍ଦ୍ରର ବାର୍ଷିକ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ । ସାଲେପୁର ବ୍ଲକ୍ ଶିଶୁଆ ପଞ୍ଚାୟତ ପୁରୁଷୋତ୍ତମପୁର ଠାରେ ଥିବା ସରସ୍ୱତୀ କଳାବିକାଶ କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ ଅନୁଷ୍ଠାନର ପ୍ରତିଷ୍ଠାତା ବାପୁନି କୁମାର ରାଉତଙ୍କ ସଂଯୋଜନାରେ ସଭାପତି ଶିକ୍ଷାବିତ୍ ହେମନ୍ତ କୁମାର ଭୂୟାଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାଧାପକ ପବିତ୍ର କୁମାର ମହାନ୍ତି, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ପ୍ରଫୁଲ୍ଲ ମିଶ୍ର, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ହରିହର ମଲ୍ଲିକ, ସାମ୍ବାଦିକ ଶାରଦା ପ୍ରସନ୍ନ ପଣ୍ଡା, ଅନୁଷ୍ଠାନର ଉପଦେଷ୍ଟା ଦେବେନ୍ଦ୍ର କୁମାର ରାଉତ, ଶିକ୍ଷାବିତ୍ ଚନ୍ଦ୍ରଶେଖର ଦାଶ ଯୋଗଦେଇଥିଲେ । ଅନୁଷ୍ଠାନର ଅଧ୍ୟକ୍ଷ କଳ୍ପତରୁ ପାଢ଼ୀ ସାଗତ ଭାଷଣ ପ୍ରଦାନ କରିଥିବା ବେଳେ ସଂପାଦକ ଡ. ଅଶ୍ୱିନୀ କୁମାର ସେନାପତି ସଂପାଦକୀୟ ବିବରଣୀ ପାଠ କରିଥିଲେ । ଉପଦେଷ୍ଟା ମଞ୍ଜୁଶ୍ରୀ ପାଣିଗାହୀ ଧନ୍ୟବାଦ ପ୍ରଦାନ କରିଥିଲେ । ସଭାପାରମ୍ଭରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଂଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ପଞ୍ଚାନନ ପ୍ରହରାଜ, ସ୍ନେହାଞ୍ଜଳି ଭୂୟାଁ, ନରହରି ପୃଷ୍ଟି, ଉମେଶ ଚନ୍ଦ୍ର ସାହୁ, କାହ୍ନୁଚରଣ ସାହୁ, ଆରୋସି ଦାଶ, ଅରୁଣ ପାଣିଗାହୀ ପରିଚାଳନାରେ ସହଯୋଗ କରିଥିଲେ ।

## ସାଗରଗୁଆଁ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାସନ'

**ବୋଲଗଡ଼,୨୫।୫/ଏନ୍‌ଏନ୍‌ଏସ୍:** ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶ ଓ ଜିଲ୍ଲା ପଂଚାୟତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ସାଗରଗୁଆଁ ପଞ୍ଚାୟତରେ 'ପଲ୍ଲୀରେ ପ୍ରଶାଶନ' ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଅର୍ଥ ଅଧିକାରୀ ପ୍ରଶାନ୍ତ କୁମାର ବିଶ୍ୱାଳ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଲୋକମାନଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ଶୁଣି ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।



ସେହିପରି ବୋଲଗଡ଼ ତହସିଲଦାର ବିଜୟ କୁମାର ସେଠୀଙ୍କ ସମେତ ବ୍ଲକର ସମସ୍ତ ବିଭାଗୀୟ ଅଧିକାରୀ ଓ ଅନାନ୍ୟ କର୍ମଚାରୀମାନେ ଉପସ୍ଥିତ ରହି ମିଳିତ ଭାବେ ଲୋକଙ୍କୁ ବିଭାଗୀୟ କାର୍ଯ୍ୟଧାରା, ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଅବଗତ କରାଇଥିଲେ । ସ୍ଥାନୀୟ ସରପଞ୍ଚ ରମାମଣି ଦେଇ, ପଞ୍ଚାୟତ ସମିତି ସଭ୍ୟ ତୋଫାନ ବେହେରା, ପଞ୍ଚାୟତ ନିର୍ବାହୀ ଅଧିକାରୀ ଜ୍ଞାନେନ୍ଦ୍ର ପ୍ରସାଦ ଗୁରୁ ଓ ଏଡିଇଓ ସୁଲତାନ ଅହମଦ ପ୍ରମୁଖ ସହାୟତା ସହ ସମସ୍ତ ଅଭିଯୋଗର ଆଧାରିତକୁ ନେଇ ସମାଧାନରେ ସହଯୋଗ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗୀୟ ଶିବିରରେ ମୋଟ ୧୨୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ତେବେ ତନ୍ମଧ୍ୟରୁ ୫୧ଗୋଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା । ବଳକା ୭୨ଗୋଟିର ତଦନ୍ତ ପରେ ପଦକ୍ଷେପ ନିଆଯିବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା । ବ୍ଲକ ମୁଖ୍ୟ କିରାଣି ଆଲୋକ ଜେନାଙ୍କ ତତ୍ତ୍ୱାବଧାନରେ ସମସ୍ତ ବିଭାଗ କର୍ମଚାରୀମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲେ ଉପଭୋକ୍ତା



**ବୟାଳିଶମୌଜା,୨୫।୫/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ବୟାଳିଶମୌଜା ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ୍ ପ୍ରତିବାଦରେ ରବିବାର ଉପଭୋକ୍ତାମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରିଥିଲେ । ବାରମ୍ବାର ବିଦ୍ୟୁତ୍ କାଟ୍, ବରାଳରେ ନୂତନ ସବଷ୍ଟେସନ ନିର୍ମାଣ କାର୍ଯ୍ୟରେ ମନ୍ଥରତା ନେଇ ସେକ୍ସନ ଅଫିସରଙ୍କୁ ସ୍ମାରକପତ୍ର ଦିଆଯାଇଥିଲା । ବ୍ରହ୍ମପୁର ସରପଞ୍ଚ ରବୀନ୍ଦ୍ର କୁମାର ପ୍ରଧାନ, ଚିନ୍ମୟ ଦେବତା, କାଦମ୍ବିନୀ ଦେବତା, ମାମିନା ଆଚାର୍ଯ୍ୟ, ମମତା ନନ୍ଦ, ସୁଜାତା ମହାନ୍ତି, ପୁନମ ଦାସ, ରଶ୍ମିତା ମହାରଣା, ନରହରି ଗ୍ରାମର ଦେବତା, ଅନିତା ସ୍ୱାଇଁ ଓ ଝିଙ୍କିରିଆ ଉପଭୋକ୍ତାମାନେ ଏହି ଘେରାଉରେ ସାମିଲ ଥିଲେ । ସମସ୍ୟାର ଶୀଘ୍ର ସମାଧାନ କରା ନ ଗଲେ ଅଫିସକୁ ଅଚଳ କରିଦିଆଯିବ ବୋଲି ଆନ୍ଦୋଳନକାରୀମାନେ ଚେତାଇ ଦେଇଛନ୍ତି ।

## ସଙ୍ଗୀତ କଳାରେ ଦୁଇଭାଇଙ୍କ କୃତିତ୍ୱ

**ବୟାଳିଶମୌଜା,୨୫।୫/ଏନ୍‌ଏନ୍‌ଏସ୍:** କଟକଠାରେ ଭରତୀୟ କଳାମନ୍ଦିର ଦ୍ୱାରା ଆୟୋଜିତ ଗୁରୁ ସମ୍ମାନ ଉତ୍ସବରେ କଳା ପ୍ରଦର୍ଶନ ପାଇଁ ବିଭିନ୍ନ ଜିଲ୍ଲାରୁ ପ୍ରାୟ ଶହେରୁ ଉର୍ଦ୍ଧ୍ୱ ପିଲା ଯୋଗ ଦେଇଥିଲେ । ତନ୍ମଧ୍ୟରୁ କଟକ ସଦର ବୟାଳିଶମୌଜା ଶ୍ରୀରାମ ଗ୍ରାମର ଶ୍ରୀଚୈତନ୍ୟ ସଙ୍ଗୀତ କଳାକେନ୍ଦ୍ରର ଛାତ୍ର ଶୁଭମ୍ ଆଚାର୍ଯ୍ୟ ସଙ୍ଗୀତରେ ଭାଗନେଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସତ୍ୟମ୍ ଆଚାର୍ଯ୍ୟ ତବଲା ବାଦନରେ ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ଏହି ଦୁଇ ଭାଇ ପଞ୍ଚମ ଶ୍ରେଣୀରେ ପାଠ ପଢୁଥିବାବେଳେ ତାଙ୍କର କଳା ପ୍ରଦର୍ଶନକୁ ତବଲା ଗୁରୁ ମହାପରମେଜିତେଶ୍ୱର ପଣ୍ଡା ଓ ସଙ୍ଗୀତ ଗୁରୁ ବି. ସୋଭେନ୍ କୁମାର ପ୍ରଶଂସା କରିବା ସହ ଆଗକୁ ଦିନେ ବହୁତ ବଡ଼ କଳାକାର ହେବେ ବୋଲି ଆଶାପ୍ରକଟ କରିଥିଲେ । ଏହି ଗୁରୁ ସମ୍ମାନ ଉତ୍ସବ କଟକ ଟାଉନ ହଲ ଠାରେ ଆୟୋଜିତ ହୋଇଥିଲା । ଏଥିରେ କଟକ ମେୟର ସୁବାସ ସିଂ, କଟକ ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, ସଙ୍ଗୀତଜ୍ଞ ସୁବାଷ ଦାଶଙ୍କ ସହ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।



## ବିଜ୍ଞାନର ମେଧା ଛାତ୍ରୀଙ୍କ ଅଧ୍ୟାପକ ହେବା ଲକ୍ଷ୍ୟ

**ପୁରୀ,୨୫।୫/ଏନ୍‌ଏନ୍‌ଏସ୍:** ଗଣିତ ଓ ବିଜ୍ଞାନର ସଫଳ ଛାତ୍ରୀ ସ୍ୱୟଂସ୍ମିତା ତ୍ରିପାଠୀ ଯେ ମାଟ୍ରିକ ପରୀକ୍ଷାରେ ୯୩ ପ୍ରତିଶତ ରଖି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟରେ ବିଜ୍ଞାନ ଧାରାରେ ଏବର୍ଷ ପରୀକ୍ଷା ଦେଇଥିଲେ । ସେ ୯୫ ପ୍ରତିଶତ ନମ୍ବର ରଖି ପୁରୀ ଜିଲ୍ଲା ପାଇଁ ଆଣିଛନ୍ତି ସୁନାମ । ପୁରୀ ବାସେଳୀ ସାହିର ଗୋପାଳ ଚନ୍ଦ୍ର ତ୍ରିପାଠୀ ଓ ଧରିତ୍ରୀ ତ୍ରିପାଠୀଙ୍କ କନ୍ୟା ତଥା ଗାଳ୍ପିକ ଡକ୍ଟର ବଦ୍ରି ମିଶ୍ରଙ୍କ ଝିଆରୀ କୁମାରୀ ତ୍ରିପାଠୀ, ଅନ୍ୟ ଛାତ୍ରଛାତ୍ରୀମାନଙ୍କ ପରି ଡାକ୍ତର, ବୈଜ୍ଞାନିକ କିମ୍ବା ବିଜ୍ଞାନ ଗବେଷିକା ହେବାର ଇଚ୍ଛା କରିନାହାନ୍ତି । ତାଙ୍କ ଇଚ୍ଛା ସେ ମେଧା ଓ ଉତ୍ତମ ଛାତ୍ରଛାତ୍ରୀ ସୃଷ୍ଟି ପାଇଁ ଅଧ୍ୟାପନାକୁ ନିଜର ବୃତ୍ତି କରିବେ । ବିଶେଷକରି ଅସହାୟ ଓ ଗରିବ ଛାତ୍ରଛାତ୍ରୀଙ୍କୁ ସହଯୋଗ ପାଇଁ ସେ ପ୍ରୟାସ କରିବେ ବୋଲି କହିଥିଲେ ।



### ୨୭ ମେ ବଦଳରେ ...

୨୮ ତାରଖରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମ୍ୟାଜିଷ୍ଟ୍ରେରିଆଲ୍ କୋର୍ଟ (କାର୍ଯ୍ୟନିର୍ବାହୀ) ବନ୍ଦ ରହିବ ଏବଂ ୨୭ ଏପ୍ରିଲ ୨୦୨୬ରେ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟ ତଥା ମ୍ୟାଜିଷ୍ଟ୍ରେରିଆଲ୍ କୋର୍ଟ (କାର୍ଯ୍ୟନିର୍ବାହୀ) ଖୋଲା ରହିବ ।

### ୮ ଯୁବକ ମୃତ ...

ସତାରା ଜିଲ୍ଲାର କୋରେଗାଓଁ ତାଲୁକାର ଅସଗାଓଁ ଗାଁର ବାସିନ୍ଦା ଥିଲେ ଏବଂ କୋଙ୍କଣ ଅଞ୍ଚଳରେ ଛୁଟି କାଟି ସାତାରା ଘରକୁ ଫେରୁଥିଲେ । ମୃତକଙ୍କ ମଧ୍ୟରେ ମହେଶ ଅନିଲ ପାୱାର(୨୫), ଆଦିତ୍ୟ ଅଶୋକ ସାଲୁଙ୍କେ(୨୧), ରିତେଶ ରାଜେନ୍ଦ୍ର ଲୋଖଣ୍ଡେ(୨୫), ସୁହାସ ଜିତେନ୍ଦ୍ର ଲୋଖଣ୍ଡେ(୨୦), ଅନଶ ସମୀର ଚାଭାନ(୧୮), ଉତ୍କଳ ଆନନ୍ଦ ସିଙ୍ଗଟେ(୨୧) ଅନିଲ ଅଭିମାନ୍ୟୁ ସିଙ୍ଗଟେ(୨୫) ଏବଂ ନିତିନ କିସାନ ନାୟକଡେ( ୨୫) । ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ସେମାନେ ସ୍କର୍ପିଓକୁ ଘାଟିରେ ପଡ଼ିଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ । ଚାଳକଙ୍କ କାର ଉପରୁ ନିୟନ୍ତ୍ରଣ ହରାଇବା ପରେ କାରଟି ସିଧା ଘାଟିକୁ ଖସି ପଡ଼ିଥିଲା ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ।

### ଓଇଆର୍‌ସି ଅଧ୍ୟକ୍ଷ ପଦ ...

ଦକ୍ଷତାର ପ୍ରମାଣ ଦେଇଥିଲେ । ମୁଖ୍ୟ ଶାସନ ସଚିବ ପଦରୁ ଅବ୍ୟାହତି ନେବା ପରେ ସରକାର ତାଙ୍କୁ ଓଇଆରସି ଅଧ୍ୟକ୍ଷ ଦାୟିତ୍ୱ ଦେଇଥିଲେ । ୨୦୨୫ ଏପ୍ରିଲ ୮ରୁ ସେ ଓଇଆରସି ଅଧ୍ୟକ୍ଷ ଭାର ସମ୍ଭାଳିଥିଲେ । ତେବେ ହଠାତ୍ ଶ୍ରୀ ଜେନା ଏ ପଦ ଛାଡ଼ିବାକୁ ନେଇ ପାୱାର କରିଡର୍‌ରେ ଚର୍ଚ୍ଚା ଆରମ୍ଭ ହୋଇଛି ।

### ପାଞ୍ଚ ଘଣ୍ଟା ଭିତରେ ...

କରିଛନ୍ତି । ମଙ୍ଗଳାଙ୍କ ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ୨୫ ଚୋଟ ପଡ଼ିଛି । ଏମ୍‌କେ ସିଜିରେ ବ୍ରହ୍ମପୁର ଏସପି ଡ. ସର୍ବଣା ବିବେକ ଏମ୍ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ମଙ୍ଗଳାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ଅଭିଯୁକ୍ତଙ୍କ ସମ୍ପର୍କରେ ବୁଝିଥିଲେ । ଗତକାଲି ରାତିରେ ଅଭିଯୁକ୍ତ ଜଗା ବାଉରୀ ସୁକୁଣ୍ଡାରେ ଥିବା ସୂଚନା ପାଇ ପୁଲିସ ଟିମ ସେଠାରେ ଚଢ଼ଉ କରିଥିଲା । ପୁଲିସକୁ ଦେଖି ବୋମା ଫିଙ୍ଗି ଖସିଯିବାକୁ ଉଦ୍ୟମ କରିଥିଲା ଜଗା । ଆତ୍ମରକ୍ଷା ପାଇଁ ପୁଲିସର ପାଲଟା ଗୁଳି ଚାଳନାରେ ଜଗା ଆହତ ହୋଇଥିଲା । ଜଗାର ଦୁଇ ଆଣ୍ଠୁରେ ଗୁଳି ବାଜିଥିବା ବେଳେ ତାକୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଛି । ଅନ୍ୟପଟେ ଫେରାର ଜଗାର ଭାଇ ବଳିଆକୁ ଧରିବାକୁ ପୁଲିସ୍ ବିଭିନ୍ନ ସ୍ଥାନରେ ଛାନ୍‌ଭିନ୍ ଜାରି ରହିଛି । ଖଣ୍ଡା ଚୋଟରେ ଗୁରୁତର ମଙ୍ଗଳା ବେହେରା ଏବଂ ଆକ୍ରମଣକାରୀ ଜଗା ସାହୁ ବଡ ବଜାର ଥାନା ଅଞ୍ଚଳର ହୋଇଥିବା ବେଳେ ଜୁଆ ଖେଳକୁ ନେଇ ସେମାନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା ବୋଲି ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି । ମଙ୍ଗଳା ଲାଠି ଅଞ୍ଚଳରେ ଜୁଆ ଖେଳ ପକାଉଥିବା ବେଳେ ଜଗା ଓ ବଳିଆ କୁଆଡ଼େ ପୁଲିସ୍‌କୁ ସୂଚନା ଦେଉଥିବା ନେଇ ସେ ସନ୍ଦେହ କରୁଥିଲା । ଏହାକୁ କେନ୍ଦ୍ରକରି ମଙ୍ଗଳା ଅଭିଯୁକ୍ତ ଜଗାର ଘର ଉପରକୁ ବୋମା ମାଡ଼ କରି ଜେଲ୍ ନିକଟରେ ଯାଇଥିଲା । ଗତ କିଛି ଦିନ ହେବ ମଙ୍ଗଳା ବେଲ୍‌ରେ ଆସିଥିବା ବେଳେ ଗତକାଲି ରାତିରେ ତାକୁ ଅଭିଯୁକ୍ତମାନେ ପିଛା କରିଥିଲେ । ଅମ୍ବିକା ନଗର ଅଞ୍ଚଳରେ ଏକ ଫାଷ୍ଟଫୁଡ଼୍ ଦୋକାନ ନିକଟରେ ମଙ୍ଗଳା ଗାଡି ରଖି ଚଉମିନ୍ ଖାଇବାକୁ ଯାଉଥିବା ବେଳେ ଅଭିଯୁକ୍ତ ଜଗା ଓ ବଳିଆ ତାକୁ ଅଟକାଇ କାତିରେ ଚୋଟ ପରେ ଚୋଟ ମାରି ଗୁରୁତର କରି ପକାଇଥିଲେ । ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏନେଇ ମଙ୍ଗଳାଙ୍କ ମାମୁ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି । ଏଏସପି ଆଲୋକ କୁମାର ଜେନା ଓ ଏସଡିପିଓ ପ୍ରିୟସ ଛୋଟରାୟ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ । ମଙ୍ଗଳା ନାମରେ ପୂର୍ବରୁ ୫ଟି ଅପରାଧିକ ମାମଲା ରହିଥିବା ବେଳେ ଜଗା ଏବଂ ତାର ଭାଇ ବଳିଆ ନାମରେ ମଧ୍ୟ ବଡ ବଜାର ଥାନାରେ ଏକାଧିକ ମାମଲା ରହିଥିବା ନେଇ ବ୍ରହ୍ମପୁର ଏସ୍‌ପି ସୂଚନା ଦେଇଛନ୍ତି । ବ୍ରହ୍ମପୁରରେ ଗତ କିଛିଦିନ ମଧ୍ୟରେ ଅପରାଧିକ କାର୍ଯ୍ୟକଳାପ ବଢ଼ିଥିବା ବେଳେ ପୁଲିସ୍ ପାଇଁ ଚିନ୍ତାର କାରଣ ହୋଇଛି । ଅପରାଧ ଦମନ ପାଇଁ ପୁଲିସ୍ ପକ୍ଷରୁ କଡା କାର୍ଯ୍ୟାନୁଷ୍ଠାନ ସ୍ୱରୂପ ପୂର୍ବରୁ ଦୁଇ ଦୁଇଟି ଏନ୍‌କାଉଣ୍ଟର ହୋଇଥିବା ବେଳେ ଆଜି ଏହା ପୁଲିସର ତୃତୀୟ ଏନ୍‌କାଉଣ୍ଟର ।

## ରାମଲୀଳାରେ 'ରାମପର୍ଶୁରାମ ଭେଟ'

**କଣ୍ଟିଲୋ,୨୫।୫/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ମାଧବ ଚୌଧୁରୀ ପାଟଣା ପ୍ରଭୁ ରଘୁନାଥ ଜିଉଙ୍କ ପୀଠରେ ଚାଲିଥିବା ମର୍ଯ୍ୟାଦା ପୁରୁଷୋତ୍ତମ ତଥା ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମାନବୀୟ ଲୀଳାର ଗତକାଲି ରବିବାର ତୃତୀୟ ରାତ୍ରରେ ରାମ ପର୍ଶୁରାମ ଭେଟ ନାଟକ ଅନୁଷ୍ଠାନର ଅଭିଜ୍ଞ କଳାକାର ମାନଙ୍କ ଦ୍ୱାରା ପ୍ରଦର୍ଶନ ହୋଇଯାଇଛି । ଏଥିରେ ଶ୍ରୀରାମ, ଲକ୍ଷ୍ମଣ ଓ ସିତା ଭୂମିକାରେ ଯଥା କ୍ରମେ ଓମ୍ ଦାସ, ଅନୁଜ ଓ ଶ୍ରୀକାନ୍ତ ଅଭିନୟ କରିଥିବା ବେଳେ, ଦଶରଥ, ଜନକ ଓ ବିଶ୍ୱାମିତ୍ର ଭୂମିକାରେ ଯଥାକ୍ରମେ ଚିତ୍ତରଞ୍ଜନ, ବିଶ୍ୱନାଥ ଓ ବିଧାନ ଅଭିନୟ କରିଥିଲେ । ମୁଖ୍ୟ ଆକର୍ଷଣ ପ୍ରଭୁ ପର୍ଶୁରାମ ଭୂମିକାରେ କଳକାହ୍ନୁ ଅଭିନୟ କରିଥିଲାବେଳେ ପ୍ରଭୁଙ୍କୁ ବନ୍ଧାପନା କରିଥିବା ସଖିଗଣ ଭୂମିକାରେ ଦୀପକ୍, ଶୁଭମ୍, ରାହୁଲ ଓ ଆଶୀର୍ବାଦ ଅଭିନୟ କରିଥିଲେ । ସୋମବାର ଚତୁର୍ଥ ରଜନୀରେ ସୀତାଚୋରି ନାଟକ ପ୍ରଦର୍ଶନ ହେବ ବୋଲି ଅନୁଷ୍ଠାନ ତରଫରୁ ସୂଚନା ମିଳିଛି ।

## କିଟ୍ ଓ ଉତ୍କଳ ଚାମ୍ବର ଅଫ୍ କମର୍ସର ମିଳିତ ପ୍ରୟାସ

# ଶିଳ୍ପ ଓ ଶିକ୍ଷା କ୍ଷେତ୍ରର ସମନ୍ୱୟ ନେଇ ଗୋଲ୍‌ଟେବୁଲ ବୈଠକ



**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** କିଟ୍ ବିଶ୍ୱବିଦ୍ୟାଳୟ ଏବଂ 'ଉତ୍କଳ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିମିଟେଡ୍'(ୟୁସିସିଆଇ) ମିଳିତ ଆନୁକୂଲ୍ୟରେ କିଟ୍ ବିଶ୍ୱବିଦ୍ୟାଳୟରେ ଗୋଲଟେବୁଲ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଶିକ୍ଷା ଓ ଶିଳ୍ପ କ୍ଷେତ୍ର ମଧ୍ୟରେ ସହଯୋଗର ସୁଦୃଢ଼ିକରଣ ଶୀର୍ଷକ ବିଷୟବସ୍ତୁ ଉପରେ ଆୟୋଜିତ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଶିଳ୍ପ ପ୍ରତିଷ୍ଠାନ ଏବଂ ଶିକ୍ଷାଦାନ ଶୈଳୀ ମଧ୍ୟରେ ଥିବା ଦୂରତ୍ୱକୁ ହ୍ରାସ କରାଇବା ଦିଗରେ ଏକ ବ୍ୟାପକ ରୋଡମ୍ୟାପ୍ ପ୍ରସ୍ତୁତ କରାଯାଇଛି । ଆଲୋଚନାଚକ୍ରର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିଳ୍ପ-ଶିକ୍ଷା ମଧ୍ୟରେ ଏକ ସୁଦୃଢ଼ ସମନ୍ୱୟ ରକ୍ଷା କରିବା, ଯାହା ଆଗାମୀ ଦିନରେ ଉଭୟ କ୍ଷେତ୍ର ପାଇଁ ନୂତନ ସୁଯୋଗ ସୃଷ୍ଟି କରିବ । ଏହି ବୈଠକରେ ଉଭୟ ଶିକ୍ଷାନୁଷ୍ଠାନ ଓ ଶିଳ୍ପ ସଂସ୍ଥା ମଧ୍ୟରେ ରଣନୈତିକ ସମ୍ପର୍କ ସ୍ଥାପନ, ମିଳିତ ଗବେଷଣା, ନୂତନ ଉଦ୍‌ଭାବନର ସୁଯୋଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏହା ସହିତ ବର୍ତ୍ତମାନର ଷ୍ଟାର୍ଟଅପ୍ ବାତାବରଣକୁ ଅଧିକ କ୍ରିୟାଶୀଳ କରିବା ଏବଂ ଭବିଷ୍ୟତର ଆବଶ୍ୟକତା ଅନୁଯାୟୀ ଛାତ୍ରଛାତ୍ରୀମାନଙ୍କ ଦକ୍ଷତା ବୃଦ୍ଧି ତଥା କାର୍ଯ୍ୟକ୍ଷମ କରି ଗଢ଼ିତୋଳିବା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଥିଲା । ଏହି କାର୍ଯ୍ୟକ୍ରମରେ ୟୁସିସିଆଇ ସଭାପତି ପ୍ରବୋଧ ମହାନ୍ତି, କିଟ୍ ଉପସଭାପତି ଡ ଅଜୟ ପ୍ରଧାନ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ସାୱାଟେକ୍ ଓଡ଼ିଶା ପ୍ରକଳ୍ପ ମୁଖ୍ୟ ଡ ଦେବାଶିଷ ଦେବ, ଇଂ ସୁଶାନ୍ତ ରାଉତରାୟ, କିଟ୍ ମ୍ୟାନେଜମେଣ୍ଟ ସ୍କୁଲ୍ ନିର୍ଦ୍ଦେଶକ ପ୍ରଫେସର କୁମାର ମହାନ୍ତି, କିଟ୍ ଟିବିଆଇ ମୁଖ୍ୟ ପ୍ରଫେସର ନମ୍ରତା ମିଶ୍ର ପ୍ରମୁଖ ଯୋଗଦେଇ ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସମନ୍ୱୟର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।

# ସତର୍କତା ଓ ନିରାପଦ ରେଳ ଚଳାଚଳ ପାଇଁ ୬ କର୍ମଚାରୀ ସମ୍ବର୍ଦ୍ଧିତ

**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ସୁରକ୍ଷିତ ଟ୍ରେନ ପରିଚାଳନା ସୁନିଶ୍ଚିତ କରିବାରେ ଅସାଧାରଣ ସତର୍କତା ଏବଂ ସମର୍ପଣ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଛଅ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି । ସମ୍ବର୍ଦ୍ଧିତ ହୋଇଥିବା କର୍ମଚାରୀମାନେ ହେଲେ ୱାଲଟିୟର୍ ମଣ୍ଡଳ ଗଜପତିନଗରମ୍ ଗ୍ୟାଙ୍ଗ୍ ସଂଖ୍ୟା ୭୧ର ଧାରଣା ରକ୍ଷଣାବେକ୍ଷଣକାରୀ-୧ ବୁର୍ଲେ ସୂର୍ଯ୍ୟନାରାୟଣ, ଖୋର୍ଦ୍ଧା ରୋଡ୍ ମଣ୍ଡଳ କାମାକ୍ଷାନଗରର ଧାରଣା ରକ୍ଷଣାବେକ୍ଷଣକାରୀ-୨ ଅଶୋକ କୁମାର ମହାନ୍ତି, ବାରୁଆର ଧାରଣା ରକ୍ଷଣାବେକ୍ଷଣକାରୀ-୨ ଟି. ସନମୁଖ ରାଓ, ପାରାଦୀପର ମାଲବାହୀ ଗାଡ଼ି ଚାଳକ ରାମ କୁମାର, ଖୋର୍ଦ୍ଧା ରୋଡ୍ ମଣ୍ଡଳର କନିଷ୍ଠ ଯନ୍ତ୍ରୀ ଶେଖ ଆୟାସୁଦ୍ଦିନ୍ ଏବଂ ସମ୍ବଲପୁର ମଣ୍ଡଳ ଟିଟିଲାଗଡ଼ର ବରିଷ୍ଠ ମାଲବାହୀ ଟ୍ରେନ୍ ପରିଚାଳକ ୱାଇ. ଆପ୍ପା ରାଓ । ସେମାନଙ୍କର ସତର୍କତା, ଉପସ୍ଥିତ ବୁଦ୍ଧି ଏବଂ ତୁରନ୍ତ ପଦକ୍ଷେପ ଚଳନ୍ତି ସାମଗ୍ରୀ ଓ ରେଳଧାରଣା ଭିତ୍ତିଭୂମିରେ ଥିବା ଜଟିଳ ତ୍ରୁଟିଗୁଡ଼ିକୁ ଚିହ୍ନଟ କରିବାରେ ସାହାଯ୍ୟ କରିଥିଲା, ଯାହା ସମ୍ଭାବ୍ୟ ଦୁର୍ଘଟଣାକୁ ରୋକିବା ସହ ସୁରକ୍ଷା ପ୍ରତି ଭାରତୀୟ ରେଳବାଇର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି ।



ଗତ ମାର୍ଚ୍ଚ ୧୪ ତାରିଖରେ ବୁର୍ଲେ ସୂର୍ଯ୍ୟନାରାୟଣ ଗରୁଡ଼ବିଲ୍ଲି ଓ ଗଜପତିନଗରମ୍ ମଧ୍ୟରେ ଏକ ମାଲବାହୀ ଟ୍ରେନର ଗୋଟିଏ ଡବାରୁ ଧୂଆଁ ଏବଂ ନିଆଁ ବାହାରୁଥିବା ଦେଖିଥିଲେ ଏବଂ ଏକ ନାଲି ପତାକା ଦେଖାଇ ସହକାରୀ ଗାଡ଼ି ଚାଳକଙ୍କୁ ସତର୍କ କରାଇଥିଲେ, ଯାହା ଏକ ସମ୍ଭାବ୍ୟ ଦୁର୍ଘଟଣାକୁ ଏଡ଼ାଇବାରେ ସାହାଯ୍ୟ କରିଥିଲା । ସେହିପରି ମାର୍ଚ୍ଚ ୨୬ ତାରିଖରେ ଅଶୋକ କୁମାର ମହାନ୍ତି କି-ମ୍ୟାନ୍ ଦାୟିତ୍ୱ ସମୟରେ କମଲାଙ୍ଗ ଓ ବୁଢ଼ାପଙ୍କ ସେକ୍ସନ୍ ମଧ୍ୟରେ ଚକା ଘଷି ହେବା ଯୋଗୁଁ ରେଳ ଧାରଣା ପୋଡ଼ିଯାଇଥିବାର ଚିହ୍ନଟ କରିଥିଲେ ଏବଂ ତୁରନ୍ତ ଟ୍ରାକକୁ ସୁରକ୍ଷିତ କରିଥିଲେ । ମାର୍ଚ୍ଚ ୩୧ ତାରିଖରେ ଟି. ସନମୁଖ ରାଓ କି-ମ୍ୟାନ୍ ଦାୟିତ୍ୱ ସମୟରେ ଏକ ରେଳ ଧାରଣା ଭାଙ୍ଗିଥିବାର ଚିହ୍ନଟ କରିଥିଲେ ଏବଂ ବିପଦ ସଙ୍କେତ ଦେଖାଇ ଆସୁଥିବା ଏକ ଟ୍ରେନକୁ ସୁରକ୍ଷିତ ଭାବରେ ଅଟକାଇଥିଲେ । ଗତ ଏପ୍ରିଲ ୨୧ ତାରିଖରେ ରାମ କୁମାର କଳାଗଡ଼ ଓ ମାର୍ଶାଘାଇ ରୋଡ୍ ସେକ୍ସନ୍ ମଧ୍ୟରେ ଏକ ମାଲବାହୀ ଟ୍ରେନର ଡବାରେ ଅତ୍ୟଧିକ ଗରମ ଅକ୍ଷଦଣ୍ଡ ଚିହ୍ନଟ କରିଥିଲେ, ଯାହା ସମ୍ଭାବ୍ୟ ଲାଇନଚ୍ୟୁତ ହେବାରୁ ରକ୍ଷା କରିବାରେ ସାହାଯ୍ୟ କରିଥିଲା । ଅନ୍ୟପକ୍ଷରେ ଶେଖ ଆୟାସୁଦ୍ଦିନ୍ ସିଗ୍ନାଲ୍ ଘଣ୍ଟି ଯୋଗାଯୋଗ ବିଫଳତା ସମୟରେ ପରିଚାଳନାଗତ ସୁରକ୍ଷା ବୃଦ୍ଧି କରିବା ପାଇଁ ମେମୁ ଗାଡ଼ି ନିମନ୍ତେ ଏକ ସମାନ୍ତରାଳ ଦୃଶ୍ୟମାନ ସଙ୍କେତ ପ୍ରଣାଳୀ ବିକଶିତ କରିଥିଲେ । ସେହିପରି ମାର୍ଚ୍ଚ ୧ ତାରିଖରେ ୱାଇ. ଆପ୍ପା ରାଓ ଭିଲାଇ ପାୱାର୍ ହାଉସ୍‌ଠାରେ ଏକ ମାଲବାହୀ ଟ୍ରେନର ବ୍ରେକ୍ ଭ୍ୟାନ୍ ଟ୍ରଲିରେ ଭଙ୍ଗା କେନ୍ଦ୍ରୀୟ ପିଭୋଟ୍ ପିନ୍ ଚିହ୍ନଟ କରି ନିରାପଦ ଟ୍ରେନ୍ ଚଳାଚଳ ସୁନିଶ୍ଚିତ କରିଥିଲେ । କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ ମହାପ୍ରବନ୍ଧକ ସେମାନଙ୍କର ନିଷ୍ଠା, ସତର୍କତା ଏବଂ କର୍ତ୍ତବ୍ୟ ପ୍ରତି ଥିବା ପ୍ରତିବଦ୍ଧତାକୁ ପ୍ରଶଂସା କରିଥିଲେ । ସେ ଗୁରୁତ୍ୱାରୋପ କରିଥିଲେ ଯେ ଧାରଣା ରକ୍ଷଣାବେକ୍ଷଣକାରୀ, ଟ୍ରେନ୍ ପରିଚାଳକ, ଗାଡ଼ି ଚାଳକ ଏବଂ ଅନ୍ୟାନ୍ୟ ପରିଚାଳନାଗତ କର୍ମଚାରୀଙ୍କ ଭଳି ସମ୍ମୁଖ ଭାଗର କର୍ମଚାରୀମାନେ ରେଳ କାର୍ଯ୍ୟର ସୁରକ୍ଷା ଏବଂ ନିର୍ଭରଯୋଗ୍ୟତା ସୁନିଶ୍ଚିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ପୂର୍ବତଟ ରେଳପଥ ସୁରକ୍ଷା ଏବଂ କାର୍ଯ୍ୟ ଦକ୍ଷତାର ଉତ୍କର୍ଷତା ଏବଂ ଜନସାଧାରଣଙ୍କ ସେବାରେ ରେଳ କର୍ମଚାରୀଙ୍କ ଉତ୍ସର୍ଗୀକୃତ ପ୍ରୟାସକୁ ପ୍ରୋତ୍ସାହିତ କରିବା ପାଇଁ ସଦାସର୍ବଦା ପ୍ରତିବଦ୍ଧ ବୋଲି ସେ ପ୍ରକାଶ କରିଛନ୍ତି ।

## ବିଏଲ୍‌ଓଙ୍କ 'ଏସ୍‌ଆଇଆର୍' ପ୍ରଶିକ୍ଷଣ ଶିବିର

# ୧୨ରୁ ୩ଟା ଫିଲ୍‌ଡ୍ ୱାର୍କ ନ କରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ରାଜ୍ୟର ବିଭିନ୍ନ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୁଥ୍ ସ୍ତରୀୟ ଅଧିକାରୀ(ବିଏଲଓ) ଏବଂ ବିଏଲ୍‌ଓ ସୁପରଭାଇଜରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ରାଜ୍ୟରେ ମେ ୩୦ ରୁ ଆରମ୍ଭ ହେବାକୁ ଥିବା ଏସଆଇଆର କାର୍ଯ୍ୟକ୍ରମରେ ଭୋଟର ତାଲିକାକୁ ଅଧିକ ତ୍ରୁଟିଶୂନ୍ୟ ଓ ବ୍ୟାପକ କରିବା ଲକ୍ଷ୍ୟରେ ଏହି ବିଶେଷ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ମୁଖ୍ୟତଃ କ୍ଷେତ୍ର ସ୍ତରୀୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ଏବଂ ସରକାରୀ ନିୟମାବଳୀର ସଠିକ ଅନୁପାଳନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ସ୍ୱତନ୍ତ୍ର ସଘନ ସଂଶୋଧନ(ଏସଆଇଆର) କାର୍ଯ୍ୟର କିପରି ସଫଳ ରୂପାୟନ କରାଯିବ, ସେ ନେଇ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ବୁଝାଯାଇଥିଲା । ଏସ୍‌ଆଇଆର୍ ସମୟରେ ସମଗ୍ର ସଂଶୋଧନ ପ୍ରକ୍ରିୟାକୁ କିପରି ଅଧିକ ସହଜ, ସ୍ୱଚ୍ଛ ଓ ଶୃଙ୍ଖଳିତ କରାଯାଇପାରିବ, ସେଥିପାଇଁ ବିଏଲ୍‌ଓମାନଙ୍କୁ ମାର୍ଗଦର୍ଶନ ଦିଆଯାଇଛି । ସେହିପରି ରାଜ୍ୟରେ ଜାରି ରହିଥିବା ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି । ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟରେ ନିଯୁକ୍ତ ବୁଥ୍ ସ୍ତରୀୟ ଅଧିକାରୀମାନଙ୍କ ସୁରକ୍ଷା ପାଇଁ ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରି କରାଯାଇଛି । ସକାଳ ୬ ରୁ ଦିନ ୧୧ ଏବଂ ଅପରାହ୍ଣ ୪ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଫିଲଡ଼୍ ୱାର୍କ ଏବଂ ଦିନ ୧୨ଟାରୁ ଅପରାହ୍ଣ ୩ଟା ଯାଏ ଫିଲ୍‌ଡ୍ ୱାର୍କ ନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଅଂଶୁଘାତରୁ ରକ୍ଷା ପାଇବା ପାଇଁ କର୍ତ୍ତବ୍ୟ ସମୟରେ ପ୍ରତ୍ୟେକ ଅଧିକାରୀ ନିଜ ସାଙ୍ଗରେ ୪ଟି ଆବଶ୍ୟକୀୟ ସାମଗ୍ରୀ -ପାଣି ବୋତଲ, ଓଆରଏସ କିମ୍ବା ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍, ଟୋପି କିମ୍ବା ଛତା, ଜରୁରୀକାଳୀନ ଯୋଗାଯୋଗ ପାଇଁ ସକ୍ରିୟ ମୋବାଇଲ୍ ଫୋନ୍ ରଖିବାକୁ ବାଧ୍ୟତାମୂଳକ କରାଯାଇଛି ।

# ଜଳବିଦ୍ୟୁତ୍ ନିଗମ-ଶକ୍ତି ବିଭାଗର ବୁଝାମଣା ସ୍ୱାକ୍ଷର

**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ଓଡ଼ିଶା ଜଳ ବିଦ୍ୟୁତ୍ ନିଗମ (ଓଏଚପିସି) ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଆଜି ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ସହିତ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି, ଯାହା ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ ଏବଂ ସ୍ଥାୟୀ ଶକ୍ତି ବିକାଶରେ ଉତ୍କର୍ଷତା ପ୍ରତି ଏହାର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି । ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପକ୍ଷରୁ ଅତିରିକ୍ତ ସଚିବ ନିବେଦିତା ମିଶ୍ର, ଆଇଏଏସ ଏବଂ ଓଏଚ୍‌ପିସି ପକ୍ଷରୁ ନିର୍ଦ୍ଦେଶକ (ଅର୍ଥ) ପ୍ରଣବ କୁମାର ମହାନ୍ତି ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଓଡ଼ିଶା ସରକାରଙ୍କ ଶକ୍ତି ବିଭାଗ ପ୍ରମୁଖ ସଚିବ ବିଶାଳ କୁମାର ଦେବଙ୍କ ଉପସ୍ଥିତିରେ ସ୍ୱାକ୍ଷର ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶକ୍ତି ବିଭାଗ ପକ୍ଷରୁ ଡକ୍ଟର ଦେବୀ ଦତ୍ତ ତ୍ରିପାଠୀ, ଓଏଫଏସ୍, ଏଫଏ ତଥା ସ୍ୱତନ୍ତ୍ର ସଚିବ, ସାଇଦତ୍ତ ବିପ୍ଳବ କେଶରୀ ପ୍ରଧାନ, ଓଏଏସ (ଏସଏଜି), ଅତିରିକ୍ତ ସଚିବ ଏବଂ ଓଏଚ୍‌ପିସି ପକ୍ଷରୁ ସନ୍ଦୀପ ପଟ୍ଟନାୟକ, ନିର୍ଦ୍ଦେଶକ (ମାନବ ସମ୍ବଳ), ସଂଗ୍ରାମ କେଶରୀ ଦାସ, ବରିଷ୍ଠ ମହାପ୍ରବନ୍ଧକ (ବିଦ୍ୟୁତ), ପି.ଏମ୍. ରାଉତ, ମହାପ୍ରବନ୍ଧକ (ଅର୍ଥ), ଯୋଗେଶ ଚନ୍ଦ୍ର ସାହୁ, ମହାପ୍ରବନ୍ଧକ (ବିଦ୍ୟୁତ), ଲୋକନାଥ ମହାନ୍ତି, ପରିଚାଳକ (ଅର୍ଥ) ଏବଂ ଜ୍ୟୋତିର୍ମୟ ପାଣିଗ୍ରାହୀ, କମ୍ପାନୀ ସଚିବ ଉପସ୍ଥିତ ଥିଲେ । ବୁଝାମଣାପତ୍ରରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଏଚପିସିର କାର୍ଯ୍ୟଦକ୍ଷତା ଲକ୍ଷ୍ୟ ଏବଂ ରଣନୈତିକ ଉଦ୍ଦେଶ୍ୟଗୁଡ଼ିକର ରୂପରେଖା ଦିଆଯାଇଛି ।

# ଉଚ୍ଚସ୍ତରୀୟ କମିଟିର ସଦସ୍ୟଙ୍କୁ ଭେଟିଲେ ମହାନଦୀ ବଞ୍ଚାଓ ଆନ୍ଦୋଳନର କର୍ମକର୍ତ୍ତା

**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ମହାନଦୀ ଜଳ ବିବାଦର ଆପୋଷ ସମାଧାନ ପାଇଁ ଓଡିଶା ସରକାରଙ୍କ ଦ୍ୱାରା ଗଠିତ ଉଚ୍ଚସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଅନ୍ୟାନ୍ୟ ସଦସ୍ୟମାନଙ୍କୁ ଆଜି ମହାନଦୀ ବଞ୍ଚାଓ ଆନ୍ଦୋଳନ ସ୍ମାରକପତ୍ର ଦିଆଯାଇଛି । ଗତ ମେ ମାସ ୨ ତାରିଖରେ ଟ୍ରିବ୍ୟୁନାଲ୍ ନିକଟରେ ମହାନଦୀରେ ଉପଲବ୍ଧ ଜଳରାଶି ସମ୍ପର୍କିତ ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ତାକୁ କମିଟି ସମୀକ୍ଷା କରିବାକୁ ଏହି ସ୍ମାରକପତ୍ରରେ ନିବେଦନ କରାଯାଇଛି । ଆଜି ମହାନଦୀ ବଞ୍ଚାଓ ଆନ୍ଦୋଳନର ପ୍ରତିନିଧି ଦଳ ଉଚ୍ଚ ସ୍ତରୀୟ କମିଟିର ଅଧ୍ୟକ୍ଷ ତଥା ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ବାସଭବନରେ ତାଙ୍କୁ ଭେଟି ଦାବିପତ୍ର ଦେବା ସହିତ ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ଡାଟା ବା ତଥ୍ୟର ଅନୁଧ୍ୟାନ କରିବା ସହିତ ସେହି ଡାଟାକୁ ଗ୍ରହଣ ନକରିବା ପାଇଁ ନିବେଦନ କରିଥିଲେ । ପରେ କମିଟିର ଅନ୍ୟ ସଦସ୍ୟ ଯଥା ମନ୍ତ୍ରୀ ସୁରେଶ ପୂଜାରୀ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମନ୍ତ୍ରୀ ସମ୍ପଦ ସ୍ୱାଇଁ, ସରକାରୀ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବିଧାୟକ ନିରଞ୍ଜନ ପୂଜାରୀ, ବିଧାୟକ ଜୟନାରାୟଣ ମିଶ୍ରଙ୍କ ବାସଭବନକୁ ଯାଇ ସେମାନଙ୍କ ଅନୁପସ୍ଥିତିରେ ଦାବିପତ୍ରକୁ ସେମାନଙ୍କ ଦପ୍ତରରେ ପ୍ରଦାନ କରିଥିଲେ । ବିଧାୟିକା ସୋଫିଆ ଫିର୍ଦ୍ଦୋଷଙ୍କୁ ଇ-ମେଲ୍ ଯୋଗେ ଏହି ଦାବିପତ୍ର ପଠାଯାଇଛି । ପ୍ରକାଶ ଥାଉ କି ଟ୍ରିବ୍ୟୁନାଲ ନିକଟରେ ଦାଖଲ ହୋଇଥିବା ଡାଟାକୁ ମହାନଦୀ ବଞ୍ଚାଓ ଆନ୍ଦୋଳନ ପକ୍ଷରୁ ଚାଲେଞ୍ଜ କରାଯାଇଛି ଏବଂ ଏହି ଡାଟା ବା ତଥ୍ୟ ଓଡ଼ିଶା ପାଇଁ ଆତ୍ମଘାତି ସାବ୍ୟସ୍ତ ହେବବୋଲି ଚେତାବନୀ ଦିଆଯାଇଛି । ମହାନଦୀରେ ବାର୍ଷିକ ହାରାହାରି ଜଳ ରାଶିର ତଥ୍ୟ ଆଢୁଆଳେ ଅଣମୌସୁମୀ ସମୟରେ ଓଡ଼ିଶାର ଦୁର୍ଦ୍ଦଶା ଓ ଜଳ ସଙ୍କଟର ସାଙ୍ଘାତିକ ବାସ୍ତବ ସ୍ଥିତି ଲୁଚି ଯାଇଛି । ହୀରାକୁଦକୁ ଯଥେଷ୍ଟ ପାଣି ଅଣମୌସୁମୀ ସମୟରେ ଆସୁନାହିଁ ବୋଲି ନିଜେ ମୁଖ୍ୟମନ୍ତ୍ରୀ ବିଧାନସଭାରେ ମଧ୍ୟ ସ୍ୱୀକାର କରିଛନ୍ତି । ସେପରି ସ୍ଥଳେ ମେ ୨ ତାରିଖରେ ଟ୍ରିବ୍ୟୁନାଲରେ ଦାଖଲ ହୋଇଥିବା ଡାଟା ବା ତଥ୍ୟ ପ୍ରତିପାଦିତ କରାଏ ଯେ ଓଡ଼ିଶା ପଟେ ମହାନଦୀରେ ପ୍ରଚୁର ପାଣି ରହିଛି ଏବଂ ଛତିଶଗଡ଼ ସହିତ ବିବାଦର କୌଣସି କାରଣ ନାହିଁ । ଏହା ବାସ୍ତବରେ ଛତିଶଗଡ଼ ପାଖରେ ସମର୍ପଣ ବୋଲି ମହାନଦୀ ବଞ୍ଚାଓ ଆନ୍ଦୋଳନର ଆବାହକ ସୁଦର୍ଶନ ଦାସ କହିଛନ୍ତି । କମିଟିର ସଦସ୍ୟମାନଙ୍କୁ ଭେଟିବା କାର୍ଯ୍ୟକ୍ରମରେ ଆବାହକ ସୁଦର୍ଶନ ଦାସଙ୍କ ସମେତ ମନୋଜ ଜେନା, ବାସୁଦେବ ଭଞ୍ଜ, ବିଜୟ ପରିଡ଼ା, ଗିରିଜା ଶଙ୍କର ଦାସ, ପ୍ରସନ୍ନ ବିଶୋଇ ଓ ଅରୁଣ ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଆର୍‌ଏସ୍‌ଏସ୍ ଶିକ୍ଷାବର୍ଗ ସମାରୋପ ଉତ୍ସବ

**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) କାର୍ଯ୍ୟକର୍ତ୍ତାମାନଙ୍କର ଗୁଣବତ୍ତା, ଦକ୍ଷତା ବୃଦ୍ଧି ଓ ସଂଘ କାର୍ଯ୍ୟର ଅଭିବୃଦ୍ଧି ନିମନ୍ତେ ପ୍ରତିବର୍ଷ ଗ୍ରୀଷ୍ମ ଅବକାଶ ସମୟରେ ପ୍ରଶିକ୍ଷଣ ବର୍ଗ ଆୟୋଜନ କରାଯାଇଥାଏ । ଚଳିତ ବର୍ଷ କେଶବ ଧାମ, ଗଡିରାଉତ ପାଟଣା ସ୍ଥିତ ସରସ୍ୱତୀ ବିଦ୍ୟାମନ୍ଦିର ପରିସରରେ ସଂଘର ଏହି ସଂଘଶିକ୍ଷା ବର୍ଗ (ସାମାନ୍ୟ), ଓଡ଼ିଶା ପୂର୍ବର ପ୍ରଶିକ୍ଷଣ ବର୍ଗ ପ୍ରାରମ୍ଭ ହୋଇଥିଲା । ଆଜି ଏହାର ସମାରୋପ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ଓଡ଼ିଶା ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଡକ୍ଟର ମିହିର ଦାସ ସଂଘର ପୂର୍ବକ୍ଷେତ୍ରର କ୍ଷେତ୍ର କାର୍ଯ୍ୟବାହ ଦୁର୍ଗାପ୍ରସାଦ ସାହୁ ମୁଖ୍ୟବକ୍ତା ରୂପେ ଯୋଗ ଦେଇ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, ସଂଘର ଆଦରଣୀୟ ସହ ସରକାର୍ଯ୍ୟବାହ ରାମଦତ୍ତ ଚକ୍ରଧରଜୀ ମଞ୍ଚରେ ଉପସ୍ଥିତ ଥିଲେ । ମୁଖ୍ୟଅତିଥି କହିଥିଲେ ଯେ ବର୍ତ୍ତମାନ ସମୟରେ ସଂଘର ବିଚାର ସବୁଠାରେ ଗ୍ରହଣୀୟ ହୋଇପାରିଛି । ଏହି ମହାଜାଗରଣ କାର୍ଯ୍ୟରେ ଆମେ ସମସ୍ତେ ସହଭାଗୀ ହେବା ଉଚିତ୍ । ଓଡ଼ିଶା ପୂର୍ବ ପ୍ରାନ୍ତର ମୋଟ ୧୯ଟି ଜିଲ୍ଲାର ୧୮୩ଟି ସ୍ଥାନରୁ ୩୦୮ ଜଣ ଶିକ୍ଷାର୍ଥୀ ଏହି ସଂଘ ଶିକ୍ଷା ବର୍ଗରେ ଭାଗ ନେଇଛନ୍ତି । ଏଥିରେ ୨୦୮ଜଣ ବିଦ୍ୟାର୍ଥୀ, ୧୫ ଜଣ ଅଧ୍ୟାପକ ଓ ଶିକ୍ଷକ, ୭୦ ଜଣ ଡାକ୍ତର, ଇଞ୍ଜିନିୟର ତଥା ବିଭିନ୍ନ ବୃତ୍ତିଧାରୀ ସାମିଲ ଅଛନ୍ତି ।

ସେହିପରି ପ୍ରଶିକ୍ଷଣ ପାଇଁ ୨୯ ଜଣ ଶିକ୍ଷକ, ଏବଂ ୫୮ ଜଣ ପ୍ରବନ୍ଧକ ବିଭିନ୍ନ ବ୍ୟବସ୍ଥାରେ ରହିଛନ୍ତି । ବର୍ଗରେ ବିଭିନ୍ନ ସମୟରେ ଡଃ. ଗୋପାଳ ପ୍ରସାଦ ମହାପାତ୍ର, ଜଗଦୀଶ ପ୍ରସାଦ ଖାଡ଼ଙ୍ଗା, ଡ. ଅନୀଲ କୁମାର ମିଶ୍ର, ରବି ନାରାୟଣ ପଣ୍ଡା, ସୁଦର୍ଶନ ଦାସ, ବିପିନ ପ୍ରସାଦ ନନ୍ଦ ସର୍ବାଧିକାରୀ ବିଶ୍ୱମ୍ଭର ପାଣି, କାର୍ଯ୍ୟବାହ ଶରତ ଚନ୍ଦ୍ର ସେନ, ବର୍ଗ ପାଳକ ଅସିତ କୁମାର ସାହୁ, ମୁଖ୍ୟ ଶିକ୍ଷକ ରାଜେଶ ଜେନା ଏବଂ ବୌଦ୍ଧିକ ପ୍ରମୁଖ ସତ୍ୟ ରଞ୍ଜନ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷଣ ଦେବା ସହ ବର୍ଗ ସୁଚାରୁ ରୂପେ ସମ୍ପନ୍ନ କରିଥିଲେ ।

# ଗୁଣନିଧି ମହାପାତ୍ରଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧସଭା



**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱରର ସତେଇଶ ଗାଁ ନା ହଉ କି ଛ ଶହ ସଫେଇ କର୍ମଚାରୀଙ୍କ ନାଁ ହେଉ ସେ ମନେ ରଖିଥିଲେ । ଜଣେ ସଚ୍ଚୋଟ ଓ ନିଷ୍ପାପର ସମାଜସେବୀ ଭାବେ ତାଙ୍କ ଅବଦାନ ମନେରହିବ ବୋଲି ଆଜି ଗୁଣନିଧି ମହାପାତ୍ରଙ୍କ ଚତୁର୍ଦ୍ଦଶ ଶ୍ରାଦ୍ଧସଭାରେ ମତ ପ୍ରକାଶ ପାଇଛି । ରଘୁନାଥ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ମୁଖ୍ୟଅତିଥି, ଓଡ଼ିଶା ଅଲିମ୍ପିକ ଆସୋସିଏସନ୍ ସଭାପତି ସମୀର ମହାନ୍ତି, ମୁଖ୍ୟବକ୍ତା ଓ ସମାଜସେବୀ ପ୍ରତାପ ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଙ୍କ ବ୍ୟକ୍ତିତ୍ୱ ଓ କୃତିତ୍ୱ ଉପରେ ଆଲୋକପାତ କରିଥିଲେ । ତାଙ୍କ ଆତ୍ମଜୀବନୀ ମୂଳକ ପୁସ୍ତକ 'ମୋ କଥା ମୋ ବ୍ୟଥା'ର ଅନେକ ଉଦାହରଣ ଦେଇ ଅତିଥିମାନେ ତାଙ୍କ ସେବା ଓ ସମର୍ପଣ ଭାବର ସୂଚନା ଦେଇଥିଲେ । ଏହି ଅବସରରେ ଡାକ୍ତର ପ୍ରଭାସ ରଞ୍ଜନ ତ୍ରିପାଠୀ ଓ ଡାକ୍ତର ସେବା ମହାପାତ୍ରଙ୍କୁ ଚଳିତ ବର୍ଷର ଗୁଣନିଧି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ପ୍ରାରମ୍ଭରେ ଯୋଗେନ୍ଦ୍ର କୁମାର ନାୟକ ସ୍ୱାଗତ ସଙ୍ଗୀତ, ପଣ୍ଡିତ ବିରଞ୍ଚି ନାରାୟଣ ମିଶ୍ର ଓ ଡାକ୍ତର ଜୀବନ କୃଷ୍ଣ ମିଶ୍ର ବେଦ ପାଠକରିଥିବା ବେଳେ ସମ୍ପାଦକ ଡଃ. ରମେଶ ଚନ୍ଦ୍ର ପାଣି ସ୍ୱାଗତ ସୂଚନା ଓ ଡ ଦେବାଶିଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ବର୍ଦ୍ଧିତ ପ୍ରତିଭା ଉଦ୍ଦେଶ୍ୟରେ ମାନପତ୍ର ପଠନ କରିଥଲେ ଡଃ. ଅରୁଣ କୁମାର ନାୟକ ଓ ତନୟା ଦାସ ଗୋସ୍ୱାମୀ । ପରିଶେଷରେ ଧନ୍ୟବାଦ୍ ଅର୍ପଣ କରିଥିଲେ ନିର୍ମଳ କୁମାର ମହାପାତ୍ର । ଏହି ପୂଜ୍ୟପୂଜା ସମାରୋହରେ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# ୨୯ରୁ ଏବିଭିପିର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ

**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଚଳିତ ବର୍ଷ ଭୁବନେଶ୍ୱରରେ ୨୯ରୁ ୩୧ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟଠାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକରେ ସମଗ୍ର ଦେଶରୁ ୭୦୦ରୁ ଉର୍ଦ୍ଧ୍ୱ ପ୍ରତିନିଧି ଯୋଗ ଦେବାକୁ ଯାଉଛନ୍ତି । ଏଥି ନିମନ୍ତେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଡ .ବିରେନ୍ଦ୍ର ସିଂ ସୋଲାଙ୍କି ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି । ଡ. ସୋଲାଙ୍କି କହିଛନ୍ତି, ଏହି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ପରିଷଦ ବୈଠକ ଲଘୁ ଭାରତର ଦର୍ଶନ କରାଇବ, ଯେଉଁଥିରେ ଭାରତର ସାଂସ୍କୃତିକ ସମାବେଶ ହେବା ସହିତ ରାଷ୍ଟ୍ରର ଶୈକ୍ଷିକ, ସାମାଜିକ ସ୍ଥିତି ବିନ୍ଦୁ ଉପରେ ବିସ୍ତୃତ ଚର୍ଚ୍ଚା ହେବାକୁ ଯାଉଛି । ରାଜ୍ୟ ସମ୍ପାଦକ ସୁଶ୍ରୀ ଦୀପ୍ତିମୟୀ ପ୍ରତିହାରୀ କହିଛନ୍ତି ଯେ ଏହି ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ବୈଠକ ଓଡ଼ିଶାରେ ବିଦ୍ୟାର୍ଥୀ ପରିଷଦ କାର୍ଯ୍ୟର ମାଇଲ ଖୁଣ୍ଟ ସ୍ଥାପନରେ ନୂତନ ଦିଶା ପ୍ରଦାନ କରିବ ।

## ରିଲାଏନ୍ସ ଫାଉଣ୍ଡେସନ୍‌ର ଇଏସ୍‌ଏ ମ୍ୟାଚ୍ ପାଲଟିଲା ଖୁସିର ମଇଦାନ

# ମୁମ୍ବାଇ ଇଣ୍ଡିଆନ୍ସ ମ୍ୟାଚ୍ ଦେଖିଲେ ୧୦୦ ଦୃଷ୍ଟିବାଧିତ

**ମୁମ୍ବାଇ,୨୫ାଂ୫/ଏନ୍‌ଏନ୍‌ଏସ୍:** ରବିବାର ୱାଙ୍ଖେଡେ ଷ୍ଟାଡିୟମରେ କେବଳ କ୍ରିକେଟର ରୋମାଞ୍ଚ ନଥିଲା; ବରଂ ୨୦,୦୦୦ରୁ ଅଧିକ ପିଲାଙ୍କ ସ୍ୱର, ଉତ୍ସାହ ଏବଂ ହସ ସମଗ୍ର ପରିବେଶକୁ ବାସ୍ତବରେ ସ୍ୱତନ୍ତ୍ର କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସର ବାର୍ଷିକ 'ସମସ୍ତଙ୍କ ପାଇଁ ଶିକ୍ଷା ଏବଂ କ୍ରୀଡ଼ା' (ଇଏସଏ) ମ୍ୟାଚରେ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରୁ ଆସିଥିବା ପିଲାମାନେ ସେମାନଙ୍କର ପ୍ରିୟ ଖେଳାଳିମାନଙ୍କୁ ସାମ୍ନାରେ ଖେଳୁଥିବା ଦେଖିଥିଲେ । ଏହି କାର୍ଯ୍ୟକ୍ରମ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ରିଲାଏନ୍ସ ଫାଉଣ୍ଡେସନ ସହଭାଗିତାରେ ଆୟୋଜିତ ହୋଇଥିଲା ।

ପ୍ରଥମ ଥର ପାଇଁ, ୧୦୦ ଦୃଷ୍ଟିବାଧିତ ପିଲା ସେମାନଙ୍କର ହିୟରିଙ୍ଗ ବଡିଜ ସହିତ ମ୍ୟାଚ୍ ଉପଭୋଗ କରିବାକୁ ଆସିଥିଲେ । ଏହା ସହିତ ୨୦୦ରୁ ଅଧିକ ଭିନ୍ନକ୍ଷମ ପିଲା ମଧ୍ୟ ଏହି ସ୍ମରଣୀୟ ଅନୁଭବର ଅଂଶ ହୋଇଥିଲେ ।



ଅଂଶଗ୍ରହଣ କରିଥିବା ପିଲାମାନେ ମୁମ୍ବାଇ

### ୨୦,୦୦୦ ପିଲାଙ୍କ ଜୟଧ୍ୱନିରେ ଗୁଞ୍ଜରିତ ହେଲା ୱାଙ୍ଖେଡ଼େ

ବ୍ୟତୀତ ସତାରା, ନାସିକ୍, ଇଗତପୁରୀ ଏବଂ ଅନ୍ୟାନ୍ୟ ଦୂରଦୂରାନ୍ତ ଅଞ୍ଚଳରୁ ଆସିଥିଲେ । ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷା ନୀତା ଏମ୍. ଅମ୍ବାନୀ କହିଥିଲେ ଯେ ପିଲାମାନଙ୍କର ଆନନ୍ଦ ଏବଂ ଉତ୍ସାହ ଏହି ଦିନଟିକୁ ବାସ୍ତବରେ ସ୍ୱତନ୍ତ୍ର କରିଥାଏ । ଅଧିକ ସୂଚନା ଦେଇ ସେ ଉଲ୍ଲେଖ କରିଥିଲେ ଯେ ଇଏସଏ ପଦକ୍ଷେପ ୧୬ ବର୍ଷ ପୂର୍ବେ ଆରମ୍ଭ ହୋଇଥିଲା ଏବଂ ଅନ୍ତର୍ଭୁକ୍ତିକରଣ ସର୍ବଦା ଏହାର ସବୁଠାରୁ ଅବିଚ୍ଛେଦ୍ୟ ଅଂଶ ହୋଇ ରହିଛି । ଦୃଷ୍ଟିବାଧିତ ପିଲାମାନଙ୍କ ଅଂଶଗ୍ରହଣ ବିଷୟରେ ବିଶେଷ ଭାବରେ ଉଲ୍ଲେଖ କରି ସେ କହିଥିଲେ, 'ମୁଁ ଆଶା କରୁଛି ଯେ ଏହି ପିଲାମାନେ ଏଠାରେ ଥିବା ସମୟର ଅନେକ ସୁନ୍ଦର ସ୍ମୃତିକୁ ନେଇ ଫେରିବେ ।' ଏହି ବଡ଼ କାର୍ଯ୍ୟକ୍ରମକୁ ସୁଗମ କରିବା ପାଇଁ ବ୍ୟାପକ ପ୍ରସ୍ତୁତି କରାଯାଇଥିଲା । ପିଲାମାନଙ୍କୁ ନେବା ଆଣିବା କରିବା ପାଇଁ ୫୫୦ ରୁ ଅଧିକ ବେଷ୍ଟ ବସ୍ ନିୟୋଜିତ କରାଯାଇଥିଲା । ପ୍ରାୟ ୨,୪୦୦ ସ୍ୱେଚ୍ଛାସେବୀ, ୧୦୦ ରୁ ଅଧିକ ସ୍ୱାସ୍ଥ୍ୟକର୍ମୀ, ୯୨,୦୦୦ ଖାଦ୍ୟ ପ୍ୟାକେଟ ଏବଂ ଏକ ବଡ଼ ଗ୍ରାଉଣ୍ଡ ଟିମ ଲଜିଷ୍ଟିକ୍ସ ଏବଂ ବ୍ୟବସ୍ଥା ପରିଚାଳନା ପାଇଁ ଦିନସାରା ଅକ୍ଳାନ୍ତ ପରିଶ୍ରମ କରିଥିଲେ । ମୁମ୍ବାଇ ପୁଲିସ ପକ୍ଷରୁ ସୁଗମ କାର୍ଯ୍ୟ ଏବଂ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ୧,୦୦୦ ରୁ ଅଧିକ ପୁଲିସ ଏବଂ ଟ୍ରାଫିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିଲା । କ୍ରୀଡା କେବଳ ଖେଳ ପଡ଼ିଆରେ ସୀମିତ ନ ରହି ବରଂ ପିଲାମାନଙ୍କ ପାଇଁ ଶିକ୍ଷା, ପ୍ରେରଣା ଏବଂ ନୂତନ ସୁଯୋଗର ଏକ ମାଧ୍ୟମ ଭାବରେ କାର୍ଯ୍ୟ କରିବା ଉଚିତ ବୋଲି ଭାବନା ସହିତ ଇଏସଏ ପଦକ୍ଷେପ ଆରମ୍ଭ କରାଯାଇଥିଲା । ଏହି ପଦକ୍ଷେପ ଅଧୀନରେ, ବିଭିନ୍ନ ସାମାଜିକ ତଥା ଆର୍ଥିକ ପୃଷ୍ଠଭୂମିର ପିଲାମାନଙ୍କୁ କ୍ରୀଡାର ବ୍ୟାପକ ପ୍ଲାଟଫର୍ମ ସହିତ ଯୋଡ଼ିବା ଏବଂ ସେମାନଙ୍କୁ ପ୍ରେରଣା ଦେବା ପାଇଁ ପ୍ରୟାସ କରାଯାଉଛି । ବିଗତ ୧୬ ବର୍ଷ ମଧ୍ୟରେ, କ୍ରୀଡା ଏବଂ ଶିକ୍ଷା କ୍ଷେତ୍ରରେ ରିଲାଏନ୍ସ ଫାଉଣ୍ଡେସନର ପଦକ୍ଷେପଗୁଡ଼ିକ ସାରା ଦେଶରେ ୨ କୋଟି ୯୦ ଲକ୍ଷରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚିଛି ।

# ସିଏସ୍‌ଟିଟି-କିଟ୍ ମିଳିତ ବିଶେଷଜ୍ଞ ପରାମର୍ଶଦାତା କମିଟି କର୍ମଶାଳା ଉଦ୍‌ଯାପିତ



**ଭୁବନେଶ୍ୱର,୨୫ାଂ୫/ଏନ୍‌ଏନ୍‌ଏସ୍:** ଜାତୀୟ ଶିକ୍ଷା ନୀତି ୨୦୨୦ର ଲକ୍ଷ୍ୟ ଅନୁଯାୟୀ ଭାରତୀୟ ଭାଷାରେ ବୈଷୟିକ ଓ ଉଚ୍ଚଶିକ୍ଷାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ବୈଜ୍ଞାନିକ ଏବଂ ବୈଷୟିକ ଶବ୍ଦାବଳୀ ଆୟୋଗ (ସିଏସଟିଟି) ଓ କିଟ୍ ବିଶ୍ୱବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ ବିଶେଷଜ୍ଞ ପରାମର୍ଶଦାତା କମିଟି କର୍ମଶାଳା ସଫଳତାର ସହ ସମାପ୍ତ ହୋଇଛି । ୧୮ରୁ ୨୨ ମେ ପର୍ଯ୍ୟନ୍ତ ଆୟୋଜିତ ଏହି କର୍ମଶାଳାରେ 'ଇଲେକ୍ଟ୍ରୋନିକ୍ସ' ଏବଂ 'ରାଜନୀତି ବିଜ୍ଞାନ' ବିଷୟର ଇଂରାଜୀ-ହିନ୍ଦୀ-ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିରେ ଇଲେକ୍ଟ୍ରୋନିକ୍ସର ୨,୮୩୩ଟି ଏବଂ ରାଜନୀତି ବିଜ୍ଞାନର ପ୍ରାୟ ୩,୮୦୦ଟି ଓଡ଼ିଆ ବୈଷୟିକ ଶବ୍ଦ ଚୂଡ଼ାନ୍ତ କରାଯାଇଛି । ବିଶେଷଜ୍ଞମାନଙ୍କ ଅନୁସାରେ, ଏହି ଶବ୍ଦାବଳୀ ପାଠ୍ୟପୁସ୍ତକ, ଅନୁବାଦ, ଇ-କଣ୍ଟେଣ୍ଟ ଏବଂ ଡିଜିଟାଲ ଶିକ୍ଷା ସମ୍ପଦ ପ୍ରସ୍ତୁତିରେ ଉପଯୋଗୀ ହେବ । ବକ୍ତାମାନେ କହିଥିଲେ, ମାତୃଭାଷା ଆଧାରିତ ଶିକ୍ଷା ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ, ନବୀନତା ଓ ଗବେଷଣା କ୍ଷମତା ବୃଦ୍ଧିରେ ସହାୟକ ହେବ । ଏହି ପ୍ରୟାସକୁ ବୈଷୟିକ ଶିକ୍ଷାର ପ୍ରସାର ପାଇଁ ଏକ ମାଇଲଷ୍ଟୋନ୍ ବୋଲି କୁହାଯାଇଛି । କାର୍ଯ୍ୟକ୍ରମରେ ସନ୍ତୋଷ ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ ନୂତନ ଶିକ୍ଷାନୀତିରେ ଇଂରାଜୀ-ହିନ୍ଦୀ-ଓଡ଼ିଆ ଶବ୍ଦକୋଷ ପ୍ରସ୍ତୁତି ଆବଶ୍ୟକ ଥିଲା । ଏହା ଫଳପ୍ରଦ ହେବ ବୋଲି ଶ୍ରୀ ସାମନ୍ତ ଆଶା ବ୍ୟକ୍ତ କରିଛନ୍ତି ।

## ଶ୍ରୀମଦ୍ ଭଗବଦ୍‌ଗୀତା



ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ।
ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ। (୧୮/୩)
ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ।
ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସମ୍ପ୍ରକୀର୍ତ୍ତିତଃ।(୧୮/୪)
ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍।
ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍। (୧୮/୫)

କେତେକ ପଣ୍ଡିତଙ୍କ ମତରେ କର୍ମ ମାତ୍ରକେ ଦୋଷଯୁକ୍ତ, ତେଣୁ ଏହା ତ୍ୟାଜ୍ୟ। ଆଉ କେତେକ ପଣ୍ଡିତ କହନ୍ତି ଯେ ଯଜ୍ଞ, ଦାନ, ତପସ୍ୟା ରୂପକ କର୍ମ ତ୍ୟାଜ୍ୟ ନୁହେଁ।
ହେ ଭରତକୁଳ ଶ୍ରେଷ୍ଠ! ତ୍ୟାଗ ବିଷୟରେ ମୋର ସିଦ୍ଧାନ୍ତ ଶୁଣ। ତ୍ୟାଗ ତିନି ପ୍ରକାର ବୋଲି କୁହାଯାଏ। ଯଜ୍ଞ, ଦାନ, ତପସ୍ୟା ଆଦି କର୍ମ ତ୍ୟାଜ୍ୟ ନୁହେଁ। ଏସବୁ କରିବା ହିଁ କର୍ତ୍ତବ୍ୟ। କାରଣ ଯଜ୍ଞ, ଦାନ, ତପସ୍ୟା ବିଦ୍ୱାନ ଲୋକଙ୍କର ଚିତ୍ତ ଶୁଦ୍ଧି କରେ।

## ଆଜିର ଇତିହାସ

- ୧୯୫୭-ମୁମ୍ବାଇରେ ଜନତା ବୀମା ପଲିସିର ଆରମ୍ଭ ହୋଇଥିଲା।
- ୧୯୯୯-ଇସ୍ରୋ, ଭାରତ, ଜର୍ମାନୀ ଓ ଦକ୍ଷିଣ କୋରିଆର ତିନୋଟି ଉପଗ୍ରହକୁ ସଫଳତାପୂର୍ବକ ଅନ୍ତରୀକ୍ଷର କକ୍ଷରେ ସ୍ଥାପିତ କରିଥିଲା।
- ୧୯୯୯-ସୌରଭ ଗାଙ୍ଗୁଲୀ ଓ ରାହୁଲ୍ ଦ୍ରାବିଡ଼ ଏକ ଦିବସୀୟ ଅନ୍ତଃରାଷ୍ଟ୍ରୀୟ କ୍ରିକେଟ୍ ମ୍ୟାଚ୍‌ରେ ୩୧୮ ରନ୍‌ର ଭାଗୀଦାରୀ କରି ବିଶ୍ୱ ରେକର୍ଡ କରିଥିଲେ।
- ୨୦୧୪-ନରେନ୍ଦ୍ର ମୋଦୀ ଦେଶର ୧୫ ତମ ପ୍ରଧାନମନ୍ତ୍ରୀ ଭାବରେ ଶପଥ ହେଲେ।
  ୨୦୦୭-ଭାରତ ଓ ଜର୍ମାନୀ ମଧ୍ୟରେ ରକ୍ଷା ବୁଝାମଣା ସମ୍ପନ୍ନ ହୋଇଥିଲା।

## ଆଜିର ରାଶିଫଳ




ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ,
ମୋ: ୯୭୭୭୨୫୨୨୪୦


**ମେଷ** - ଦିନଟିରେ କାମକୁ ନେଇ ଆଗକୁ ବଢ଼ିବେ। କୌଣସି ଧାର୍ମିକ ଆୟୋଜନରେ ସମ୍ମିଳିତ ହେବେ। ପରୋପକାର କାମରେ ରୁଚି ରହିବ। କିଛି ସମସ୍ୟା ପିତାଙ୍କ ଜରିଆରେ ଦୂର ହେବ।

**ବୃଷ** - କୌଣସି ବିପରୀତ ପରିସ୍ଥିତିରେ ଧୈର୍ଯ୍ୟ ଧରିବେ। ସନ୍ତାନ ତରଫରୁ ଭୁଲ୍ ହୋଇପାରେ। ସାଥୀଙ୍କୁ ପରିବାର ସହିତ ସାକ୍ଷାତ କରେଇବେ। ବ୍ୟବସାୟ କାମରେ ଧୋକା ମିଳିପାରେ।

**ମିଥୁନ** - ବସ୍‌ଙ୍କ ସହିତ ତର୍କ ନକଲେ ଭଲ। ପ୍ରମୋସନ ଉପରେ ପ୍ରଭାବ ପଡ଼ିପାରେ। କାର୍ଯ୍ୟରତ ଲୋକମାନେ ପ୍ରଶଂସିତ ହୁଅନ୍ତି। ଏକ ଭଲ ପଦ ପ୍ରାପ୍ତ ହୋଇପାରେ। ନୂଆ ଘର କିମ୍ବା ଦୋକାନ କିଣିପାରନ୍ତି।

**କର୍କଟ** - ଦିନଟି ସମସ୍ୟାରେ ଭରି ରହିବ। ସନ୍ତାନର କ୍ୟାରିୟର୍‌ରେ ଆସୁଥିବା ସମସ୍ୟାକୁ ନେଇ ମହତ୍ତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରନ୍ତି। ବିପରୀତ ପରିସ୍ଥିତିରେ ଧୈର୍ଯ୍ୟ ରଖନ୍ତୁ। ଅଟକିଥିବା ଅର୍ଥ ମିଳିଯିବ।

**ସିଂହ** - ଜୀବନଶୈଳୀର କୌଣସି ଅଭ୍ୟାସକୁ ନେଇ ଚିନ୍ତିତ ରହିବେ। ଲଢ଼େଇର କାରଣ ହୋଇପାରନ୍ତି। ଭାଇ-ଭଉଣୀଙ୍କ ସହଯୋଗ ପାଇବେ। ଯୋଗ ବ୍ୟାୟାମକୁ ଦିନଚର୍ଯ୍ୟାରେ ସାମିଲ କରନ୍ତୁ।

**କନ୍ୟା** - ଦିନଟି ସକାରାତ୍ମକ ପରିଣାମ ନେଇ ଆସିବ। ଉନ୍ନତ ଚିନ୍ତାଧାରାରୁ ଲାଭ ଉଠାଇବେ। ଚିନ୍ତାକୁ ଦୂରରେ ରଖନ୍ତୁ। ଲମ୍ବା ଦୂର ଯାତ୍ରା ସମ୍ଭବ। ମାତା-ପିତାଙ୍କ ସେବା ପାଇଁ ସମୟ ବାହାର କରନ୍ତୁ।

**ତୁଳା** - ନେଣଦେଣ ମାମଲାରେ ସାବଧାନ ରହିବେ। ଧାର୍ ନଦେଲେ ଭଲ। ସନ୍ତାନର ଫରମାଇସ୍ ପୂରା କରିବେ। ରାଜନୀତି କାମରେ ଥିବା ଲୋକମାନେ କିଛି ସମସ୍ୟାର ସମାଧାନ କରିବେ। ପ୍ରତିଷ୍ଠା ବୃଦ୍ଧି ହେବ।

**ବିଛା** - ସନ୍ତାନ ତରଫରୁ ନିରାଶାଜନକ ସୂଚନା ମିଳିପାରେ। କାର୍ଯ୍ୟକ୍ଷେତ୍ରରେ ଭୁଲ୍ ନକଲେ ଭଲ। ପ୍ରମୋଶନ ଉପରେ ପ୍ରଭାବ ପଡ଼ିପାରେ। ଶତ୍ରୁମାନଙ୍କ ଠାରୁ ସାବଧାନ ରୁହନ୍ତୁ। କ୍ୟାରିୟର୍ କ୍ଷେତ୍ରରେ ଶୀଘ୍ର ନିର୍ଣ୍ଣୟ ନିଅନ୍ତୁ ନାହିଁ।

**ଧନୁ** - କୌଣସି ନିଷ୍ପତ୍ତି ଶୀଘ୍ର ନିଅନ୍ତୁ ନାହିଁ। କ୍ଷତି ହୋଇପାରେ। କାର୍ଯ୍ୟକ୍ଷେତ୍ରରେ ପରାମର୍ଶ ଦେଇପାରନ୍ତି। କାମରେ ସମସ୍ୟା ହୋଇପାରେ। ବିଦେଶ ଯିବାର ଯୋଜନା କରିପାରନ୍ତି। ପାଠପଢ଼ାରେ ମନ ଲାଗିବ।

**ମକର** - ଆୟ ଓ ବ୍ୟୟରେ ଚାଲୁଥିବା ସମସ୍ୟାକୁ ନେଇ ଚିନ୍ତିତ ରହିବେ। କାମରେ ମନ ଲାଗିବ ନାହିଁ। ମନ ଅଶାନ୍ତ ରହିବ। ଦୈନିକ କାମ ସହଜରେ ହେବ। ବିରୋଧୀଙ୍କୁ ସାବଧାନ ରହିବେ।

**କୁମ୍ଭ** - ପ୍ରମୋଶନର ନୂଆ ନୂଆ ମାର୍ଗ ଖୋଲିବ। କୌଣସି ବାହନ କିଣିପାରନ୍ତି। ଆଇଡିଆ ମିଳିଲେ ବ୍ୟବସାୟରେ ଲଗାନ୍ତୁ। ମିତ୍ରଙ୍କ ସହିତ ମଉଜମସ୍ତି କରିବେ। ଲଢ଼େଇ ଝଗଡ଼ାରେ ନ ପଡ଼ିଲେ ଭଲ।

**ମୀନ** - ଦିନଟି ଖୁସିରେ ଭରି ରହିବ। ସନ୍ତାନକୁ ଖୁବ୍ ଭଲ ଚାକିରି ମିଳିପାରେ। କ୍ୟାରିୟର୍‌ର ଶିଖରକୁ ପହଞ୍ଚି ପାରନ୍ତି। ମନରେ ଅହଂକାର ନରଖିଲେ ଭଲ। ମାତାଙ୍କୁ କୌଣସି ଜିନିଷ ମାଗିପାରନ୍ତି।

# ହିଟ୍ ଷ୍ଟ୍ରୋକ୍ କେତେ ବିପଜ୍ଜନକ



ଗରମ ଦିନେ ତାପମାତ୍ରା ୪୫ ଡିଗ୍ରୀରୁ ଅଧିକ ପର୍ଯ୍ୟନ୍ତ ପହଞ୍ଚିଗଲେ ଲୋକମାନେ ଭୟଭୀତ ହୋଇଯାଉଛନ୍ତି। ବୈଜ୍ଞାନିକ ଅଧ୍ୟୟନ କହୁଛି ଯେ ମାନବ ଶରୀରର ଗରମ ସହ୍ୟ କରିବାର କ୍ଷମତା ବହୁତ ସୀମିତ। ଏହାଠାରୁ ଅଧିକ ହେଲେ ଶରୀରର ତାପମାନ ନିୟନ୍ତ୍ରଣର ସିଷ୍ଟମ୍ ଫେଲ୍ ହେବା ଆରମ୍ଭ ହୁଏ ଯାହା ଦ୍ୱାରା ହିଟ୍ ଷ୍ଟ୍ରୋକ୍ ହୁଏ ଓ ମୃତ୍ୟୁର ସମ୍ଭାବନା ବୃଦ୍ଧି ପାଏ। ମାନବ ଶରୀରର ସାମାନ୍ୟ କୋର୍ ଟେମ୍ପରେଚର୍ ଅର୍ଥାତ ଆଭ୍ୟନ୍ତରୀଣ ତାପମାତ୍ରା ପାଖାପାଖି ୩୭ ଡିଗ୍ରୀ ସେଲସିୟସ୍ ଥାଏ। ଶରୀର ଝାଳ, ନିଃଶ୍ୱାସ-ପ୍ରଶ୍ୱାସ ଓ ରକ୍ତ ସଂଚାର ଜରିଆରେ ନିଜକୁ ଥଣ୍ଡା କରି ରଖେ। ବୈଜ୍ଞାନିକ ଅଧ୍ୟୟନ ଅନୁସାରେ ୱେଟ୍ ବଲ୍‌ବ ଟେମ୍ପରେଚର୍ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ମାପ ଅଟେ। ଏହା ତାପମାନ ଓ ଆର୍ଦ୍ରତା ଦୁଇଟି ସାରାକୁ ଧ୍ୟାନରେ ରଖିଥାଏ। ପୁରୁଣା ଅଧ୍ୟୟନ (୨୦୧୦) ଅନୁସାରେ ୩୫ ଡିଗ୍ରୀ ସେଲସିୟସ୍ ୱେଟ୍ ବଲ୍‌ବ ଟେମ୍ପରେଚର୍‌ରେ ଛଅ ଘଣ୍ଟା ପର୍ଯ୍ୟନ୍ତ ରହିବା ପରେ ଶରୀର ନିଜକୁ ଥଣ୍ଡା ରଖିପାରେ ନାହିଁ। ତେବେ ନିକଟରେ ହୋଇଥିବା ଅଧ୍ୟୟନ (୨୦୨୨-୨୫) କହୁଛି ଯେ ବାସ୍ତବିକ ସୀମା ଏହାଠାରୁ କମ୍ ବି ରହିଥାଏ। ସୁସ୍ଥ ଯୁବପିଢ଼ିଙ୍କ ପାଇଁ ୩୦-୩୧ ଡିଗ୍ରୀ ସେଲସିୟସ୍ ୱେଟ୍ ବଲ୍‌ବ ଟେମ୍ପରେଚର୍‌ରେ ହିଁ ଶରୀର ଥଣ୍ଡା ରହେ ନାହିଁ। ଶୁଷ୍କ ଗରମରେ ଏହି ସୀମା ଆହୁରି କମ୍ (୨୫-୨୮ ଡିଗ୍ରୀ ସେଲସିୟସ୍) ହୋଇପାରେ। ଯେତେବେଳେ ତାପମାତ୍ରା ୪୫ ଡିଗ୍ରୀ ସେଲ୍‌ସିୟସ୍‌କୁ ଅତିକ୍ରମ କରିଯାଏ ଖାସ୍‌କରି ଉଷ୍ମତାର



ସହିତ ଶରୀର ଉପରେ ଅଧିକ ଚାପ ସୃଷ୍ଟି ହୁଏ। ଏହା ପ୍ରଭାବରୁ ଅଧିକ ଝାଳ ବାହାରେ, ହୃଦୟ ଗତି ଦ୍ରୁତତର ହୋଇଯାଏ, କ୍ଳାନ୍ତ ଲାଗେ, ମୁଣ୍ଡ ବୁଲାଏ, ମୁଣ୍ଡବିନ୍ଧା ଓ ମାଂସପେଶୀଗୁଡ଼ିକ ଟାଇଟ୍ ହେବା ଆରମ୍ଭ ହୋଇଯାଏ। ଶରୀରର କୋର୍ ଟେମ୍ପରେଚର୍ ୪୦ ଡିଗ୍ରୀ ସେଲସିୟସ୍ ଠାରୁ ଅଧିକ ହେଲେ ହିଟ୍ ଷ୍ଟ୍ରୋକ୍ ହୁଏ।

ଏହାର ଲକ୍ଷଣଗୁଡ଼ିକ ହେଲା- ପ୍ରବଳ ଜ୍ୱର ଆସିବା, ବାନ୍ତି ହେବା, ଭ୍ରମର ସ୍ଥିତି ହେବା, ବେହୋସୀ, ଝାଳ ବୋହିବା ବନ୍ଦ ହୋଇଯିବା ଓ ଆଟାକ୍ ହେବା। ଯଦି ଆର୍ଦ୍ରତା ଅଧିକ ଥିବ ତେବେ ଶରୀର ଥଣ୍ଡା ହେବା ବନ୍ଦ ହେଇଯାଏ, ରକ୍ତ ଗାଢ଼ ହୋଇଯାଏ। କିଡ୍‌ନୀ ଓ ହୃଦୟ ଉପରେ ଚାପ ବୃଦ୍ଧିପାଏ। ମସ୍ତିଷ୍କର କ୍ଷତି ହୁଏ।

# ଏକ ଖାସ୍ ବିମାନ ବନ୍ଦର

ଭାରତ ଦ୍ରୁତଗତିରେ ବିକାଶ ଆଡ଼କୁ ଆଗଉଛି। ଏହି ବିକାଶ ମଧ୍ୟରେ ରହିଛି ବିମାନ ବନ୍ଦରଗୁଡ଼ିକର ନିର୍ମାଣ। ପୂର୍ବରୁ ବଡ଼ ବଡ଼ ସହରଗୁଡ଼ିକ ପର୍ଯ୍ୟନ୍ତ ଉଡ଼ାଣସେବା ସୀମିତ ଥିବାବେଳେ ଛୋଟ ସହରଗୁଡ଼ିକରେ ବର୍ତ୍ତମାନ ନିର୍ମାଣ କରାଯାଉଛି ବିମାନ ବନ୍ଦର। ସରକାରଙ୍କ ଉଡ଼ାଣ ଯୋଜନା ଓ ଆଧୁନିକ ଟେକ୍‌ନିକ୍ ସାହାଯ୍ୟରେ ଦେଶର ଏଭିଏସନ୍ ସେକ୍ଟର ଦିନ-ପ୍ରତିଦିନ ମଜଭୁତ ହେଉଛି। ଆଜି ପୂରା ଦୁନିଆରେ ସବୁଠାରୁ ଦ୍ରୁତଗତିରେ ବୃଦ୍ଧି ପାଉଥିବା ଏଭିଏସନ୍ ବଜାର ମଧ୍ୟରୁ ଆମ ଦେଶ ଅନ୍ୟତମ ହୋଇପାରିଛି। ଆମ ଦେଶରେ



ଏୟାରପୋର୍ଟ ଅପରେସନାଲ୍ ସଂଖ୍ୟା ହେଉଛି ୧୬୫ ଯାହା କୌଣସି ଦେଶର ଏୟାର୍‌ପୋର୍ଟର ଏକ ବଡ଼ ସଂଖ୍ୟା ହୋଇପାରେ। ଏଥିରେ ଅନ୍ତର୍ଜାତୀୟ, ଘରୋଇ ଓ ଛୋଟ କ୍ଷେତ୍ରୀୟ ବିମାନ ବନ୍ଦର ବି ସାମିଲ ଅଛନ୍ତି। ପ୍ରତିବର୍ଷ କୋଟି କୋଟି ଲୋକ ବିମାନ ଦ୍ୱାରା ଯାତ୍ରା କରୁଛନ୍ତି। କିନ୍ତୁ ଏହି ବିମାନ ବନ୍ଦର ମଧ୍ୟରେ ରହିଛି ଏକମାତ୍ର ବିମାନ ବନ୍ଦର ଯେଉଁଠାରେ ସମସ୍ତ ବଡ଼ ବଡ଼ ସ୍ଥାନ ପାଇଁ ବିମାନ ଉଡ଼ାଣର ବ୍ୟବସ୍ଥା ରହିଛି। ଏହା ହେଉଛି ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତଃରାଷ୍ଟ୍ରୀୟ ବିମାନ ବନ୍ଦର ଯେଉଁଟିକୁ ଦେଶର ସବୁଠାରୁ ବଡ଼ ବିମାନ ବନ୍ଦର ବୋଲି କୁହାଯାଏ। ସେଠାରୁ ପୂରା ଦୁନିଆର ୧୫୦ଟି ସ୍ଥାନକୁ ଉଡ଼ାଣ ଉପଲବ୍ଧ ଥାଏ। ଏବେ ବ୍ୟାଙ୍କକ୍‌ରୁ ଡନ୍ ମୁଆଙ୍ଗ ପାଇଁ ଆରମ୍ଭ ହୋଇଛି ନୂଆ ଉଡ଼ାଣ ସେବା। ଏହା ସହିତ ଏହି ବିମାନ ବନ୍ଦରଟି ବିଶ୍ୱର ୧୫୦ଟି ସ୍ଥାନ ସହିତ ଯୋଡ଼ି ହୋଇଛି। ଦିଲ୍ଲୀ ବିମାନ ବନ୍ଦର ହେଉଛି ପୃଥିବୀର ନବମ ସବୁଠାରୁ ବ୍ୟସ୍ତ ବିମାନ ବନ୍ଦର ଯେଉଁଠାରେ ଯାତ୍ରୀମାନଙ୍କ ପାଇଁ ରହିଛି ଆଧୁନିକ ସୁବିଧା। ବିମାନ ବନ୍ଦରରେ ବଡ଼ ବଡ଼ ଟର୍ମିନାଲ୍, ଆରାମଦାୟକ ଲାଉଞ୍ଜ, ହାଇଟେକ୍ ସିକ୍ୟୁରିଟି ସିଷ୍ଟମ୍, ସପିଂ ଏରିଆ ଓ ଫୁଡ୍ କୋର୍ଟ ପରି କେତେକ ସୁବିଧା ରହିଛି। ତେବେ ଭାରତୀୟ ଏଭିଏସନ୍ ସେକ୍ଟର ବିଗତ କିଛି ବର୍ଷ ହେଲା ଦ୍ରୁତଗତିରେ ଆଗକୁ ବଢ଼ୁଛି। ନୂଆ ବିମାନ ବନ୍ଦରର ନିର୍ମାଣ ସହିତ ପୁରୁଣା ବିମାନ ବନ୍ଦରଗୁଡ଼ିକୁ ମଧ୍ୟ ଆଧୁନିକ ରୂପ ଦିଆଯାଉଛି। ତେବେ ବର୍ତ୍ତମାନ ବିଶ୍ୱର ତୃତୀୟ ଘରୋଇ ବିମାନନ ବଜାର ଭାବରେ ଭାରତର ନାମ ରହିଛି।

# ମିୟାଜକୀ ଆମ୍ବ

ଓଡ଼ିଶାର ମାଲକାନାଗିରିରେ ଜଣେ ଆଦିବାସୀ କୃଷକ ନିଜ ପରିଶ୍ରମ ଦ୍ୱାରା ଏପରି କାରନାମା କରି ଦେଖାଇଛନ୍ତି ଯାହାର ଚର୍ଚ୍ଚା ଏବେ ପୂରା କ୍ଷେତ୍ରରେ ହେଉଛି। ତମସା ଗ୍ରାମର କୃଷକ ଦେବ ମଡ଼କାମୀ ଦୁନିଆର ସବୁଠାରୁ ଦାମୀ ଆମ୍ବଗୁଡ଼ିକ ମଧ୍ୟରେ ସାମିଲ ମିୟାଜକୀ ଆମ୍ବର ସଫଳ ଚାଷ କରିପାରିଛନ୍ତି। ଅନ୍ତଃରାଷ୍ଟ୍ରୀୟ ବଜାରରେ ଏହି ଆମ୍ବର ଦାମ୍ କି.ଗ୍ରା ପ୍ରତି ୧.୫ ଲକ୍ଷରୁ ୨ ଲକ୍ଷ ପର୍ଯ୍ୟନ୍ତ ହେବ। ଲାଲ୍ ରଙ୍ଗ, ଆକର୍ଷଣୀୟ ଆକାର ଓ ସ୍ୱାଦିଷ୍ଟ ଏହି ବିଦେଶୀ ଆମ୍ବ ଦେବ ମଡକାମୀଙ୍କୁ ନୂଆ ପରିଚୟ ଦେଇଛି। କିନ୍ତୁ ଆମ୍ବ ଚୋରି ହେବାର ଚିନ୍ତା କାରଣରୁ ସେ ରାତିରେ ଶୋଇପାରୁ ନାହାନ୍ତି। ଗଛ ଚାରିପାଖରେ ସେ ବାଉଁଶର ବାଡ଼ ଦେଇଛନ୍ତି। କୁହାଯାଉଛି ଯେ ଗୋଟିଏ ମିୟାଜକୀ ଆମ୍ବର ଓଜନ ଏକ କି.ଗ୍ରାରୁ ଅଧିକ ହେବ। ଏପରି ସ୍ଥଳେ ଗଛରେ ଫଳିଥିବା ଆମ୍ବଗୁଡ଼ିକର ଦାମ୍ ଲକ୍ଷାଧିକ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଯିବ। ଗ୍ରାମର ଲୋକମାନେ ମଧ୍ୟ ଏହି ଦୁର୍ଲଭ ଆମ୍ବକୁ ଦେଖିବା ପାଇଁ କୃଷକର ବଗିଚା ପର୍ଯ୍ୟନ୍ତ ପହଞ୍ଚୁଛନ୍ତି। ତେବେ ସ୍ଥାନୀୟ ଲୋକଙ୍କ ଅନୁସାରେ ପାଖାପାଖି ଚାରି ବର୍ଷ ପୂର୍ବରୁ ସରବା କୁମାର ବିଶୋଇ ନାମକ ଜଣେ ବ୍ୟକ୍ତି ଦେବ ମଡକାମୀଙ୍କୁ ମିୟାଜକୀ ଆମ୍ବର ଗଛ ଦେଇଥିଲେ। ସେ ସମୟରେ ଏହା ଦୁନିଆର ଏକ ଦାମୀ ପ୍ରକାରର ଆମ୍ବ ବୋଲି ତାଙ୍କୁ କୁହାଯାଇଥିଲା। ଏହାପରେ ନିଜର ପରିଶ୍ରମ ଓ ସାବଧାନତା ଯୋଗୁ ଆଜି ଦେବ ମଡ଼କାମୀ ଦାମୀ ଆମ୍ବ ଚାଷରେ ସଫଳ ହୋଇଛନ୍ତି। ବର୍ତ୍ତମାନ ଆମ୍ବଗୁଡ଼ିକ ପାଚିଗଲାଣି କିନ୍ତୁ ଆଦିବାସୀବହୁଳ କ୍ଷେତ୍ରରେ ଏହି ଆମ୍ବକୁ କିଣିବା ପାଇଁ କୌଣସି ଗ୍ରାହକ ମିଳୁନାହାନ୍ତି। ତେବେ ଆମ୍ବଗୁଡ଼ିକ ବିକ୍ରି ହୋଇଗଲେ ତାଙ୍କୁ ଶାନ୍ତି ମିଳିବ ବୋଲି କହିଛନ୍ତି ଦେବ ମଡକାମୀ।



ମିୟାଜକୀ ଆମ୍ବର ବିଶେଷତା-'ଏଗ୍ ଅଫ୍ ଦି ସନ୍' ନାମରେ ପ୍ରସିଦ୍ଧ ଏହି ଆମ୍ବ କେବଳ ସ୍ୱାଦିଷ୍ଟ ନୁହେଁ, ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ୍ ଲାଭକାରୀ। ପୋଷକ ତତ୍ତ୍ୱରେ ଭରପୂର ଏହି ଖାସ୍ ଆମ୍ବ ଆମ ଶରୀରକୁ କେତେଗୁଡ଼ିଏ ରୋଗରୁ ରକ୍ଷା କରିଥାଏ। ଏଥିରେ ଆନ୍ଥୋସାୟନିନ୍, ବୀଟା-କ୍ୟାରୋଟିନ୍, ଫୋଲିକ୍ ଏସିଡ୍, ପୋଟାସିୟମ୍ ଓ ଭିଟାମିନ୍- ଓ, ସି ପ୍ରଚୁର ମାତ୍ରାରେ ଥାଏ। ଭିଟାମିନ୍-ସି ଶରୀରର ରୋଗପ୍ରତିରୋଧକ କ୍ଷମତାକୁ ମଜଭୁତ କରେ। ଏହା ଶ୍ୱେତ ରକ୍ତ କୋଷିକାଗୁଡ଼ିକର ନିର୍ମାଣକୁ ବୃଦ୍ଧି କରାଇଥାଏ ଯେଉଁ କାରଣରୁ ଶରୀର, ସଂକ୍ରମଣ ଓ ବେମାରୀଗୁଡ଼ିକ ସହିତ ଲଢ଼ିଥାଏ। ଏହା ବ୍ୟତୀତ କୋଲେଜନ୍ ସୃଷ୍ଟି କରାଉଥିବାରୁ ସ୍କିନ୍ ଟାଇଟ୍‌ନେସ୍ ବଜାୟ ରହେ। ବୀଟା କ୍ୟାରୋଟିନ୍ ଓ ଭିଟାମିନ୍- ଏ ଦୃଷ୍ଟି କ୍ଷମତାକୁ ଉନ୍ନତମାନର କରାଇଥାନ୍ତି।

# ଏକ କାଳ୍ପନିକ ଚରିତ୍ର: ଡ୍ରାକୁଲା



ଡ୍ରାକୁଲା ନାମ ତ ଶୁଣିଥିବେ। ଏହି ନାମ ସହିତ ପ୍ରାୟତଃ ଲୋକମାନେ ପରିଚିତ। ଡ୍ରାକୁଲା ମଣିଷର ରକ୍ତ ପିଏ ବୋଲି ଆମେମାନେ ଜାଣିଛନ୍ତି। ଏହା ଉପରେ ନିର୍ମିତ ହୋଇଛି ଅନେକ ଫିଲ୍ମ। ତେବେ ଯଦିଓ ଏହି ଚରିତ୍ରଟି କାଳ୍ପନିକ କିନ୍ତୁ ଏହି ଭୟଙ୍କର ଚରିତ୍ରଟିକୁ ଗଢ଼ିବାରେ ପ୍ରେରଣା ଯେଉଁଠାରୁ ମିଳିଥିଲା ତାହା ଥିଲା ଏକ ସତ୍ୟ ଘଟଣା। ସତରେ କ'ଣ ଡ୍ରାକୁଲା ଥିଲା ଯିଏ ଲୋକମାନଙ୍କର ରକ୍ତ ପିଉଥିଲା? ଆସନ୍ତୁ ଜାଣିବା ଏହାର ପୂରା କାହାଣୀ। ପ୍ରସିଦ୍ଧ ଲେଖକ ବ୍ରାମ୍ ଷ୍ଟୋକର୍‌ଙ୍କ ଉପନ୍ୟାସର ଏହା ହେଉଛି ଏକ ଭୟଙ୍କର ଚରିତ୍ର। ଆସନ୍ତୁ ଆଜି ଡ୍ରାକୁଲା ଦିବସରେ ତା'ର ଦେଶକୁ ଭ୍ରମଣ କରିବାକୁ ଯିବା। ବ୍ରାମ୍ ଷ୍ଟୋକର ସେହି ରାଜାଙ୍କ ପିତା ଭ୍ଲାଡ୍ ଡ୍ରାକୁଲାଙ୍କୁ ନେଇ ଡ୍ରାକୁଲା ଚରିତ୍ରର ରଚନା କରିଥିଲେ। ଡ୍ରାକୁଲା ଏକ ଫାଣ୍ଟାସୀ ଚରିତ୍ର ଥିଲା କିନ୍ତୁ ଊନବିଂଶ

**ପୂର୍ବ ୟୁରୋପ୍‌ର ଟ୍ରାନ୍ସିଲଭାନିଆ କ୍ଷେତ୍ର ଉପରେ ଆଧାରିତ ଥିଲା 'ଡ୍ରାକୁଲା' ଉପନ୍ୟାସ। ସେଠିକାର ରାଜା ଭ୍ଲାଡ୍ ଟେପେସ୍‌ଙ୍କ ଉପରେ ଏକ ଐତିହାସିକ ପୁସ୍ତକ ରଚନା କରାଯାଇଥିଲା।**

ଶତାବ୍ଦୀରୁ ଆରମ୍ଭ ହୋଇ ଆଜି ପର୍ଯ୍ୟନ୍ତ ୟୁରୋପୀୟ ଦେଶ ରୋମାନିଆରେ ତା'ର ଭୟ ସକ୍ରିୟ ହୋଇ ରହିଛି। ସେଠାରେ ଲୋକମାନେ ଆଜି ବି ଡ୍ରାକୁଲା ଓ ଅନ୍ୟ ସଇତାନମାନଙ୍କୁ ଭୟ କରନ୍ତି। ତା'ଠାରୁ ନିଜକୁ ରକ୍ଷା କରିବାର ବିଭିନ୍ନ ଉପାୟକୁ ସେମାନେ ଆପଣାଇ ଥାଆନ୍ତି। ତେବେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଡ୍ରାକୁଲାର ଭୟରୁ ରୋମାନିଆ ଲୋକମାନଙ୍କୁ ରକ୍ଷା କରେ-ରସୁଣ। ରସୁଣ ଭାରତୀୟ ଲୋକମାନଙ୍କ ଖାଦ୍ୟପେୟର ଏକ ଅଂଶବିଶେଷ। କିଛି ଲୋକଙ୍କର ରସୁଣ ବିନା ଖାଦ୍ୟ ପ୍ରସ୍ତୁତ ହୋଇପାରୁନଥିବା ବେଳେ କିଛି ଲୋକ ଧାର୍ମିକ ମାନ୍ୟତା ଦୃଷ୍ଟିରୁ ରସୁଣ ଖାଆନ୍ତି ନାହିଁ। ରୋମାନିଆରେ ମଧ୍ୟ ରସୁଣକୁ ନେଇ ହିନ୍ଦୁସ୍ତାନ ପରି କ୍ରେଜ୍ ରହିଛି। ସେଠାରେ ବଡ଼ ଧରଣର ରସୁଣ ଚାଷ କରାଯାଏ। ରସୁଣ ଦୁଷ୍ଟ ଆତ୍ମାମାନଙ୍କ ଠାରୁ ଲୋକମାନଙ୍କୁ ରକ୍ଷା କରେ ବୋଲି ବିଶ୍ୱାସ ରହିଛି। ପୂର୍ବ ୟୁରୋପ୍‌ରେ ଭୂତ-ପ୍ରେତଙ୍କର ଅନେକ କଥା କାହାଣୀ ରହିଛି। ଯଦି ଲୋକମାନଙ୍କ ଘରେ ରସୁଣ ଅଛି ତେବେ ସେମାନଙ୍କ ଘରୁ ବିଭିନ୍ନ ସମସ୍ୟା ଦୂର ହୋଇଯାଏ ବୋଲି ରୋମାନିଆ ଲୋକମାନେ ବିଶ୍ୱାସ କରନ୍ତି।

# ଥାଇରଏଡ୍: ବିକାର ଓ ଲକ୍ଷଣ



ଥାଇରଏଡ୍ ଏପରି ଏକ ବିକାର ଯାହା ସାଧାରଣତଃ ଅଣଦେଖା ହୋଇ ରହିଥାଏ ଓ ଲକ୍ଷାଧିକ ଲୋକଙ୍କୁ ଚୁପ୍‌ଚାପ୍ ପ୍ରଭାବିତ କରିଥାଏ। ଥାଇରଏଡ୍ ବିକାର ବିଶ୍ୱ ସ୍ତରରେ ସବୁଠାରୁ ଏକ ସାଧାରଣ ଆନ୍ତଃସ୍ରାବୀ ସ୍ଥିତିଗୁଡ଼ିକ ମଧ୍ୟରୁ ଅନ୍ୟତମ ଓ ଅନୁମାନ କରାଯାଉଛି ଯେ ୧୦ ଜଣଙ୍କ ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ ଥାଇରଏଡ୍ ବିକାର ହେବାର ସମ୍ଭାବନା ରହିଛି। ପୂରା ବିଶ୍ୱରେ ୪୨ ମିଲିଅନ୍ ଲୋକ ଥାଇରଏଡ୍ ସମ୍ବନ୍ଧୀୟ ରୋଗ ଦ୍ୱାରା ପୀଡ଼ିତ ହୋଇଥିବାର ଅନୁମାନ କରାଯାଉଛି ଯେଉଁମାନଙ୍କ ମଧ୍ୟରେ ଅନେକଙ୍କର ନିଦାନ ହୋଇପାରେ ନାହିଁ। ଏତେ ଅଧିକ ବ୍ୟାପକତା ସତ୍ତ୍ୱେ ଥାଇରଏଡ୍ ସମ୍ବନ୍ଧୀୟ ସମସ୍ୟାଗୁଡ଼ିକୁ ପ୍ରାୟତଃ ଅଣଦେଖା କରାଯାଏ। କାରଣ କ୍ଳାନ୍ତ ଲାଗିବା, ଓଜନରେ ପରିବର୍ତ୍ତନ, ମନୋଦଶାରେ ପରିବର୍ତ୍ତନ ପରି ଲକ୍ଷଣଗୁଡ଼ିକୁ ଲୋକମାନେ ସାଧାରଣତଃ ଜୀବନଶୈଳୀ ସମ୍ବନ୍ଧୀୟ ସମସ୍ୟା ବା ଚାପ ବୋଲି ଭାବିନିଅନ୍ତି। ସେଥିପାଇଁ ଥାଇରଏଡ୍ ସଚେତନତା ଦିବସ ପାଳନ କରାଯାଏ। ଏହା କେବଳ କ୍ୟାଲେଣ୍ଡର୍‌ର ଏକ କାର୍ଯ୍ୟକ୍ରମ ନୁହେଁ, ଏହାଠାରୁ କେତେ ଅଧିକ ହୋଇପାରେ।

**ଲକ୍ଷଣ-** ଥାଇରଏଡ୍ ଗ୍ରନ୍ଥି ଯଦିଓ ବହୁତ ଛୋଟ କିନ୍ତୁ ଶରୀର ଉପରେ ଏହାର ପ୍ରଭାବ ବ୍ୟାପକ ହୋଇଥାଏ। ଏହା ମସ୍ତିଷ୍କ, ହୃଦୟ, ଯକୃତ ଓ ପ୍ରଜନନ ପ୍ରଣାଳୀ ସହିତ ଘନିଷ୍ଠ ଭାବରେ ଜଡ଼ିତ ହୋଇ ରହିଛି। ଥାଇରଏଡ୍ ହର୍ମୋନ୍‌ର ସ୍ତର ମାମୁଲି ଅସନ୍ତୁଳନ ସହିତ ଅନେକ ଅଙ୍ଗ ପ୍ରଣାଳୀଗୁଡ଼ିକୁ ପ୍ରଭାବିତ କରିପାରେ। ଥାଇରଏଡ୍ ହର୍ମୋନ୍ ମାସିକ ଧର୍ମଚକ୍ର, ପ୍ରଜନନ କ୍ଷମତା ଓ ଗର୍ଭାବସ୍ଥାର ପରିଣାମଗୁଡ଼ିକୁ ପ୍ରଭାବିତ କରିଥାଏ। ଅନୁପଚାରିତ ଥାଇରଏଡ୍ ବିକାର ବନ୍ଧ୍ୟାପଣ ବା ଗର୍ଭପାତ ପରି ଜଟିଳତାଗୁଡ଼ିକର କାରଣ ହୋଇପାରେ।

# 'ଦୃଶ୍ୟମ୍-୩'ର ବମ୍ପର୍ ଆୟ





ମୋହନଲାଲ୍ ଓ ଜିତୁ ଜୋସେଫ୍‌ଙ୍କ ସୁପରହିଟ୍ ଫ୍ରାଞ୍ଚାଇଜ୍ 'ଦୃଶ୍ୟମ୍'ର ୧୩ ବର୍ଷର ପୁରୁଣା କାହାଣୀରେ ଆସିଛି ଟ୍ୱିଷ୍ଟ। ୨୧ ତାରିଖ ଦିନ ରିଲିଜ ହୋଇଛି 'ଦୃଶ୍ୟମ୍-୩'। ଏହାର କାହାଣୀରେ କେବୁଲ୍ ଅପରେଟର୍ ଜର୍ଜକୁଟ୍ଟି ଓ ତା'ର ପରିବାରର କାହାଣୀରେ ଦେଖିବାକୁ ମିଳିଛି ନୂଆ ଘଟଣା। ମୂଳତଃ ମାଲାୟାଲମ୍ ଭାଷାରେ ନିର୍ମିତ ହୋଇଥିବା ଏହି ଫିଲ୍ମଟି ତାମିଲ୍, ତେଲୁଗୁ ଓ କନ୍ନଡ଼ ଭାଷାରେ ରିଲିଜ ହୋଇଛି। କିନ୍ତୁ ହିନ୍ଦୀ ଦର୍ଶକମାନଙ୍କ ମଧ୍ୟରେ ଫିଲ୍ମଟିକୁ ନେଇ ଦେଖାଦେଇଛି ଜବରଦସ୍ତ କ୍ରେଜ୍। ଏହାର କାରଣ ଅଜୟଙ୍କ ଗତ ଦୁଇଟି ହିନ୍ଦୀ ରିମେକ୍। ତେବେ ଶେଷରେ ଜର୍ଜକୁଟ୍ଟି ଜେଲ୍‌କୁ ଗଲା ପରେ ତା'ର ପରିବାରକୁ ରକ୍ଷା କରିପାରିବ କି? ୧୩ ବର୍ଷ ଧରି ସେ ଲୁଚେଇ ରଖିଥିବା ରହସ୍ୟ ଏବେ ସମସ୍ତଙ୍କ ସମ୍ମୁଖକୁ ଆସିବ ନା ପୁଣି ଥରେ ନିର୍ମିତ ହେବ 'ଦୃଶ୍ୟମ୍-୪'? ଏହିପରି ପ୍ରଶ୍ନ ଭିତରେ ଦର୍ଶକମାନେ ରହିଥିବା ବେଳେ ହିନ୍ଦୀ ଦର୍ଶକଙ୍କ ପାଇଁ ଅଜୟ ଦେବଗନଙ୍କ ଫିଲ୍ମ 'ଦୃଶ୍ୟମ୍-୩' ରିଲିଜ ହେବ ୨ ଅକ୍ଟୋବରରେ ବୋଲି ଘୋଷଣା କରାଯାଇଛି। ଫିଲ୍ମଟିର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଭିଷେକ ପାଠକ। କୁହାଯାଉଛି ଯେ ହିନ୍ଦୀରେ ନିର୍ମିତ ହେଉଥିବା 'ଦୃଶ୍ୟମ୍-୩'ର କାହାଣୀ ମାଲାୟାଲମ୍ ଫିଲ୍ମର କାହାଣୀ ଠାରୁ ଅଲଗା ହେବ। ମାଲାୟାଲମ୍ ନିର୍ଦ୍ଦେଶକ ଜିତୁ ଜୋସେଫ୍ ପୂର୍ବରୁ 'ଦୃଶ୍ୟମ୍-୩'କୁ ହିନ୍ଦୀରେ ରିଲିଜ କରେଇବା ବିଷୟରେ କହିଥିଲେ। ତେବେ ପ୍ରଥମ ଦିନରେ ଦେଶ ମଧ୍ୟରେ ଫିଲ୍ମଟି ଚାରିଟି ଭାଷାରେ, ୫୫୦୬ଟି ଶୋ'ରୁ ଆୟ କରିଛି ୧୫.୮୫ କୋଟି ଓ ପୂରା ବିଶ୍ୱରେ ଆୟ କରିଛି ୪୮.୩୭ କୋଟି।



ଆଜିର ମ୍ୟାଚ୍
ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ବନାମ ଗୁଜରାଟ ଟାଇଟନ୍ସ
ସମୟ: ସନ୍ଧ୍ୟା ୭.୩୦, ଭେନ୍ୟୁ: ଧର୍ମଶାଳା
କ୍ୱାଲିଫାୟର୍-୧

ନିତିଦିନ NITIDIN

# ଆଜି ଆର୍‌ସିବି- ଜିଟି କ୍ୱାଲିଫାୟର୍-୧

## ଲଗାତାର ଦ୍ୱିତୀୟ ଥର ଫାଇନାଲ୍ ଲକ୍ଷ୍ୟରେ ବେଙ୍ଗାଲୁରୁ

**ଧର୍ମଶାଳା,୨୫।୬/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍) ୨୦୨୬ ସିଜନ୍‌ର ଗତ ରବିବାର ଲିଗ୍ ପର୍ଯ୍ୟାୟ ଶେଷ ହୋଇଛି। ଏବେ ଫାଇନାଲ୍ ପାଇଁ ଲଢ଼େଇ ଆରମ୍ଭ ହେବ। ଏହି କ୍ରମରେ ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୭ଟାରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଏବଂ ଗୁଜରାଟ ଟାଇଟନ୍ସ (ଜିଟି) ମଧ୍ୟରେ ଧର୍ମଶାଳାର ହିମାଚଳ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ କ୍ୱାଲିଫାୟର୍-୧ ଖେଳାଯିବ। ଯେଉଁ ଟିମ୍ ଏହି ମ୍ୟାଚ୍ ଜିତିବ ସିଧା ଫାଇନାଲ୍ ଟିକେଟ୍ କାଟିବ। ଅନ୍ୟପକ୍ଷରେ ପରାଜିତ ଟିମ୍‌କୁ କ୍ୱାଲିଫାୟର୍-୨ ଜରିଆରେ ଫାଇନାଲ୍‌ରେ ପ୍ରବେଶ କରିବାର ଆଉ ଏକ ସୁଯୋଗ ମିଳିବ।

ଲିଗ୍ ପର୍ଯ୍ୟାୟରେ ଦୁଇ ଟିମ୍ ଉନ୍ନତ ପ୍ରଦର୍ଶନ କରି ପ୍ରଥମ ଦୁଇଟି ସ୍ଥାନରେ ରହିଛନ୍ତି। ଉଭୟ ଟିମ୍ ୧୪ ମ୍ୟାଚ୍‌ରୁ ୯ଟି ଜିତି ୧୮-୧୮ ପଏଣ୍ଟ

ହାସଲ କରିଥିଲେ ମଧ୍ୟ ଆର୍‌ସିବି ଉନ୍ନତ ରନ୍ ରେଟ୍ (+୦.୭୮୩)ରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା। ରଜତ ପାଟିଦାରଙ୍କ ନେତୃତ୍ୱରେ ଆର୍‌ସିବି ଟାଇଟଲ୍ ଡିଫେଣ୍ଡ ଅଭିଯାନ ଆକ୍ରମଣାତ୍ମକ ଭାବେ କରିଥିଲା ଏବଂ ଟିମ୍‌ର ବ୍ୟାଟିଂ ଓ ବୋଲିଂ ୟୁନିଟ୍ ଗତ ସିଜନ୍ ପରି ପ୍ରଦର୍ଶନ କରିଆସିଛି। ଚଳିତ ସିଜନ୍‌ରେ ଆର୍‌ସିବି ଲଗାତାର ୨୦୦ ରନ୍ ପାର୍ କରିଥିବା ବେଳେ ଟିମ୍‌କୁ ବିରାଟ କୋହଲିଙ୍କ ଅନୁଭବ ତଥା ଜୋଶ୍ ହେଜଲ୍‌ଉଡ୍ ଏବଂ ଭୁବନେଶ୍ୱର କୁମାରଙ୍କ ପରି ଫାଷ୍ଟ ବୋଲରଙ୍କ ଲାଭ ମଧ୍ୟ ମିଳୁଛି। ଲିଗ୍ ପର୍ଯ୍ୟାୟରେ ଟିମ୍ କେବଳ ନିଜର ଘରୋଇ ଗ୍ରାଉଣ୍ଡ ନୁହେଁ, ବରଂ ବିପକ୍ଷ ଟିମ୍‌ର ଗ୍ରାଉଣ୍ଡରେ ମଧ୍ୟ ବିଜୟ ହାସଲ କରିଛି।

ଅନ୍ୟପକ୍ଷରେ ଗୁଜରାଟ ନିଜ ଶୀର୍ଷକ୍ରମ ଏବଂ ବୋଲିଂ ଆକ୍ରମଣ ସହାୟତାରେ ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିଛି। କ୍ୟାପ୍‌ଟେନ୍ ଶୁଭମନ ଗିଲ୍, ସାଇ ସୁଦର୍ଶନ ଏବଂ ୱିକେଟ୍‌କିପର୍ ବ୍ୟାଟର୍ ଜୋସ୍ ବଟ୍‌ଲର୍‌ଙ୍କ ତ୍ରିମୂର୍ତ୍ତି ଟିମ୍‌କୁ ବହୁ ସଫଳତା ଦେଇଛି। ସିଜନ୍‌ର ଦ୍ୱିତୀୟ ପର୍ଯ୍ୟାୟରେ ଗୁଜରାଟର ବୋଲିଂ ମଧ୍ୟ ଦମ୍‌ଦାର ଥିଲା। ମହମ୍ମଦ ସିରାଜ୍, କାଗିସୋ ରବାଡା ଏବଂ ପ୍ରସିଦ୍ଧ କ୍ରିଷ୍ଣା ଲଗାତାର ନୂଆ ବଲ୍‌ରେ ବିପକ୍ଷ ଟିମ୍‌ର ବ୍ୟାଟର୍‌ଙ୍କୁ ହାତଖୋଲା ଶଟ୍ ଖେଳିବାକୁ ଦେଇନଥିଲେ। ସେହିପରି ରଶିଦ୍ ଖାନ୍ ଏବଂ ଆର୍ ସାଇ କିଶୋରଙ୍କ ପରି ସ୍ପିନ୍ ମଝି ଓଭର୍‌ଗୁଡ଼ିକରେ ସନ୍ତୁଳିତ ବୋଲିଂ କରିଛନ୍ତି।

ବର୍ତ୍ତମାନର ପରିସ୍ଥିତି ଦୃଷ୍ଟିରୁ ଧର୍ମଶାଳାରେ ଆର୍‌ସିବି ସାମାନ୍ୟ ଆଗୁଆ ରହିଛି। ଭୁବନେଶ୍ୱର କୁମାର ଏବଂ ଜୋଶ୍ ହେଜଲ୍‌ଉଡ୍‌ଙ୍କ ନେତୃତ୍ୱାଧୀନ ଫାଷ୍ଟ ବୋଲିଂ ଆକ୍ରମଣ ନିୟନ୍ତ୍ରଣ, ସ୍ୱିଙ୍ଗ୍ ଏବଂ ସଠିକ୍ ହାର୍ଡ ଲେଙ୍ଗ୍‌ଥ ଉପରେ ଆଧାରିତ ରହିଛି, ଯାହା ଧର୍ମଶାଳାର ପରିସ୍ଥିତିରେ ସର୍ବଦା ପ୍ରଭାବଶାଳୀ ସାବ୍ୟସ୍ତ ହେବ। ଫ୍ଲଡ୍‌ଲାଇଟ୍ସରେ ବଲ୍‌ର ସ୍ୱିଙ୍ଗ୍ କରାଇବା ଏବଂ ଡେଥ୍ ଓଭର୍‌ରେ ଗତିରେ ପରିବର୍ତ୍ତନ କରିପାରୁଥିବା ବୋଲର୍ ଏଠାରେ ବଡ଼ ସ୍କୋର୍‌ର ମ୍ୟାଚ୍‌ରେ ମଧ୍ୟ ପ୍ରଭାବଶାଳୀ



### ଦ୍ୱିତୀୟ ଟାଇଟଲ୍ ପାଇଁ ଖେଳିବ ଗୁଜରାଟ

ହୋଇଥାନ୍ତି। ଫାଷ୍ଟ ବୋଲର୍ ଲଗାତାର ବ୍ୟବଧାନରେ ୱିକେଟ୍ ହାସଲ କରିବା ଫଳରେ ପଞ୍ଜାବ କିଙ୍ଗ୍‌ସ ବିପକ୍ଷରେ ଆର୍‌ସିବି ୨୨୨ ରନ୍‌ର ବିଶାଳ ଲକ୍ଷ୍ୟ ଡିଫେଣ୍ଡ କରିବାରେ ସଫଳ ହୋଇଥିଲା।

ଅପରପକ୍ଷରେ ଗୁଜରାଟ ଟାଇଟନ୍ସ ପାଖରେ ଥିବା ଅଧିକ ଗତିର ବୋଲିଂ ଆକ୍ରମଣ ଯାହା ଧର୍ମଶାଳାର ଅତିରିକ୍ତ ବାଉନ୍ସକୁ ଆହୁରି ବିପଜ୍ଜନକ କରିପାରେ। ତେବେ ସ୍ପିନ୍ ବୋଲିଂର ସୀମିତ ଭୂମିକା ଟିମ୍‌ର ରଣନୀତିକୁ ପ୍ରଭାବିତ କରିପାରେ। ରଶିଦ୍ ଖାନ୍ ସାଧାରଣତଃ ପ୍ରଭବଶାଳୀ ରହିଥାନ୍ତି, କିନ୍ତୁ ଏଠାକାର ପିଚ୍ ତାଙ୍କ ପରୀକ୍ଷା ନେଇପାରେ। ନିକଟରେ ଏଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଧିକାଂଶ ୱିକେଟ୍ ଫାଷ୍ଟ ବୋଲର୍ ନେଇଥିବା ବେଳେ ନିର୍ଣ୍ଣାୟକ ସ୍ଥିତିରେ ଟିମ୍‌ଗୁଡ଼ିକ ସ୍ପିନ୍‌ର ଅପେକ୍ଷାକୃତ କମ୍ ବ୍ୟବହାର କରିଛନ୍ତି।

ଚଳିତ ସିଜନ୍‌ରେ ଆର୍‌ସିବି କମ୍ ଖେଳାଳିଙ୍କୁ ବ୍ୟବହାର କରିଛି ଏବଂ ନିଜ କୋର୍ ଟିମ୍ ଉପରେ ଭରସା କରିଛି। ତେବେ କ୍ୱାଲିଫାୟର୍-୧ ପୂର୍ବରୁ ଆହତ ବିସ୍ଫୋରକ ଓପ୍ନର୍ ଫିଲ୍ ସଲ୍ଟ ଭାରତ ଫେରିଆସିବା ଟିମ୍ ପାଇଁ ବଡ଼ ଆଶ୍ୱସ୍ତି ଆଣିଛି। ତେବେ ସଲ୍ଟଙ୍କ ପ୍ରତ୍ୟାବର୍ତ୍ତନ ପରେ ଭେଙ୍କଟେଶ ଆୟର୍‌ଙ୍କୁ ଟିମ୍ କିପରି ଚୂଡ଼ାନ୍ତ ଏକାଦଶରେ ଫିଟ୍ କରିବ ତାହା ଦେଖିବାର ଅଛି। ସଲ୍ଟଙ୍କ ଅନୁପସ୍ଥିତିରେ କୋହଲିଙ୍କ ସହ ଭେଙ୍କଟେଶ ଇନିଂସ୍ ଓପନ୍ କରିଥିଲେ। ଏବେ ସଲ୍ଟ ଫିଟ୍ ହୋଇଥିବାରୁ ସେ ହିଁ ଇନିଂସ୍ ଓପନ୍ କରିବେ ଏହି ଦ୍ୱିରୁକ୍ତି ନାହିଁ। ସେହିପରି ଚୂଡ଼ାନ୍ତ ଏକାଦଶରେ ଜ୍ୟାକବ୍ ଡଫିଙ୍କୁ ସାମିଲ କରି ଟିମ୍ ସୁୟଶ ଶର୍ମାଙ୍କୁ ବାହାରେ ବସାଇପାରେ। ଆର୍‌ସିବି ପରି ଗୁଜରାଟ ମଧ୍ୟ କମ୍ ଖେଳାଳିଙ୍କୁ ନେଇ ଲିଗ୍ ପର୍ଯ୍ୟାୟ ଖେଳିଥିଲା। ଜଣେ ଅତିରିକ୍ତ ବ୍ୟାଟର୍‌ଙ୍କ ପାଇଁ ଟିମ୍ ପୁଣିଥରେ ନିଶାନ୍ତ ସିନ୍ଧୁଙ୍କୁ ପ୍ଲେଇଙ୍ଗ୍ ଇଲେଭେନ୍‌ରେ ସୁଯୋଗ ଦେଇପାରେ। ତେବେ ଟିମ୍ ପାଇଁ ବଡ଼ ଚିନ୍ତା ଇମ୍ପାକ୍ଟ ପ୍ଲେୟାର୍ ଭାବେ କାହାକୁ ସୁଯୋଗ ଦେବ। ସେହିପରି ଫାଷ୍ଟ ବୋଲର୍ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ସାମିଲ୍ କରିବ କିମ୍ବା ଅତିରିକ୍ତ ସ୍ପିନର୍ ଭାବେ ସାଇ କିଶୋର ଏବଂ ମାନବ ସୁଥାରଙ୍କ ମଧ୍ୟରୁ ଜଣକୁ ଖେଳାଇବ ତାହା ଜିଟି ଆଗରେ ଆହ୍ୱାନ ସୃଷ୍ଟି କରିଛି।

**ଆର୍‌ସିବି ସମ୍ଭାବ୍ୟ ଏକାଦଶ:** ବିରାଟ କୋହଲି, ଫିଲ୍ ସଲ୍ଟ/ଭେଙ୍କଟେଶ ଆୟର୍, ଦେବଦତ୍ତ ପାଡିକ୍କଲ୍, ରଜତ ପାଟିଦାର (କ୍ୟାପ୍‌ଟେନ୍), ଜିତେଶ ଶର୍ମା (ୱିକେଟ୍‌କିପର୍), ଟିମ୍ ଡେଭିଡ୍, ରୋମାରିଓ ଶେଫର୍ଡ, କ୍ରୁଣାଳ ପାଣ୍ଡ୍ୟା, ଭୁବନେଶ୍ୱର କୁମାର, ରସିଖ୍ ସଲାମ୍ ଡର୍, ଜୋଶ୍ ହେଜଲ୍‌ଉଡ୍, ସୁୟଶ ଶର୍ମା/ଜ୍ୟାକବ୍ ଡଫି।

**ଜିଟି ସମ୍ଭାବ୍ୟ ଏକାଦଶ:** ସାଇ ସୁଦର୍ଶନ, ଶୁଭମନ ଗିଲ୍ (କ୍ୟାପ୍‌ଟେନ୍), ଜୋସ୍ ବଟ୍‌ଲର୍ (ୱିକେଟ୍‌କିପର୍), ୱାଶିଂଟନ୍ ସୁନ୍ଦର, ଜେସନ୍ ହୋଲ୍ଡର, ରାହୁଲ ତେୱତିଆ, ନିଶାନ୍ତ ସିନ୍ଧୁ, ରଶିଦ୍ ଖାନ୍, ଅର୍ଶଦ୍ ଖାନ୍, କାଗିସୋ ରବାଡା, ମହମ୍ମଦ ସିରାଜ୍, ପ୍ରସିଦ୍ଧ କ୍ରିଷ୍ଣା।

# ବୈଭବ ସୂର୍ଯ୍ୟବଂଶୀଙ୍କ ବିଶ୍ୱ କୀର୍ତ୍ତିମାନ



**ମୁମ୍ବାଇ,୨୫।୫/ଏଜେନ୍ସି:** ରବିବାର ରାଜସ୍ଥାନ ରୟାଲ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯାଇଥିବା ଚଳିତ ଆଇପିଏଲ୍ ୬୯ତମ ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ଇତିହାସ ରଚିଛନ୍ତି। ୱିଲ୍ ଜ୍ୟାକ୍ସଙ୍କ ବଲ୍‌ରେ ଦ୍ୱିତୀୟ ରନ୍ ନେବା ମାତ୍ରେ ହିଁ ରାଜସ୍ଥାନ ଓପ୍ନର୍ ସୂର୍ଯ୍ୟବଂଶୀ ବିଶ୍ୱ ରେକର୍ଡର ଅଧିକାରୀ ହୋଇଛନ୍ତି। ଟି-୨୦ କ୍ରିକେଟ୍‌ରେ ସର୍ବାଧିକ ରନ୍ ହାସଲକାରୀ ଟିନ୍‌ଏଜର୍ ବ୍ୟାଟର୍ ହୋଇଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ଦେବଦତ୍ତ ପାଡିକ୍କଲ୍‌ଙ୍କ ନାମରେ ଥିଲା। ଦେବଦତ୍ତ ପାଡିକ୍କଲ୍ ୨୦୧୯-୨୦୨୦ ସୟଦ୍ ମୁସ୍ତାକ ଅଲୀ ଟ୍ରଫିରେ କର୍ଣ୍ଣାଟକ ପକ୍ଷରୁ ଖେଳି ୧୯ ବର୍ଷ ବୟସରେ ୫୮୦ ରନ୍ କରିଥିଲେ।

ବିହାରର ୧୫ ବର୍ଷୀୟ ସୂର୍ଯ୍ୟବଂଶୀଙ୍କ ଆଇପିଏଲ୍ ରେକର୍ଡ ବହୁ ପ୍ରଭାବଶାଳୀ ରହିଛି। ଆଇପିଏଲ୍ ୨୦୨୬ରେ ସେ ୧୪ ମ୍ୟାଚ୍‌ରେ ୨୩୨.୨୭ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୫୮୩ ରନ୍ କରିଛନ୍ତି। ଏହି ସିଜନ୍‌ରେ ବର୍ତ୍ତମାନ ସୁଦ୍ଧା ତାଙ୍କ ବ୍ୟାଟ୍‌ରୁ ୫୩ ଛକା ବାହାରିଛି। ଏ ମାମଲାରେ ସେ କ୍ରିସ୍ ଗେଲ୍ (୫୯ ଛକା)ଙ୍କ ପଛରେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିପରି ଚଳିତ ଆଇପିଏଲ୍ ସିଜନ୍‌ରେ ୧୦୩ ରନ୍‌ର ଦ୍ରୁତତମ ଶତକ ମଧ୍ୟ ସୂର୍ଯ୍ୟବଂଶୀଙ୍କ ନାମରେ ରହିଛି। ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ମାତ୍ର ୩୭ ବଲ୍‌ରେ ସେ ଶତକ ହାସଲ କରିଥିଲେ।

# ରୋହିତ ଶର୍ମାଙ୍କ ଅଲୋଡ଼ା ରେକର୍ଡ

## ରାଜସ୍ଥାନ ବିପକ୍ଷରେ ପାଞ୍ଚଥର ଶୂନ୍ୟରେ ଆଉଟ୍



**ମୁମ୍ବାଇ,୨୫।୫/ଏଜେନ୍ସି:** ଆଇପିଏଲ୍ ୨୦୨୬ର ୬୯ତମ ମ୍ୟାଚ୍ ଗତକାଲି (ରବିବାର) ମୁମ୍ବାଇ ଇଣ୍ଡିଆନ୍ସ ଓ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ମଧ୍ୟରେ ଖେଳାଯାଇଛି। ଏହି ମ୍ୟାଚ୍‌ରେ ପାଞ୍ଚ ଥରର ଚାମ୍ପିଅନ୍ ମୁମ୍ବାଇ ଟିମ୍‌କୁ ପୂର୍ବତନ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କ ଠାରୁ ଏକ ବିସ୍ଫୋରକ ଇନିଂସ୍‌ର ଆଶା ଥିଲା। ମାତ୍ର ଇନିଂସ୍ ଓପନ୍ କରିଥିବା ରୋହିତ ଖାତା ଖୋଲିବା ପୂର୍ବରୁ ହିଁ ଆଉଟ୍ ହୋଇଥିଲେ। ଏହା ସହିତ ଆଇପିଏଲ୍‌ରେ ତାଙ୍କ ନାମରେ ଏକ ଅଲୋଡ଼ା ରେକର୍ଡ ସାମିଲ ହୋଇଛି। ଦେଶର ପ୍ରତିଷ୍ଠିତ ଲିଗ୍‌ରେ ଗୋଟିଏ ଟିମ୍ ବିପକ୍ଷରେ ସର୍ବାଧିକ ଥର ଶୂନ୍ୟରେ ଆଉଟ୍ ହେବାରେ ସଂଯୁକ୍ତ ଭାବେ ପ୍ରଥମ ଖେଳାଳି ହୋଇଛନ୍ତି। ତାଙ୍କ ପୂର୍ବରୁ ଏହି ଅଲୋଡ଼ା ରେକର୍ଡ କେବଳ ଦିନେଶ କାର୍ତ୍ତିକଙ୍କ ନାମରେ ଥିଲା। କାର୍ତ୍ତିକ ସନ୍‌ରାଇଜର୍ସ ହାଇଦ୍ରାବାଦ ବିପକ୍ଷରେ ପାଞ୍ଚଥର ହୋଇଥିଲେ। ମାତ୍ର ରାଜସ୍ଥାନ ବିପକ୍ଷ ମ୍ୟାଚ୍‌ରେ ଶୂନ୍ୟରେ ଆଉଟ୍ ହୋଇ ରୋହିତ ତାଙ୍କ ଅଲୋଡ଼ା ରେକର୍ଡର ସମକକ୍ଷ ହୋଇଛନ୍ତି। ମ୍ୟାଚ୍‌ରେ ରୋହିତ ଶର୍ମାଙ୍କୁ ଜୋଫ୍ରା ଆର୍ଚର୍ ଆଉଟ୍ କରିଥିଲେ। ରନ୍ ଚେଜ୍‌ରେ ଇନିଂସ୍ ଓପନ୍ କରିବାକୁ ଆସିଥିବା 'ହିଟ୍‌ମ୍ୟାନ୍' ମୋଟ ଚାରିଟି ବଲ୍‌ର ସମ୍ମୁଖୀନ ହୋଇଥିଲେ। ରୋହିତଙ୍କ ଚମତ୍କାର କ୍ୟାଚ୍ ୱିକେଟ୍ ପଛରେ ଧ୍ରୁବ ଜୁରେଲ୍ ଧରିଥିଲେ।

# ହରମନପ୍ରୀତ୍ କୌର୍‌ଙ୍କୁ ମିଳିଲା ପଦ୍ମଶ୍ରୀ

## ସମ୍ମାନିତ କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ



**ନୂଆଦିଲ୍ଲୀ,୨୫।୫/ଏଜେନ୍ସି:** ଭାରତୀୟ ମହିଳା କ୍ରିକେଟ୍‌କୁ ଶିଖରରେ ପହଞ୍ଚାଇଥିବା ବିଶ୍ୱକପ୍ ବିଜେତା କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ କୌର୍‌ଙ୍କୁ ସୋମବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଦ୍ମଶ୍ରୀରେ ସମ୍ମାନିତ କରିଛନ୍ତି। ସେହିପରି ପାରା-ଆଥ୍‌ଲେଟ୍ ପ୍ରବୀଣ କୁମାର ଏବଂ ପାରମ୍ପରିକ ମାର୍ଶାଲ୍ ଆର୍ଟ କ୍ଷେତ୍ରରେ ଯୋଗଦାନ ପାଇଁ କେ ପାଜନିଭେଲ୍‌ଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ରାଷ୍ଟ୍ରପତି ୨୦୨୬ ଜାନୁଆରୀରେ ପଦ୍ମ ପୁରସ୍କାରର ଘୋଷଣା କରିଥିଲେ। ଏଥିପାଇଁ ଖେଳ ଜଗତର ୯ ଜଣଙ୍କୁ ମନୋନୀତ କରାଯାଇଥିଲା। ଭାରତୀୟ ମହିଳା କ୍ରିକେଟ୍ ଟିମ୍ କ୍ୟାପ୍‌ଟେନ୍ ହରମନପ୍ରୀତ୍ କୌରଙ୍କୁ ତାଙ୍କ ଚମତ୍କାର ନେତୃତ୍ୱ ଏବଂ ଉପଲବ୍ଧି ପାଇଁ ପଦ୍ମଶ୍ରୀ ସମ୍ମାନ ଦିଆଯାଇଛି। ୨୦୨୫ ବର୍ଷ ତାଙ୍କ କ୍ୟାରିୟର୍ ପାଇଁ ବିଶେଷ ଖାସ୍ ଥିଲା। ଏହି ବର୍ଷ ଘରୋଇ ମାଟିରେ ଭାରତୀୟ ମହିଳା ଟିମ୍‌କୁ ପ୍ରଥମ ଥର ବିଶ୍ୱକପ୍ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ସହିତ ଦେଶର ନାମ ଉଜ୍ଜ୍ୱଳ କରିଥିଲେ। ଅନ୍ୟପକ୍ଷରେ ଆଜି ପଦ୍ମଶ୍ରୀରେ ସମ୍ମାନିତ ହୋଇଥିବା ପାରା-ଆଥ୍‌ଲେଟ୍ ପ୍ରବୀଣ କୁମାର ୨୦୨୪ ପ୍ୟାରିସ୍ ଅଲିମ୍ପିକ୍‌ରେ ସ୍ୱର୍ଣ୍ଣ ପଦକ ଏବଂ ୨୦୨୦ ଟୋକିଓ ପାରାଲିମ୍ପିକ୍‌ରେ ରୌପ୍ୟ ପଦକ ଜିତିଥିଲେ। ପୁଡୁଚେରୀର ସିଲମ୍ବମ ବିଶେଷଜ୍ଞ କେ. ପାଜନିଭେଲ୍‌ଙ୍କୁ ପାରମ୍ପରିକ ମାର୍ଶାଲ୍ ଆର୍ଟ କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ଆଜି ରାଷ୍ଟ୍ରପତି ପଦ୍ମଶ୍ରୀରେ ସମ୍ମାନିତ କରିଛନ୍ତି।

# ମ୍ୟାଚ୍ ବେଳେ ପୂର୍ବତନ ରଣଜୀ ଖେଳାଳିଙ୍କ ହୃଦ୍‌ଘାତରେ ମୃତ୍ୟୁ



**ବେଙ୍ଗାଲୁରୁ,୨୫।୫/ଏଜେନ୍ସି:** କର୍ଣ୍ଣାଟକର ପୂର୍ବତନ ଫାଷ୍ଟ ବୋଲର୍ ଏସ୍‌ଏଲ୍ ଅକ୍ଷୟଙ୍କ ରବିବାର ହୃଦ୍‌ଘାତରେ ନିଧନ ହୋଇଛି। ସେ ୩୯ ବର୍ଷ ବୟସର ଥିଲେ। ଅକ୍ଷୟ ୨୦୧୪-୧୫ ସିଜନ୍‌ରେ ରଣଜୀ ଟ୍ରଫି ବିଜେତା କର୍ଣ୍ଣାଟକ ଟିମ୍‌ର ସଦସ୍ୟ ଥିଲେ। ଅକ୍ଷୟ ବେଙ୍ଗାଲୁରୁରେ କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ)ର ଥାର୍ଡ ଡିଭିଜନ ମ୍ୟାଚ୍‌ରେ ସାଫାୟର୍ ସିସି ପକ୍ଷରୁ ଖେଳୁଥିଲେ। ଚାରି ଓଭର୍ ବୋଲିଂ କରିବା ପରେ ସେ ଅସହଜ ଅନୁଭବ କରିବାରୁ ପଡ଼ିଆ ବାହାରକୁ ଚାଲିଯାଇଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ହସ୍ପିଟାଲ୍‌କୁ ନିଆଯାଇଥିଲା। ତେବେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷିତ କରିଥିଲେ। ପ୍ରାରମ୍ଭିକ ସୂଚନା ଅନୁସାରେ ତାଙ୍କ ମୃତ୍ୟୁ ହୃଦ୍‌ଘାତ କାରଣରୁ ହୋଇଥିବା ଜଣାପଡ଼ିଛି। କେଏସ୍‌ସିଏ ଏକ ବୟାନ ଜାରିକରି ଅକ୍ଷୟଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିଛି। ସଂଘ କହିଛି, 'ଅକ୍ଷୟ ପ୍ରଥମ ଶ୍ରେଣୀ କ୍ରିକେଟ୍‌ରେ କର୍ଣ୍ଣାଟକର ଚମତ୍କାର ପ୍ରତିନିଧିତ୍ୱ କରିଛନ୍ତି। ଖେଳ କ୍ୟାରିୟର୍ ଶେଷହେବା ପରେ ମଧ୍ୟ ସେ ପୂରା ସମର୍ପଣ ସହିତ କ୍ରିକେଟ୍‌ର ସେବା ଜାରି ରଖିଥିଲେ।' ସେହିପରି ପୂର୍ବତନ କ୍ରିକେଟର୍ ଡୋଡା ଗଣେଶ ମଧ୍ୟ ତାଙ୍କ ନିଧନରେ ଶୋକବ୍ୟକ୍ତ କରିଛନ୍ତି। ସୋସିଆଲ୍ ମିଡିଆ 'ଏକ୍ସ'ରେ ସେ ଲେଖିଛନ୍ତି 'କ୍ରିକେଟ୍ ଜଗତ ପାଇଁ ଏହା ଦୁଃଖର ଖବର। ମୋ ପାଖରେ ନିଜ ଦୁଃଖ ବ୍ୟକ୍ତ କରିବା ପାଇଁ ଶବ୍ଦ ନାହିଁ। ଶାନ୍ତ ସ୍ୱଭାବର ଅକ୍ଷୟ ୨୦୧୧-୧୨ରେ କର୍ଣ୍ଣାଟକ ପାଇଁ ଖେଳି ବଡ଼ ସଫଳତା ହାସଲ କରିଥିଲେ।'

କ୍ରିକେଟ୍‌ରୁ ସନ୍ନ୍ୟାସ ନେବାପରେ ଅକ୍ଷୟ କୋଚିଂ ସହ ଜଡ଼ିତ ଥିଲେ। ସେ କର୍ଣ୍ଣାଟକର ଅଣ୍ଡର-୧୯ ଟିମ୍ ସହିତ କାମ କରିଥିଲେ। ୨୦୧୧ରୁ ୨୦୧୩ ମଧ୍ୟରେ କର୍ଣ୍ଣାଟକ ପାଇଁ ସେ ୬ ପ୍ରଥମ ଶ୍ରେଣୀ, ତିନି ଲିଷ୍ଟ-୧ ଏବଂ ୯ ଟି-୨୦ ମ୍ୟାଚ୍ ଖେଳିଥିଲେ। ଫାଷ୍ଟ ବୋଲର୍ ଭାବେ ସେ ଘରୋଇ କ୍ରିକେଟ୍‌ରେ ନିଜର ପରିଚୟ ସୃଷ୍ଟି କରିଥିଲେ।

# ହେଡ୍‌ଙ୍କ ପତ୍ନୀଙ୍କୁ କୋହଲି ପ୍ରଶଂସକଙ୍କ ଟ୍ରୋଲ୍



**ନୂଆଦିଲ୍ଲୀ,୨୫।୫/ଏଜେନ୍ସି:** ଆଇପିଏଲ୍ ମ୍ୟାଚ୍‌ରେ ଟ୍ରାଭିସ୍ ହେଡ୍ ଓ ବିରାଟ କୋହଲି ମଧ୍ୟରେ ହୋଇଥିବା ବଚସା ଓ ହାଣ୍ଡସେକ୍ ଘଟଣାକୁ ନେଇ ବିବାଦ କମିବାର ନାଁ ଧରୁ ନାହିଁ। ଏହି ଘଟଣାକୁ ଉଭୟ ଖେଳାଳି ଭୁଲିଯିବାକୁ ଚେଷ୍ଟା କରୁଥିବାବେଳେ ପ୍ରଶଂସକମାନେ ଭୁଲିପାରୁନାହାନ୍ତି। ବିରାଟ କୋହଲିଙ୍କ ପ୍ରଶଂସକମାନେ ହେଡ୍‌ଙ୍କ ପତ୍ନୀଙ୍କୁ ଟ୍ରୋଲ୍ କରୁଛନ୍ତି। ଏପରିକି ତାଙ୍କ କନ୍ୟାଙ୍କ ସମ୍ପର୍କରେ ଅଭଦ୍ର ଏବଂ ଆପତ୍ତିଜନକ କମେଣ୍ଟ ମଧ୍ୟ କରୁଛନ୍ତି। ହେଡ୍‌ଙ୍କ ପତ୍ନୀ ଜେସିକା ଅଷ୍ଟ୍ରେଲିଆ ଖବରକାଗଜ 'ଦ ଆଡ୍‌ଭର୍ଟାଇଜର୍'କୁ କହିଛନ୍ତି - ଏସବୁ ମୋତେ ୨୦୨୩ ବିଶ୍ୱକପ୍ ଫାଇନାଲ୍ ପରେ ଟ୍ରୋଲିଂକୁ ମନେପକାଇ ଦେଉଛି। ଜେସିକା ଅଭିଯୋଗ କରିଛନ୍ତି ଯେ ତାଙ୍କୁ ଏବଂ ତାଙ୍କ ପରିବାରକୁ ସୋସିଆଲ୍ ମିଡିଆରେ ବିଭିନ୍ନ ପ୍ରକାରର ଧମକ ଓ ଅସଭ୍ୟ ଭାଷାରେ ଗାଳି ଦିଆଯାଉଛି। ଏପରି କି ତାଙ୍କ ବନ୍ଧୁ ବାନ୍ଧବଙ୍କୁ ମଧ୍ୟ ଛାଡ଼ ମିଳିନି। ମିଡିଆରେ ଖେଳାଳିଙ୍କ ପରିବାର ପ୍ରତି ସମ୍ମାନର ସହ ଆଚରଣ କରିବାକୁ ଜେସିକା ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ମେ' ୨୨ରେ ହାଇଦ୍ରାବାଦ ଓ ବେଙ୍ଗାଲୁରୁ ମଧ୍ୟରେ ହୋଇଥିବା ମ୍ୟାଚ୍ ବେଳେ ଟ୍ରାଭିସ୍ ହେଡ୍ ଓ ବିରାଟ କୋହଲିଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଏହାପରେ ମ୍ୟାଚ୍ ଶେଷରେ କୋହଲି ମଧ୍ୟ ହେଡ୍‌ଙ୍କ ସହ ହାତ ମିଳାଇନଥିଲେ।

## ଫ୍ରେଞ୍ଚ୍ ଓପନ୍‌ରେ ଭାରତୀୟ ବଂଶୋଦ୍ଭବ ନିଶେଶଙ୍କ ଚମତ୍କାର

# ଫ୍ରିଟ୍‌ଜଙ୍କୁ ହରାଇ ଘଟାଇଲେ ବିପର୍ଯ୍ୟୟ



**ପ୍ୟାରିସ୍,୨୫।୫/ଏଜେନ୍ସି:** ଭାରତୀୟ ବଂଶୋଦ୍ଭବ ଯୁବ ଆମେରିକୀୟ ଖେଳାଳି ନିଶେଶ ବସାଭାରେଡ୍ଡୀ ଫ୍ରେଞ୍ଚ୍ ଓପନ୍ ୨୦୨୬ରେ ଟେନିସ୍ ଜଗତକୁ ଚକିତ କରିଛନ୍ତି। ରୋଲାଣ୍ଡ ଗାରୋସ୍‌ରେ ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ନିଶେଷ ସପ୍ତମ ସିଡ୍ ଟେଲର୍ ଫ୍ରିଟ୍‌ଜଙ୍କୁ ହରାଇ ଟୁର୍ଣ୍ଣାମେଣ୍ଟରେ ସବୁଠୁ ବଡ଼ ବିପର୍ଯ୍ୟାୟ ଘଟାଇଛନ୍ତି। ୨୧ ବର୍ଷୀୟ ନିଶେଶ ଚାରି ସେଟ୍ ପର୍ଯ୍ୟନ୍ତ ଚାଲିଥିବା ମ୍ୟାଚ୍‌ରେ ଫ୍ରିଟ୍‌ଜଙ୍କୁ ୭-୬(୫), ୭-୬(୫), ୬-୭(୯), ୬-୧ରେ ମାତ୍ ଦେଇଛନ୍ତି। ବିଶ୍ୱର ୧୪୮ତମ ର୍‍ୟାଙ୍କର ଖେଳାଳିଙ୍କ ଠାରୁ ଏପରି ଆଶା ବହୁ କମ୍ ଥାଏ। ମାତ୍ର ସେ ଚମତ୍କାର ଖେଳ ଦେଖାଇ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି।

ଚତୁର୍ଥ ସେଟ୍‌ରେ ଫ୍ରିଟ୍‌ଜ ସମ୍ପୂର୍ଣ୍ଣ ଚାପଗ୍ରସ୍ତ ହୋଇ ହାରିଯିବା ମାତ୍ରେ ହିଁ ସୁଜେନ୍ ଲେଙ୍ଗ୍‌ଲେନ୍ କୋର୍ଟରେ ପରିବେଶ ବଦଳି ଯାଇଥିଲା। ଦର୍ଶକମାନେ ଛିଡ଼ାହୋଇ ନିଶେଶଙ୍କ ଜୋରଦାର ସ୍ୱାଗତ କରିଥିଲେ ଏବଂ ପୂରା ଷ୍ଟାଡିୟମ୍ 'ନିଶେଶ ନିଶେଶ' ନାରାରେ ଗୁଞ୍ଜି ଉଠିଥିଲା। ଫ୍ରେଞ୍ଚ୍ ଦର୍ଶକଙ୍କ ଏହି ସମ୍ମାନ ଯୁବ ଖେଳାଳିଙ୍କ ପାଇଁ ବିଶେଷ କ୍ଷଣ ହୋଇଛି। ଏହା ଟପ୍-୧୦ ଖେଳାଳିଙ୍କ ବିପକ୍ଷରେ ତାଙ୍କ କ୍ୟାରିୟର୍‌ର ପ୍ରଥମ ବିଜୟ। ଏହା ସହିତ ୨୦୦୦ ପରେ ରୋଲାଣ୍ଡ ଗାରୋସ୍‌ରେ କୌଣସି ଟପ୍-୧୦ ଖେଳାଳିଙ୍କୁ ହରାଇବାରେ ନିଶେଶ ପ୍ରଥମ ଆମେରିକୀୟ ପୁରୁଷ ଖେଳାଳି ମଧ୍ୟ ହୋଇଛନ୍ତି।

# ଏଫ୍-୧ରେ ଆଣ୍ଟୋନେଲିଙ୍କ ଲଗାତାର ଚତୁର୍ଥ ବିଜୟ



**ମଣ୍ଟ୍ରିଲ୍,୨୫।୫/ଏଜେନ୍ସି:** ୧୯ ବର୍ଷୀୟ ଫର୍ମୁଲା-ୱାନ୍ ଡ୍ରାଇଭର୍ କିମି ଆଣ୍ଟୋନେଲି ରବିବାର ମଣ୍ଟ୍ରିଲ୍‌ରେ କାନାଡିଆନ୍ ଗ୍ରାଁପ୍ରି ଜିତି ଇତିହାସ ରଚିଛନ୍ତି। ଏହା ଚଳିତ ସିଜନ୍‌ରେ ତାଙ୍କର ଲଗାତାର ଚତୁର୍ଥ ରେସ୍ ବିଜୟ। ଫେରାରି ଡ୍ରାଇଭର୍ ଲୁଇସ୍ ହାମିଲ୍‌ଟନ୍ ଦ୍ୱିତୀୟ ଏବଂ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ରହିଥିଲେ। ଆଣ୍ଟୋନେଲି ୧୯୫୨ରେ ଆଲବର୍ଟୋ ଆସ୍କାରିଙ୍କ ପରେ ଲଗାତାର ଚାରିଟି ରେସ୍ ଜିତିବାରେ ପ୍ରଥମ ଇଟାଲୀୟ ଡ୍ରାଇଭର୍ ହୋଇଛନ୍ତି। ଏହା ବ୍ୟତୀତ କ୍ରମାଗତ ପ୍ରଥମ ଚାରିଟି ରେସ୍ ଜିତିବାରେ ମଧ୍ୟ ଆଣ୍ଟୋନେଲି ପ୍ରଥମ ଏଫ୍୧ ଡ୍ରାଇଭର୍।

ଆଣ୍ଟୋନେଲି ସମଗ୍ର ରେସ୍‌ରେ ପ୍ରାଧାନ୍ୟ ବିସ୍ତାର କରି ଏକ ଘଣ୍ଟା ୨୮ ମିନିଟ୍ ଓ ୧୫ ସେକେଣ୍ଡରେ ଏହା ପୂରା କରିଥିଲେ। ହାମିଲ୍‌ଟନ୍ ତାଙ୍କଠାରୁ ପ୍ରାୟ ୧୧ ସେକେଣ୍ଡ ପଛରେ ଦ୍ୱିତୀୟ ଏବଂ ଭର୍ଷ୍ଟାପେନ୍ ତୃତୀୟ ସ୍ଥାନରେ ରହି ପୋଡିୟମ୍ ଫିନିସ୍ କରିଥିଲେ। ଏହି ବିଜୟ ଫଳରେ ଆଣ୍ଟୋନେଲି ୧୩୧ ପଏଣ୍ଟ ସହ ଡ୍ରାଇଭର୍ସ ଚାମ୍ପିଅନ୍‌ଶିପ୍ ଲିଡର୍ ହୋଇଛନ୍ତି। ତାଙ୍କ ସାଥୀ ଡ୍ରାଇଭର୍ ଜର୍ଜ ରସେଲ୍ ୮୮ ପଏଣ୍ଟ ସହ ଚାମ୍ପିଅନ୍‌ଶିପ୍‌ର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

ଏହି ରେସ୍ ଲୁଇସ୍ ହାମିଲ୍‌ଟନ୍‌ଙ୍କ ପାଇଁ ସ୍ୱତନ୍ତ୍ର ଥିଲା। ଫେରାରିରେ ଯୋଗଦେବା ପରେ ପ୍ରଥମ ଥର ପାଇଁ ସେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

# ସ୍ପେନ୍ ବିଶ୍ୱକପ୍ ଟିମ୍‌ରେ ଲାମିନ୍ ୟାମଲ୍

**ନୂଆଦିଲ୍ଲୀ,୨୫।୬/ଏଜେନ୍ସି:** ଫିଫା ବିଶ୍ୱକପ୍ ୨୦୨୬ ପାଇଁ ସ୍ପେନ୍ ସୋମବାର ୨୬ ଜଣିଆ ଟିମ୍ ଘୋଷଣା କରିଛି। ଫିଟ୍‌ନେସ୍ ସମ୍ବନ୍ଧୀୟ ଚିନ୍ତା ସତ୍ତ୍ୱେ ୧୮ ବର୍ଷୀୟ ଲାମିନ୍ ୟାମଲ୍‌ଙ୍କୁ ଟିମ୍‌ରେ ସାମିଲ କରାଯାଇଛି। ତେବେ ଗତ ସପ୍ତାହରେ ଗୋଡ ଫ୍ରାକ୍‌ଚର୍‌ର ସର୍ଜରୀ କରାଇଥିବା ମିଡ୍‌ଫିଲ୍ଡର୍ ଫାର୍ମିନ୍ ଲୋପେଜ୍‌ଙ୍କୁ ଟିମ୍‌ରୁ ବାଦ୍ ଦିଆଯାଇଛି। ସ୍ପେନ୍‌ର ମିଡ୍‌ଫିଲ୍ଡରେ ପେଦ୍ରୀ, ରୋଡ୍ରି ଏବଂ ଫାବିୟନ୍ ରୁଇଜ୍‌ଙ୍କ ପରି ଖେଳାଳିଙ୍କୁ ସାମିଲ କରାଯାଇଛି। ସେମାନେ ଟିମ୍‌ପାଇଁ ମେରୁଦଣ୍ଡର କାମ କରିବେ। ଏହା ବ୍ୟତୀତ ନିକୋ



ୱିଲିୟମ୍ସ, ଦାନୀ ଓଲ୍‌ମୋ ଏବଂ ଫେରାନ୍ ଟେରେସ୍‌ଙ୍କୁ ଫରୱାର୍ଡ ବାହିନୀରେ ସ୍ଥାନ ମିଳିଛି। ସ୍ପେନ୍‌କୁ ୨୦୨୪ର ୟୁଇଏଫ୍‌ଏ ୟୁରୋ କପ୍ ଜିତାଇଥିବା ଖେଳାଳିଙ୍କୁ ନେଇ ସ୍ପେନ୍ ମୁଖ୍ୟ କୋଚ୍ ଲୁଇସ୍ ଡେ ଲା ଫୁଏନ୍ତେ ଏକ ସନ୍ତୁଳିତ ଟିମ୍ ଚୟନ କରିଛନ୍ତି। ଫିଫା ବିଶ୍ୱକପ୍ ୨୦୨୬ ଜୁନ୍ ୧୧ରୁ ଆରମ୍ଭ ହେବାକୁ ଥିବାବେଳେ ଫୁଟ୍‌ବଲ୍‌ର ଏହି ମହାକୁମ୍ଭ ଆମେରିକା, ମେକ୍ସିକୋ ଏବଂ କାନାଡାରେ ଖେଳାଯିବ।

ବିଶ୍ୱକପ୍ ଅଭିଯାନ ଆରମ୍ଭ କରିବା ପୂର୍ବରୁ ସ୍ପେନ୍ ଜାତୀୟ ଟିମ୍ ଜୁନ୍ ୪ ଓ ୮ ତାରିଖରେ ଇରାକ ଏବଂ ପେରୁ ଜାତୀୟ ଟିମ୍ ବିପକ୍ଷରେ ଦୁଇଟି ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ସ୍ପେନ୍‌କୁ ଫିଫା ବିଶ୍ୱକପ୍‌ର ଗ୍ରୁପ୍-ଏଚ୍‌ରେ କେପ୍ ବର୍ଡେ, ସାଉଦୀ ଆରବ ଏବଂ ଉରୁଗୁଏ ଟିମ୍ ସହିତ ରଖାଯାଇଛି। ଟିମ୍ ଜୁନ୍ ୧୪ରେ କେପ୍ ବର୍ଡେ ବିପକ୍ଷରେ ନିଜର ପ୍ରଥମ ମ୍ୟାଚ୍ ଖେଳିବ।

## ଇରାନ୍‌ର ଅନୁରୋଧ ରଖିଲା ଫିଫା

# ଟ୍ରେନିଂ କ୍ୟାମ୍ପ ଆମେରିକାରୁ ମେକ୍ସିକୋ ସ୍ଥାନାନ୍ତର



**ତେହରାନ,୨୫।୫/ଏଜେନ୍ସି:** ଜୁନ୍ ୧୧ ତାରିଖରୁ ଆରମ୍ଭ ହେବାକୁଥିବା ଫିଫା ବିଶ୍ୱକପ୍ ୨୦୨୬ ପାଇଁ ଇରାନ ପକ୍ଷରୁ ଟିମ୍‌ର ଟ୍ରେନିଂ କ୍ୟାମ୍ପ ଆମେରିକାରୁ ମେକ୍ସିକୋକୁ ସ୍ଥାନାନ୍ତର କରିବା ଲାଗି କରାଯାଇଥିବା ଅନୁରୋଧକୁ ଫିଫା ଆନୁଷ୍ଠାନିକ ଭାବେ ମଞ୍ଜୁରୀ ପ୍ରଦାନ କରିଛି।

ଫଳରେ ଇରାନ ଜାତୀୟ ଟିମ୍ ଏବେ ଆମେରିକାର ଆରିଜୋନା ବଦଳରେ ମେକ୍ସିକୋର ତିଜୁଆନାଠାରେ ଟ୍ରେନିଂ କ୍ୟାମ୍ପ କରିବ। ଆମେରିକାରେ ଯାତ୍ରା କଟକଣା ଓ ଭିସା ସମ୍ପର୍କିତ ସମସ୍ୟାକୁ ନେଇ ଇରାନ ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଥିଲା।

ଫିଫାର ଏହି ନିଷ୍ପତ୍ତି ସମ୍ପର୍କରେ ଫୁଟ୍‌ବଲ୍ ଫେଡେରେସନ୍ ଇସ୍ଲାମିକ ରିପବ୍ଲିକ ଅଫ୍ ଇରାନ୍ (ଏଫ୍‌ଏଫ୍‌ଆଇଆର୍‌ଆଇ) ସଭାପତି ମେହଦି ତାଜ୍ ସୂଚନା ଦେଇଛନ୍ତି। ତିଜୁଆନାଠାରେ କ୍ୟାମ୍ପ କରିବା ଦ୍ୱାରା ଟିମ୍‌ର ଖେଳାଳିଙ୍କ ଯାତ୍ରା ବ୍ୟବସ୍ଥା ସରଳ ହୋଇପାରିବ ଏବଂ ଇରାନ ଏୟାର୍ ଦ୍ୱାରା ପରିଚାଳିତ ଫ୍ଲାଇଟ୍‌ର ଫାଇଦା ମଧ୍ୟ ନେଇପାରିବ। ତିଜୁଆନା ଆମେରିକା ସୀମାନ୍ତ ସାନ୍ ଡିଏଗୋ ସହର ନିକଟତର ହୋଇଥିବାରୁ ଇରାନ୍ ଟିମ୍ ମାତ୍ର ଏକ ଘଣ୍ଟା ମଧ୍ୟରେ ଗ୍ରୁପ୍ ମ୍ୟାଚ୍ ପାଇଁ ଲସ୍‌ଏଞ୍ଜେଲ୍ସରେ ପହଞ୍ଚିପାରିବ।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra